


ମାଟ୍ରିକ୍ ପରୀକ୍ଷା ନମୁନା ପ୍ରଶ୍ନୋତ୍ତର


ପୃଷ୍ଠା ୧୪ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-178 • BHUBANESWAR • SATURDAY • 23 DECEMBER 2023 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୧୭୮ • ଭୁବନେଶ୍ୱର • ଶନିବାର • ୨୩ ଡିସେମ୍ବର ୨୦୨୩ • ପୃଷ୍ଠା-୧୬ • ଟ.୬.୦୦



DSPL-481

ODISHA
INDIA'S BEST KEPT SECRET.

#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

## ନୂଆ-ଓ ଉତ୍ସବ, କୋରାପୁଟ

ସ୍ଥାନ : ସରକାରୀ ମହାବିଦ୍ୟାଳୟ, କୋରାପୁଟ | ସମୟ : ପୂର୍ବାହ୍ନ ୧୦ ରୁ

### ୨୩ ଡିସେମ୍ବର, ୨୦୨୩

ଆମ ଓଡ଼ିଶା
ନବୀନ ଓଡ଼ିଶା

OIPR-29001/13/0122/2324

# ଗାଆଁ ଗାଆଁରେ ଚର୍ଚ୍ଚା ଚାଲିଚି ମୋ' ନାଆଁରେ

ମିଳନର ପର୍ବ ଚାଲିଲାଣି। ଯାକୁ ମହାମିଳନର ପର୍ବ ବି କୁହାଗଲାଣି। ଚାଲିଚି – ଚାଲିବ ବି ଆଗକୁ – ବେଶ୍ କେଇମାସ। ଟୁପୁରୁଟାପୁରୁ, ଫୁସୁରୁ ଫାସୁରୁ ଶୁଭିଲାଣି। ଶୁଣାଯାଉଚି –

"ଯେ ତା ସାଙ୍ଗେ ପଳେଇବ ବୋଧେ।"

"ଯାର ତା' ସାଙ୍ଗେ ଭିତିରି ଭାବ ଅଛି।"

"ସେ ଏବେ ସେ ଅଞ୍ଚଳକୁ ଏତେ ଯାଉଚି କାହିଁକି?"

"ମୁଁ ସେ ଦି'ଜଣଙ୍କୁ ଏକାଠି ଗୋଟିଏ ଜାଗାରେ ଦେଖିଚି।"

"ଆଗେ ସେ ତାହାକୁ ଏତେ ଗାଳି ଦେଉଥିଲା। ଏବେ ତ ବଚନ ବାହାରୁନି। ଭାବ ଦିଆନିଆ ଚାଲିଚି ବୋଧେ।"

**ହାଟ ମଝିରେ ବ୍ରହ୍ମଜ୍ଞାନ**

ଏଇମିତି ଏକ ଛକାପଂଝା ଚାଲିଚି ଏବେ। ପରସ୍ପର ଭିତରେ ପ୍ରବଳ ସନ୍ଦେହ। ସମସ୍ତେ ଗୋଟାଏ ଅଜଣା ଭୟରେ ଡରୁଚନ୍ତି, ଥରୁଚନ୍ତି। ଏ ହାଡ଼ଭଙ୍ଗା ଶୀତରୁ ବେଶି ଥରଉଚି ଏଇ ଭୟଟି।

ମୋ' ଭିତରେ ବି ଭୟ। ପ୍ରଶ୍ନ ଉଠିପାରେ – ମୁଁ ସେଆଡ଼େ ମନ ବଳେଇଚି କାହିଁକି ? ଏ ମିଳନ ବିଚ୍ଛେଦ ସହ ମୋ'ର ବା ସମ୍ପର୍କ କ'ଣ ! ମୁଁ ତ ସେ ଜଗତର ମଣିଷ ନୁହଁ। ମତେ କିଏ କ'ଣ ଜବରଦସ୍ତି ଟାଣିକି ନେଇ ପଳଉଚି କି?

ସେ ଯାହାହେଉ, ମୋର କୁଆଡ଼େ ଯିବାର ନାହିଁ। ମୁଁ ଏବେ ସବୁବେଳେ ପ୍ରାୟ ବିଛଣାରେ। ମୋଟା ରେଜେଇଟେ ଘୋଡ଼େଇ ହେଇ ବସିଚି। ମଝି ମଝିରେ ଥରିଥରି କହୁଚି "ଓଃ କି ଜାଡ଼ !" ପତ୍ନୀ କହୁଚନ୍ତି, "ଧେତ୍ ବିଛଣା ଛାଡ଼। ତମେ କ'ଣ ରିଟାୟାରମେଣ୍ଟ ନେଇଥିଲ ଏଇଥି ପାଇଁ ? ଯାଉନ କୁଆଡୁ ଟିକିଏ ବୁଲି ଆସିବ।"

ପତ୍ନୀଙ୍କୁ ମୋ' ଦୁଃଖ ଜଣେଇଲି, "ସେଇଟା ତ ଅଡୁଆ ! ଏଣେ ରିଟାୟାର୍‌ମେଣ୍ଟ ନେଇଛି। ତେଣେ ଯଦି କୁଆଡ଼େ ଯାଉଛି ଲୋକଙ୍କର ବେଶି ସନ୍ଦେହ ବଢୁଚି। ଲୋକେ ଭାବୁଛନ୍ତି – ମୋ'ର କା' ସାଙ୍ଗେ ଆଉ ଭିତିରି ଭାବଦିଆ ନାହିଁ ତ ! ଏବେ ଯୋଉ ଆମ ଅଞ୍ଚଳକୁ ଯାଇଥିଲି – ଗାଆଁ ଗାଆଁରେ, ଚର୍ଚ୍ଚା ଚାଲିଚି ମୋ' ନାଆଁରେ।"

ଚିହିକି ଉଠିଲେ ଘରଣୀ। "କ'ଣ କହିଲ? ଗାଆଁକୁ ଯାଇ ଏମିତି ସବୁ କାଣ୍ଡ ଭିଆଇ ଆସିଚ? ରିଟାୟାରମେଣ୍ଟ ପରେ ଏସବୁ କାମ କରି ଅପବାଦ ମୁଣ୍ଡଉଚ, ଖରାପ ଲାଗୁନି ଟିକେ ତମକୁ?"

ପତ୍ନୀଙ୍କି ବୁଝେଇଲି। ପୂରା ଘଟଣାଟି ଶୁଣି ସାର, ତା'ପରେ କହିବ। ଘଟଣାଟିକୁ ବିସ୍ତୃତ ଭାବେ ଏଥର ପତ୍ନୀଙ୍କୁ ଶୁଣେଇଲି :-

ଟ୍ରେନ୍‌ରେ ଗାଆଁକୁ ଯାଇଥିଲି। ଷ୍ଟେସନ୍‌ରୁ ପୁଣି ଆମ ଗାଆଁ ତିରିଶ କିମି। ସେଇଠୁ ବସ୍ କି ଅଟୋ ଧରି ଯିବାକୁ ପଡ଼େ। ମୋ' ଭାଗ୍ୟଟି ସେଦିନ ଭଲ ଥିଲା । ମୁନା, ସମୀର ଆଉ ଟିକିନା ଦେଖା ହେଲେ ଷ୍ଟେସନ୍ ସାମ୍ନାରେ। ଦୁଇଟା ମଟରସାଇକଲ ଧରି ସେମାନେ ଆସିଥାନ୍ତି। ମତେ ଲିଫ୍ଟ ମିଳିଯିବ ଭାବି ମୁଁ ଖୁସି।

ମୁନା କହିଲା, "ଦାଦା ! ଆମେ ଏଇ ପାହାଡ଼ ପାଖକୁ ଆସିଥିଲୁ ବଣଭୋଜିରେ। ଆପଣ ଚାଲୁନାହାନ୍ତି ଆମ ସାଙ୍ଗରେ। ସେଠି ଭୋଜି ଖାଇଦେବା। ଗାଁର ଆହୁରି ପିଲା ଆସିଚନ୍ତି। ସେମାନଙ୍କ ସାଙ୍ଗେ ମିଶିକି ପଳେଇବା ଗାଁକୁ।

ପ୍ରସ୍ତାବରେ ରାଜି ହେଲି। ସେମାନେ କିଣୁଥିବା ଥଣ୍ଡା ପଇସାଟା ଦେଇ ତାଙ୍କ ସାଙ୍ଗେ ବଣଭୋଜିରେ ଯୋଗଦେଲି। ଭୋଜିସାରି ପ୍ରାୟ ଦଶଟି ମଟରସାଇକଲରେ କୋଡ଼ିଏ ପିଲାଙ୍କ ସହ ମେଳି ହେଇ ଗାଁକୁ ଚାଲିଲୁ। ବାଟରେ କିଛି ଲୋକ ଚାହିଁଥାନ୍ତି। କିଛି ଦଳିଆ ମୁଖ୍ୟ ବି ତାଙ୍କ ଭିତରେ ଥାଆନ୍ତି। ସେମାନଙ୍କ ମନରେ ଘୋର ସନ୍ଦେହ –"ରିଟାୟାର୍‌ମେଣ୍ଟ ନେଇଚି, ପୁଣି ଗାଆଁକୁ ମେଳି ହେଇ ଆସିଚି। ମତଲବ ତ ସ୍ପଷ୍ଟ।"

ଘରଣୀ ପଚାରିଲେ – "କି ଭୟ ତାଙ୍କର ? ତମେ ତ ରାଜନୀତିର ଧାର ଧାରିବାର ନାହିଁ। ସେମାନେ ଡରୁଚନ୍ତି କାହିଁକି" ପତ୍ନୀଙ୍କୁ ପୁଣି ବ୍ରହ୍ମଜ୍ଞାନ ଶୁଣେଇଲି:-

ଥରେ ନାରଦମୁନି ହିମାଳୟରେ ଏକ ସୁନ୍ଦର ଗୁମ୍ଫା ଦେଖିଲେ। କଡ଼ରେ ଗଙ୍ଗାନଦୀ ବହୁଚି। ଏଭଳି ସୁନ୍ଦର ଆଶ୍ରମ ଦେଖି ତାଙ୍କର ଇଚ୍ଛା ହେଲା ସେଇଠି ତପସ୍ୟା କରିବେ। ପରମପଦ ଲାଭ କରିବେ। କିନ୍ତୁ ଇନ୍ଦ୍ରଙ୍କୁ ଭୟ ଗ୍ରାସିଲା। ନାରଦ ଆଉ ତାଙ୍କ ଇନ୍ଦ୍ରପଦ ଛଡ଼େଇ ନେବେନି ତ !!!

ଇନ୍ଦ୍ରଙ୍କୁ ସଦା ଏକ ଡର ମାଡ଼ଇ
ଇନ୍ଦ୍ରପୁରୀ କାଳେ କେ ନେବ ଛଡ଼ାଇ।
ଯେ ଅତି ଲୋଭୀ କାମୀ ଏ ଜଗତରେ
କୁଟିଳ କୁଆ ପରି ସଭିଙ୍କି ଡରେ।
ଶୁଖିଲା ହାଡ଼ ଧରି ଧାଏଁ କୁକୁର
ସିଂହ ଛଡ଼ାଇ ନେବ ମନରେ ଡର।
ତେହ୍ନେ ନାରଦମୁନି ନେବେ ମୋ ରାଜ୍ୟ
ଭାବିବାକୁ ଇନ୍ଦ୍ରକୁ ନ ମାଡ଼େ ଲାଜ।

( ମାନସ ପଦାବଳୀ)

ସବୁ ଶୁଣି ପତ୍ନୀ କହିଲେ, "ଓଃ ରାଜନୀତିରେ କିଛି ଇନ୍ଦ୍ର ଅଛନ୍ତି। ତାଙ୍କ ଇନ୍ଦ୍ରପଦ ହରେଇବା ଭୟରେ ସେମାନେ ଅନ୍ୟକୁ ସନ୍ଦେହ କରନ୍ତି?"

ମୁଁ କହିଲି, "ନା ।କେବଳ ରାଜନୀତିରେ ନୁହେଁ, ଚାକିରି, କଳା, ସାହିତ୍ୟ ଠୁ ଆରମ୍ଭ କରି ତଥାକଥିତ ଅଧ୍ୟାତ୍ମ ଜଗତରେ ମଧ୍ୟ ଏଭଳି ଇନ୍ଦ୍ରମାନେ ଅଛନ୍ତି। କେହି କାଳେ ତାଙ୍କ ପଦ ଛଡ଼େଇ ନେବ, ସେମାନେ ଚିନ୍ତିତ।" ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

# ଜାତୀୟ କୃଷକ ଦିବସ



**ଅନ୍ନଦାତାଙ୍କ ଦିନ**

କ୍ଷୁଧାମୁକ୍ତ ସମାଜ ଗଠନ କରିବାରେ କୃଷକମାନଙ୍କ ଅବଦାନ ଅତୁଳନୀୟ। କୃଷକମାନେ ହିଁ ଦେଶର ଅର୍ଥନୀତିର ମେରୁଦଣ୍ଡ। କୃଷକଟିଏ ମୁଣ୍ଡଝାଳ ତୁଣ୍ଡରେ ମାରି ଦେଶବାସୀଙ୍କୁ ଖାଦ୍ୟ ଯୋଗାଏ। ସେଥିପାଇଁ ତ ସେ ଅନ୍ନଦାତା'। ଏହି କଥାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ। ତାଙ୍କ ଜନ୍ମଦିନ ଡିସେମ୍ବର ୨୩କୁ ସାରା ଦେଶ 'ଜାତୀୟ କୃଷକ ଦିବସ' ରୂପେ ପାଳନ କରିଥାଏ । ପ୍ରଧାନମନ୍ତ୍ରୀ ଚରଣ ସିଂ ତାଙ୍କ କାର୍ଯ୍ୟକାଳରେ ଦେଶର କୃଷକମାନଙ୍କର ରୋଜଗାର ବୃଦ୍ଧି, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀର ପରିବର୍ତ୍ତନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ । ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ବହୁତ କମ୍ ଦିନ କାର୍ଯ୍ୟ କରିଛନ୍ତି । ହେଲେ କୃଷକ ଓ କୃଷି କ୍ଷେତ୍ରରେ ସେ ଯେଉଁଭଳି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାକୁ ନଜରରେ ରଖି ୨୦୦୧ ମସିହାରେ ତାଙ୍କ ସମ୍ମାନରେ ଭାରତ ସରକାର ପ୍ରତିବର୍ଷ ଡିସେମ୍ବର ୨୩ ତାରିଖକୁ କୃଷକ ଦିବସ ରୂପରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଚରଣ ସିଂହ ନିଜେ କୃଷକ ପରିବାରରେ ଜନ୍ମ ହୋଇଥିଲେ। ସେ କୃଷକଙ୍କ ସମସ୍ୟାକୁ ଅଙ୍ଗେ ନିଭାଇଥିଲେ। ଦେଶର ପ୍ରତିଟି ନାଗରିକ କୃଷକଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ଚରଣ ସିଂହ ଦେଶବାସୀଙ୍କୁ ଜଣାଇବାକୁ ଚାହୁଁଥିଲେ। ଏହି ଦିବସ ପାଳନ ହେବାର ଆଉ ଏକ କାରଣ ହେଲା କୃଷକଙ୍କର ଯୋଗଦାନକୁ ସ୍ମରଣ କରାଇବା। କୃଷି କ୍ଷେତ୍ରରେ ପରିବର୍ତ୍ତନ ସହ କୃଷକମାନଙ୍କୁ ସଶକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏନେଇ ଆୟୋଜିତ ହେଉଥିବା ସମାରୋହମାନଙ୍କରେ କୃଷିକ୍ଷେତ୍ର ଓ କୃଷକମାନଙ୍କ ପାଇଁ ଥିବା ସମସ୍ୟା ଉପରେ ଆଲୋଚନା କରାଯାଏ । ଏହାସହ ସେମାନେ କିଭଳି ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇବେ ସେନେଇ ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ । ଏହି ଦିନ କୃଷି ଉପରେ ବିଭିନ୍ନ କାର୍ଯ୍ୟକ୍ରମ, ସେମିନାର, ଉତ୍ସବ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୮୯୪- ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ପୁଷ୍ ମେଳାର ଉଦ୍‌ଘାଟନ କଲେ।
- ୧୯୦୨- ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମ।
- ୧୯୨୧-ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ।
- ୧୯୨୨- ବିବିସି ରେଡିଓ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୨୦୦୦-ପଶ୍ଚିମବଙ୍ଗର ରାଜଧାନୀର ନାମ କଲିକତାକୁ ବଦଳାଇ କୋଲକାତା କରାଗଲା।
- ୨୦୦୮ -ସଫ୍ଟୱେର୍ କମ୍ପାନି 'ସତ୍ୟମ୍' ଉପରେ ବିଶ୍ୱବ୍ୟାଙ୍କ ପ୍ରତିବନ୍ଧକ ଲଗାଇଲା।

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



**ଆଜି ଆସିଥିଲେ**

ଓଡ଼ିଶାର ରଙ୍ଗମଞ୍ଚ ଆନ୍ଦୋଳନର ସୂତ୍ରଧର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ କବି, ନାଟ୍ୟକାର, ଗବେଷକ,ସଙ୍ଗୀତ ନିର୍ଦ୍ଦେଶକ, ଗାୟକ ଓ ଅଭିନେତା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' କୁହାଯାଏ। ୧୯୨୯ରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ନାମରେ ରଙ୍ଗମଞ୍ଚ ଗଠନ କରି ସେ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନାଟକ ଗାର୍ଲସ ସ୍କୁଲ (୧୯୩୯) ଓଡ଼ିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲା। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା।

କାଳୀଚରଣ ୧୮୯୭ ମସିହା ଆଜିର ଦିନରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେୱାନ୍ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁତାନକୁ ଉପାଦାନ କରି ଲେଖୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସେ ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକ ରେଭେନ୍‌ସା କଲେଜରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକୀୟ ଗୁଣାବଳୀ ବିକଶିତ ହୋଇଥିଲା। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ରେ ଆଇଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଗଜପତି ରାମଚନ୍ଦ୍ର ଦେବଙ୍କର ରାଜଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଂକୃତ କରିଥିବା କାଳୀଚରଣ ପଟ୍ଟନାୟକ ଗଜପତିଙ୍କ ଦ୍ୱାରା ୧୯୨୭ ମସିହାରେ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞାପ୍ରାପ୍ତ ହୋଇଥିଲେ । ୧୯୪୪ ମସିହାରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ନାଟ୍ୟାଚାର୍ଯ୍ୟ' ଉପାଧିରେ ସମ୍ମାନିତ କରିଥିଲା। ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା, କିନ୍ତୁ ଅଭିମାନରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୭୭ରେ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ଭାତ', 'ଅଭିଯାନ', 'ଚକ୍ରୀ', 'ରକ୍ତମାଟି', 'ହରଣଚାଳ' ଆଦି ତାଙ୍କର ଶ୍ରେଷ୍ଠ କୃତି । ତାଙ୍କର ଶେଷ ଜୀବନ ବହୁ କଷ୍ଟରେ କଟିଥିଲା। ପତ୍ନୀଙ୍କ ଦେହାନ୍ତ ପରେ ସେ ଏକପ୍ରକାର ନିଃସଙ୍ଗ ଜୀବନ ବଞ୍ଚିଥିଲେ । ୨୪ ଜୁଲାଇ ୧୯୭୮ରେ ତାଙ୍କର ପରଲୋକ ହୋଇଥିଲା ।



# ବ୍ୟଞ୍ଜନ ଦ୍ୱାଦଶୀ

ମାର୍ଗଶିର ଶୁକ୍ଳପକ୍ଷ ଦ୍ୱାଦଶୀକୁ ବ୍ୟଞ୍ଜନ ଦ୍ୱାଦଶୀ କୁହାଯାଏ। ଏହି ଦ୍ୱାଦଶୀରେ ଅନୁଷ୍ଠିତ ଧର୍ମକର୍ମର ନିଶ୍ଚିତ ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଗୌଡ଼ୀୟ ସମ୍ପ୍ରଦାୟର ଅନୁଗାମୀମାନଙ୍କର ଏହା ଏକ ପ୍ରମୁଖ ପର୍ବ। ଆଜିର ଦିବସରେ ଯଶୋଦା ମା' ତାଙ୍କ ପୁତ୍ର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ନାନାଦି ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖୁଆଇଥିଲେ ବୋଲି କିମ୍ବଦନ୍ତୀ ରହିଛି। ମା' ଯଶୋଦା ହଠାତ୍ ଦିନେ ଦେଖିଲେ ତାଙ୍କର ଏକମାତ୍ର ପୁତ୍ର କାହ୍ନା ଝଡ଼ିଯାଇଛି। ନ ଖାଇ ନ ପିଇ ତାଙ୍କ ପୁଅ ଶୁଖିଗଲାଣି ବୋଲି ମାତା ଯଶୋଦା ଭାବିଲେ। ଏହାପରେ ନିଜେ ଯଶୋଦା ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଶ୍ରୀକୃଷ୍ଣଙ୍କୁ ଖୁଆଇଥିଲେ। ଏହି ପରମ୍ପରାକୁ ବଜାୟ ରଖି ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ପାଳନ କରାଯାଏ। ବ୍ୟଞ୍ଜନ ଦ୍ୱାଦଶୀ ପାଇଁ ପୁରୀର ଗୌରବିହାର ଆଶ୍ରମ ବା ମାତା ମଠ ଚଳଚଞ୍ଚଳ ହୋଇଉଠେ। ଏଠାରେ କେତେବେଳେ ୫୦୫, କେବେ ୫୫୫ ଆଉ କେତେବେଳେ ୭୦୭ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଶ୍ରୀକୃଷ୍ଣଙ୍କ ପାଖରେ ଭୋଗ କରାଯାଏ। ପ୍ରତିବର୍ଷ ଏ ଭୋଗ ସଂଖ୍ୟା ବଦଳିଥାଏ। ଏହା ମଧ୍ୟରେ ଥାଏ ୫୦ରୁ ଅଧିକ ପ୍ରକାରର ଅନ୍ନ, ୫୦ରୁ ଅଧିକ ପ୍ରକାରର ଡାଲି, ୫୦ ପ୍ରକାରର ଭଜା, ୧୦୦ରୁ ଅଧିକ ପ୍ରକାର ତରକାରି ଓ ୧୦୦ରୁ ଅଧିକ ପ୍ରକାରର ପିଠାମିଠା। ଆଶ୍ରମବାସୀ ପରିବାପତ୍ର କଟାକଟି କରିବା ସହିତ ଆନୁଷଙ୍ଗିକ ପ୍ରସ୍ତୁତି ପରେ ଅପରାହ୍ଣ ୨ଟାରୁ ଭୋଗ ଲଗାଇଥାନ୍ତି । ଏତେ ପ୍ରକାର ବ୍ୟଞ୍ଜନ ପରଷିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଖଲିପତ୍ର ବ୍ୟବହାର କରାଯାଇଥାଏ। ଏହି ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥାନ୍ତି।



# ଚଳନ୍ତା ଟ୍ରକ୍ ମଝିରେ ପୁଲ୍‌ଅପ୍

ସମ୍ପ୍ରତି ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ପାଇଁ ଲୋକେ ବହୁ ଦୁଃସାହସିକ ତଥା ବିପଜ୍ଜନକ କାର୍ଯ୍ୟ କରି ଦେଖାଉଛନ୍ତି। ଏହି କ୍ରମରେ ଏବେ ଆର୍ମେନିଆର ୧୮ ବର୍ଷୀୟ ଗ୍ରିଗୋର୍ ମନୁକ୍ୟାନ୍ ଦୁଇଟି ଚଳନ୍ତା ଟ୍ରକ୍‌ରେ ପୁଲ୍‌ଅପ୍ କରିଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏଥିପାଇଁ ସେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ତେବେ ତାଙ୍କର ଏହି ଦୁଃସାହସିକ କାର୍ଯ୍ୟକୁ ସେ ଦେଶର ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବା କହିଛନ୍ତି। ଗିନିଜ୍ ବିଶ୍ୱ ରେକର୍ଡ ଅନୁସାରେ, ଟ୍ରକ୍‌ର ଗତିକୁ ଘଣ୍ଟା ପ୍ରତି ୫ କିଲୋମିଟର ବେଗରେ ରଖିବାର ଥିଲା ଏବଂ ଗ୍ରିଗୋର୍ ଟ୍ରକ୍‌ରୁ ଖସି ନ ପଡ଼ି ତାଙ୍କ ପକ୍ଷେ ଯେତିକି ସମ୍ଭବ ଥିଲା ସେ ପୁଲ୍‌ଅପ୍ କରିଥିଲେ। ତେବେ ଗ୍ରିଗୋର୍ ଏହାକୁ କରିବା ସମୟରେ ୫୦ଟି ପୁଲ୍‌ଅପ୍ କରିବା ଆଶା ରଖିଥିଲେ। କିନ୍ତୁ ସେ ୪୪ ପୁଲ୍‌ଅପ୍‌ରେ ଅଟକି ଯାଇଥିଲେ। ଗ୍ରିଗୋର୍‌ଙ୍କ ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି। ଯେଉଁଥିରେ ଦେଖିବାକୁ ମିଳିଛି, ଦୁଇଟି ଟ୍ରକ୍ ମଝିରେ ଗୋଟିଏ ଷ୍ଟିଲ ରଡ୍ ଖଞ୍ଜାଯାଇଛି ଏବଂ ଗ୍ରିଗୋର୍ ତାକୁ ଧରି ପୁଲ୍‌ଅପ୍ କରିଛନ୍ତି। ଅନ୍ୟପଟେ ଗତବର୍ଷ ଇଟାଲୀର ତାଜିଓ ଗାଭିଓଲି ଚଳନ୍ତା ଟ୍ରକ୍‌ରେ ୩୫ଟି ପୁଲ୍‌ଅପ୍ କରିଥିଲେ। ଏବେ ଗ୍ରିଗୋର ତାଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ତେବେ ରେକର୍ଡ କରିବା ଗ୍ରିଗୋରଙ୍କ ପାଇଁ ଆଦୌ ନୂଆ କଥା ନୁହେଁ। ଗତବର୍ଷ ନଭେମ୍ବରରେ ସେ ହେଲିକପ୍ଟରରେ ଗୋଟିଏ ମିନିଟ୍‌ରେ ୩୭ଟି ଚିନ୍‌ଅପ୍ କରି ରେକର୍ଡ ବୁକ୍‌ର ଅଧିକାରୀ ହୋଇଥିଲେ। ଆଗାମୀ ଦିନରେ ସେ ଗୋଟିଏ ମିନିଟ୍‌ରେ ହେଲିକପ୍ଟରରେ ସବୁଠୁ ଅଧିକ ପୁଲ୍‌ଅପ୍ କରି ରେକର୍ଡ ହାସଲ କରିବା ଲକ୍ଷ୍ୟ ରଖିଛନ୍ତି।

# ଅପରିଚ୍ଛନ୍ନଙ୍କୁ ଜରିମାନା



ବିଶ୍ୱର ଯେକୌଣସି ସ୍ଥାନରେ ରହିବାକୁ ହେଲେ ସ୍ଥାନୀୟ ଅଞ୍ଚଳର ନୀତିନିୟମକୁ ମାନି ଚଳିବାକୁ ହୁଏ। ଯଦିଓ ଏହା କିଛି ନୂଆ କଥା ନୁହେଁ, କିନ୍ତୁ ଚୀନ୍‌ର ଏକ କାଉଣ୍ଟିରେ ଏପରି ନୀତିନିୟମ ଅଛି, ଯାହାକୁ ଶୁଣି ଯେକେହି ବି ଆଶ୍ଚର୍ଯ୍ୟ ହେବେ। ସୁସ୍ଥ ଜୀବନଶୈଳୀ ପାଇଁ ସ୍ୱଚ୍ଛତାର ଗୁରୁତ୍ୱ ଅଧିକ ରହୁଥିବାରୁ ଏଠାରେ ପରିଷ୍କାର ପରିଚ୍ଛନ୍ନ ନ ରହିଲେ, କିମ୍ବା ସ୍ୱାସ୍ଥ୍ୟକର ଖାଦ୍ୟପେୟ ନ ଖାଇଲେ ଏଥିପାଇଁ ଜରିମାନା ଦେବାକୁ ପଡ଼ିଥାଏ। ଚୀନ୍‌ର ଦକ୍ଷିଣ ପଶ୍ଚିମ ରାଜ୍ୟ ସିଚୁଆନ ପଞ୍ଚ କାଉଣ୍ଟିରେ ରହୁଥିବା ଲୋକଙ୍କ ଉପରେ ପ୍ରଶାସନ ପକ୍ଷରୁ ଅପରିଷ୍କାର ରହୁଥିବା ଲୋକଙ୍କ ଠାରୁ ଜରିମାନା ନେବାକୁ ନିୟମ କରାଯାଇଛି। ତେଣୁ ଏହି ନିୟମ ଅନୁଯାୟୀ ଏହି ସ୍ଥାନରେ ରହୁଥିବା ଲୋକେ ଯଦି ବିଛଣା ଠିକ୍ ଢଙ୍ଗରେ ନ ବିଛାନ୍ତି କିମ୍ବା ଘରେ ଅସନା ବାସନକୁସନ ପଡ଼ିରହିଥିଲେ, ଜରିମାନା ବାବଦରେ ୧୦ ୟୁଆନ୍ ତଥା ଭାରତୀୟ ମୁଦ୍ରା ହିସାବରେ ୧୧୬ଟଙ୍କା ଦେବାକୁ ପଡ଼େ। କେବଳ ସେତିକି ନୁହେଁ, ଏଠାରେ ଯଦି କୌଣସି ବ୍ୟକ୍ତି ଖାଇବା ସମୟରେ ସଠିକ୍ ଢଙ୍ଗରେ ବସିକରି ଖାଉ ନ ଥିବେ ତେବେ ତାଙ୍କୁ ୨୦ ୟୁଆନ୍ କିମ୍ବା ୨୩୩ ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ। ସେହିଭଳି ଘର କିମ୍ବା କାନ୍ଥରେ ଯଦି ବୁଢ଼ିଆଣୀ ବସା ଦେଖିବାକୁ ମିଳେ, ତେବେ ୫ ୟୁଆନ୍ ତଥା ୫୮ ଟଙ୍କା ଜରିମାନା ଦେବାକୁ ହୋଇଥାଏ। ସମାନ ଭାବେ ଯଦି କୌଣସି ଘର ସମ୍ମୁଖରେ ଆବର୍ଜନା ବା ବର୍ଜ୍ୟ ମିଳିଲେ ୧୧୬ ଟଙ୍କା ଅସୁଲ କରାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଜରିମାନା ଅର୍ଥକୁ ଗାଁର ଉନ୍ନତିରେ ଖର୍ଚ୍ଚ କରାଯାଏ।





# ପୁଣି ପ୍ରେମରେ ଅରବାଜ୍!

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ସାନ ଭାଇ ଅରବାଜ୍ ଖାନ୍ ତାଙ୍କ ଫିଲ୍ମ କ୍ୟାରିୟର୍ ଅପେକ୍ଷା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଥାଆନ୍ତି। ଇତିମଧ୍ୟରେ ଅରବାଜ୍‌ଙ୍କୁ ନେଇ ଏକ ନୂଆ ଖବର ଆସିଛି। ଅରବାଜ୍ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ଅରବାଜ୍ ପ୍ରଥମେ ମଲାଇକା ଆରୋରାଙ୍କୁ ୧୯୯୮ ମସିହାରେ ବିବାହ କରିଥିଲେ। ୨୦୧୬ରେ ଦୁହେଁ ଅଲଗା ହୋଇଯାଇଥିଲେ। ଏହାପରେ ଜର୍ଜିଆଙ୍କ ସହିତ ତାଙ୍କ ସମ୍ପର୍କ ଗଢ଼ିଉଠିଥିଲା। ୨୦୧୯ରେ ଜର୍ଜିଆ ଓ ଅରବାଜ୍ ରିଲେସନ୍‌ସିପ୍‌ରେ ଥିବା କଥାକୁ ସ୍ୱୀକାର କରିଥିଲେ। କିନ୍ତୁ ଗତବର୍ଷ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଖବର ସାମ୍ନାକୁ ଆସିଥିଲା। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଜର୍ଜିଆ ବ୍ରେକ୍‌ଅପ୍ କଥାକୁ ସ୍ୱୀକାର କରିଥିଲେ । ସଦ୍ୟ ଖବର ଅନୁଯାୟୀ, ଅରବାଜ୍ ପୁଣି ଥରେ ପ୍ରେମରେ ପଡ଼ିଛନ୍ତି। ବଲିଉଡ୍ ମେକ୍‌ଅପ୍ ଆର୍ଟିଷ୍ଟ ସୁରା ଖାନ୍‌ଙ୍କୁ ଅରବାଜ୍ ଡେଟ୍ କରୁଛନ୍ତି। ଉଭୟ ଅରବାଜ୍ ଓ ସୁରା ସେମାନଙ୍କ ସମ୍ପର୍କକୁ ନେଇ ବହୁତ ସିରିୟସ୍ ଅଛନ୍ତି ଓ ବହୁତ ଜଲ୍‌ଦି ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସୁରାଙ୍କ ସହିତ ଅରବାଜ୍‌ଙ୍କର ସାକ୍ଷାତ ତାଙ୍କର ଆଗାମୀ ଫିଲ୍ମ 'ପଟନା ଶୁକ୍ଳା' ସେଟ୍‌ରେ ହୋଇଥିଲା। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅରବାଜ୍ ଥିବାବେଳେ ଏଥିରେ ରବିନା ଟଣ୍ଡନ ଅଭିନୟ କରୁଛନ୍ତି। ଏହା ୨୦୨୪ରେ ରିଲିଜ୍ ହେବ। ଶୁରା ରବିନାଙ୍କ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ କାର୍ଯ୍ୟ କରନ୍ତି।

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ସମ୍ପତ୍ତି ବିବାଦ ସମାଧାନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ହେବ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-178 ♦BHUBANESWAR ♦SATURDAY ♦23 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୭୮ ♦ଭୁବନେଶ୍ୱର ♦ଶନିବାର ♦୨୩ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦



## ମାକ୍ରନ୍ ହେବେ ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି

■ **ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଭାରତର ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ସାମିଲ ହେବେ। ଫ୍ରାନ୍ସର ଷଷ୍ଠ ନେତା ଭାବେ ମାକ୍ରନ ଏହି ସମାରୋହରେ ଯୋଗ ଦେବାକୁ ଯାଉଛନ୍ତି। ଗଣତନ୍ତ୍ର ଦିବସ ପରେଡରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ନିମନ୍ତ୍ରଣ କରିଥିଲେ। ମାକ୍ରନ ମଧ ଏହି ନିମନ୍ତ୍ରଣକୁ ସ୍ୱୀକାର କରିଛନ୍ତି। ସେ ନିମନ୍ତ୍ରଣ ପାଇଁ ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି। ମିଳିତ ଭାବେ ଗଣତନ୍ତ୍ର ଦିବସ ପାଳନ କରିବା ବୋଲି କହିଛନ୍ତି। ଏହା ପୂର୍ବରୁ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ସେ ସାମିଲ ହେବା ପାଇଁ ମନା କରିବାରୁ ପ୍ରଧାନମନ୍ତ୍ରୀ ମୋଦୀ ମାକ୍ରନଙ୍କୁ ନିମନ୍ତ୍ରଣ କରିଥିଲେ। ସୂଚନାଯୋଗ୍ୟ ଯେ ୧୯୭୬ରୁ ଏ ପର୍ଯ୍ୟନ୍ତ ଫ୍ରାନ୍ସର ୫ ଜଣ ରାଷ୍ଟ୍ରପତି ଭାରତର ସାଧାରଣତନ୍ତ୍ର ଦିବସ ପରେଡରେ ସାମିଲ ହେଲେଣି।

### ଦେଶର ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହେବ ମହିମା ପୀଠ

# ଝଟକିବ ଯୋରନ୍ଦା

## ଖର୍ଚ୍ଚହେବ ୧୭୦ କୋଟି | ୩ ବର୍ଷରେ ସରିବ ପ୍ରକଳ୍ପ କାର୍ଯ୍ୟ



■ **ଢେଙ୍କାନାଳ, ୨୨।୧୨ (ସମିସ):** ଦେଶର ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଯୋରନ୍ଦା ମହିମା ପୀଠ। ମହିମାପୀଠ ରୂପାନ୍ତରଣ ପ୍ରକଳ୍ପ ପାଇଁ ୧୧୨ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଅନ୍ୟାନ୍ୟ ଖର୍ଚ୍ଚ ମିଶି ୧୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ପ୍ରକଳ୍ପ କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷହେବ। ଏହି ଅର୍ଥରେ ଯୋରନ୍ଦାଠାରେ ଉପାସନା ପୀଠ ଓ ବଡୀ ମଣ୍ଡପ ନିର୍ମାଣ, ଭବ୍ୟ ମହିମା ଗାଦି ଶୂନ୍ୟ ମଣ୍ଡପ ନିର୍ମାଣ ଏବଂ ମହିମା ଗାଦି ଚତୁଃପାର୍ଶ୍ୱ ଉନ୍ନତିକରଣ କାର୍ଯ୍ୟ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଯୋରନ୍ଦାଠାରେ ଏହି ପ୍ରକଳ୍ପର ଭୂମିପୂଜନ କରିବା ସହ ଆଗାମୀ ମାଘ ମେଳା ଓ ଅଗ୍ନି ପୂର୍ଣ୍ଣିମା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

**ଭୀମ ଭୋଇଙ୍କ ବାର୍ତ୍ତା ଓଡ଼ିଆ ଜାତିକୁ ଯୁଗେଯୁଗେ ପ୍ରେରଣା ଦେଇଆସିଛି: ମୁଖ୍ୟମନ୍ତ୍ରୀ**

▶ପୃଷ୍ଠା-୧୦

**ବିକାଶବିରୋଧୀଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ନିଶାଣ**

## ମହିମା ଗାଦି ବିକାଶ ରୋକିବା ଚକ୍ରାନ୍ତ ପଣ୍ଡ

■ **ଢେଙ୍କାନାଳ, ୨୨।୧୨ (ସମିସ):** ଯେବେ ଗୋଟିଏ ବଡ଼ କାମ କରିବାକୁ ହୁଏ ସେତେବେଳେ କିଛି ଲୋକ ତାକୁ ବିରୋଧ କରନ୍ତି। ମିଛ କହି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରନ୍ତି। ମହିମା ଗାଦିର ବିକାଶ କାର୍ଯ୍ୟ ବିରୋଧରେ ବି କିଛି ବିରୋଧୀ ଚକ୍ରାନ୍ତ କରିଛନ୍ତି। ଏହି ପୀଠର ରୂପାନ୍ତରଣକୁ ବନ୍ଦ କରିବାକୁ ବହୁ ଚେଷ୍ଟା କରିଛନ୍ତି। କିନ୍ତୁ କେବଳ ଲୋକଙ୍କ ମଙ୍ଗଳ, ସମସ୍ତଙ୍କ ଉନ୍ନତିରେ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏପରି ହୀନ ଚକ୍ରାନ୍ତ ଅଟକାଇ ପାରିନାହିଁ। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ ସହ ବିଭିନ୍ନ କାର୍ଯ୍ୟ ପାଇଁ ୧୭୦ କୋଟି ଟଙ୍କା

**ନିଃସ୍ୱାର୍ଥ ସେବା, ସ୍ୱଚ୍ଛତା, ସରଳତା, ସମାନତାର ପ୍ରତୀକ ମୁଖ୍ୟମନ୍ତ୍ରୀ**

**ରାଜ୍ୟର ୧୦୫ ମହିମା ଗାଦିର ଉନ୍ନତି ଲାଗି ୮.୩୦ କୋଟି ମଞ୍ଜୁର**

**ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶ୍ରେୟ ବଡ଼ ନୁହେଁ; ସେବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ: ପାଣ୍ଡିଆନ**

▶ପୃଷ୍ଠା-୧୦

# ନୈତିକତାର କାଠଗଡ଼ାରେ ଧର୍ମେନ୍ଦ୍ରଙ୍କୁ ଠିଆକଲେ ମାନସ

## 'ପରିକ୍ରମା' ଅସହିଷ୍ଣୁତାର ପ୍ରତିଫଳନ କାମିଆ ପ୍ରସଙ୍ଗ

■ **ଭୁବନେଶ୍ୱର, ୨୨।୧୨ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରସଙ୍ଗରେ ବ୍ଲଗର୍ କାମିଆ ଜାନିଙ୍କ ସୋସିଆଲ ମିଡ଼ିଆ ପୋଷ୍ଟ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅସହିଷ୍ଣୁତାକୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି ବିଜେଡି ସାଂସଦ ତଥା ଦଳର ରାଷ୍ଟ୍ରୀୟ ମୁଖପାତ୍ର ମାନସ ମଙ୍ଗରାଜ। ରାଜ୍ୟ ବିଜେପି ନେତା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱୈତ ଆଚରଣକୁ କଟାକ୍ଷ ସହ 'ପରିକ୍ରମା' ପ୍ରକଳ୍ପକୁ ତାଙ୍କର ଅସହିଷ୍ଣୁତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଜଣେ ଓଡ଼ିଆ ଭାବରେ ପରିକ୍ରମା ପ୍ରକଳ୍ପ ପ୍ରତି 'ଅସହିଷ୍ଣୁତା' ପାଇଁ ଧର୍ମେନ୍ଦ୍ରଙ୍କୁ ନୈତିକତାର କାଠଗଡ଼ାରେ ଠିଆ କରାଇଛନ୍ତି ସାଂସଦ ମାନସ। ନିଜ ସୋସିଆଲ ମିଡ଼ିଆ 'ଏକ୍ସ' ଆକାଉଣ୍ଟରେ ଶ୍ରୀ ପ୍ରଧାନଙ୍କ ପରିକ୍ରମା ରାଜନୀତିକୁ ମାନସ କଡ଼ା ସମାଲୋଚନା କରି କହିଛନ୍ତି ଯେ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିବା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଲୋକ। ନିଜକୁ ଓଡ଼ିଆ ବୋଲି ପରିଚୟ ଦେଉଛନ୍ତି; କିନ୍ତୁ ହୀନ ରାଜନୀତି ଆଗରେ ତାଙ୍କର ଓଡ଼ିଆପଣ ତୁଚ୍ଛ ପାଲଟି ଯାଇଛି। ନଚେତ୍ କାମିଆ ଜାନିଙ୍କ ପ୍ରସଙ୍ଗରେ ଏପରି ଦୋମୁହାଁ ଆଚରଣ ପ୍ରଦର୍ଶନ କରିନଥାନ୍ତେ ବୋଲି ମାନସ କହିଛନ୍ତି ।

'ଏକ୍ସ' ଆକାଉଣ୍ଟରେ ଧର୍ମେନ୍ଦ୍ରଙ୍କ ଦୋମୁହାଁ ନୀତିକୁ ଅତ୍ୟନ୍ତ କଠୋର ଶବ୍ଦରେ ସମାଲୋଚନା କରିଛନ୍ତି ମାନସ। ସେ କହିଛନ୍ତି ଯେ କାମିଆ ଜାନି ଦେଶର ଜଣେ ଖ୍ୟାତନାମା ବ୍ଲଗର ଓ ବୃତ୍ତଚିତ୍ର ନିର୍ମାତା। ବିଭିନ୍ନ ଧାର୍ମିକ

▶ପୃଷ୍ଠା-୧୦



**'ପରିକ୍ରମା' ବ୍ଲଗକୁ ନେଇ କେନ୍ଦ୍ରମନ୍ତ୍ରୀ ଅସହିଷ୍ଣୁ କାହିଁକି**

**ଓଡ଼ିଆପଣଠାରୁ କ'ଣ ହୀନ ରାଜନୀତି ଏତେ ଉଚ୍ଚ**

**କାମିଆଙ୍କୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ନିଯୁକ୍ତ କରିଥିଲେ**

**ତାଙ୍କର ବ୍ଲଗ୍ ସେୟାର କରି ପ୍ରଶଂସାରେ ପୋତିଥିଲେ**

**ଓଡ଼ିଶାର ପ୍ରଶଂସାକୁ ହଜମ କରିପାରୁନାହିଁ ରାଜ୍ୟ ବିଜେପି**



Dharmendra Pradhan
@dpradhanbjp

प्रधानमंत्री @narendramodi जी के नेतृत्व में नया भारत विरासत और विकास दोनो को साथ लेकर आगे बढ़ रहा है।

अमृत काल में भारत के गौरवशाली अतीत एवं सांस्कृतिक विरासत के पुनरुत्थान की कहानी देखना न भूलें आज और कल रात 8 बजे @DDNational पर।

#DharoharBharatKi
Translate post




**ଶିଳ୍ପ ରୂପାନ୍ତରଣ ଆଡ଼କୁ ଆଉ ପାଦେ**

# ୧୪୮୨ କୋଟିର ୭ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୨୨।୧୨(ସମିସ): ଶିଳ୍ପସମୃଦ୍ଧ ଓ ରୂପାନ୍ତରିତ ଓଡ଼ିଶା ଆଡ଼କୁ ଆଉ ଏକ ପାଦ ବଢ଼ାଇଛନ୍ତି ରାଜ୍ୟ ସରକାର। ଏକ ଐତିହାସିକ ପଦକ୍ଷେପସ୍ୱରୂପ, ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୨୬ତମ ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ୧୪୮୨.୫୩ କୋଟି ଟଙ୍କା ମୂଲ୍ୟର ୭ଟି ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ବୟନ, ରାସାୟନିକ, ଖଣି, ଇସ୍ପାତ, ବାୟୋଗ୍ୟାସ୍ ଏନର୍ଜି ଭଳି କ୍ଷେତ୍ର ସହ ଜଡିତ ଉପରୋକ୍ତ ଶିଳ୍ପ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ୧୧, ୯୬୯ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଖୋର୍ଦ୍ଧା, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର, ବାଲେଶ୍ୱର ଏବଂ ରାୟଗଡ଼ା ଜିଲ୍ଲାରେ ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

**ନିଯୁକ୍ତି ପାଇବେ ୧୧୯୬୯ ଲୋକ**

ହସ୍ତଗତ ସୂଚନାନୁସାରେ, ଏମ୍ଏଏସ୍ ଉଦ୍ୟତ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୨୧୪ କୋଟି ଟଙ୍କା ନିବେଶ କରି ବୟନ ଶିଳ୍ପ ପ୍ରତିଷ୍ଠା କରିବ ଏବଂ ଏଠାରେ ୮୮୪୪ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ଟେକ୍ ଏଆଇସି ଡିଆରଆଇ ପେଲେଟ୍ସ ପ୍ରା.ଲି ୮୦୦ କୋଟି ବିନିଯୋଗରେ କେନ୍ଦୁଝରଠାରେ ଇସ୍ପାତ ସାମଗ୍ରୀ ପ୍ରସ୍ତୁତ କରିବ। କମ୍ପାନୀ ୨୦୧୩ ଲୋକଙ୍କୁ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଛି। ଆଲେନ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରା.ଲି କଳିଙ୍ଗନଗରରେ ୧୭୮ କୋଟି ଟଙ୍କା ବିନିଯୋଗ କରି ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ସହିତ ୪୬୫ ଜଣଙ୍କୁ ନିଯୁକ୍ତି ଦେବ। ଅପରପକ୍ଷେ ବାଲେଶ୍ୱରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ୍ ୧୨୧ କୋଟି ନିବେଶ କରି ବାୟୋ ଗ୍ୟାସ୍ ଉତ୍ପାଦନ କରିବ। କମ୍ପାନୀ ୬୯ ଜଣଙ୍କୁ ପ୍ରତ୍ୟକ୍ଷ ରୋଜଗାର ଦେବ। ସେହିପରି ଟେରେଷ୍ଟ୍ରିଆଲ ଫୁଡ୍ ପ୍ରୋସେସର୍ସ ପ୍ରା. ଲି ରାୟଗଡ଼ାରେ ମକା ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରିବ। ଏଥିଲାଗି କମ୍ପାନୀ ୬୦.୬ କୋଟି ଟଙ୍କା ନିବେଶ କରିବା ସହ ୧୯୮ ଜଣଙ୍କୁ ନିଯୁକ୍ତି ଦେବ। ଭିନର୍ ଲ୍ୟାବ୍ ପ୍ରା.ଲି ଗଞ୍ଜାମରେ ୫୨ କୋଟି ଟଙ୍କା ବ୍ୟୟରେ ଏକ ଫାଇନ୍ କେମିକାଲ ଉତ୍ପାଦନ କରିବ। ଏହି ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୮୦୦୦ କୋଟି ନିବେଶରେ ରାୟଗଡ଼ାରେ ହେବ ୨ ଶିଳ୍ପ

ଭୁବନେଶ୍ୱର, ୨୨।୧୨ (ସମିସ):

ରାୟଗଡ଼ା ଜିଲ୍ଲାରେ ଦୁଇଟି ଶିଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲାର କଂସାରିଗୁଡ଼ାଠାରେ ଏକ ଆଲୁମିନା ରିଫାଇନାରୀ ଓ ଫୁଲ୍‌ଝୁବାଠାରେ ଏକ

**ଦୁଇ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**

**୭୨୦୦ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ**

ପୋଷାକ ଉତ୍ପାଦନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ରଳ ଆଲୁମିନା ସାମାଜିକ କଲ୍ୟାଣ ଫାଉଣ୍ଡେସନ ଦ୍ୱାରା ସ୍ଥାପିତ ଆଦିତ୍ୟ ଆଲୁମିନା ରିଫାଇନାରୀ (ହିଣ୍ଡାଲକୋ) ଓ ପୋଷାକ ଉତ୍ପାଦନ କେନ୍ଦ୍ର ଆଦି ଦୁଇ ଶିଳ୍ପ ଯୋଗୁଁ ରାଜ୍ୟକୁ ୮୦୦୦ କୋଟିର ପୁଞ୍ଜିନିବେଶ ଆସିବା ସହ ଏଥିରେ ପ୍ରାୟ ୭୨୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଦୁଇ ପ୍ରକଳ୍ପକୁ ସମର୍ଥନ ଜଣାଇଥିବାରୁ ମୁଖ୍ୟମନ୍ତ୍ରୀ ରାୟଗଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ଏହି ଦୁଇ ପ୍ରକଳ୍ପ ରାୟଗଡ଼ା ଜିଲ୍ଲାକୁ ସମୃଦ୍ଧ କରିବା ସହ ଭାରତର ଶିଳ୍ପ ମାନଚିତ୍ରରେ ଜିଲ୍ଲାକୁ ଏକ ନୂତନ ସ୍ଥାନ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଶିଳ୍ପ ସ୍ଥାପନ କେବଳ ରାୟଗଡ଼ା ଜିଲ୍ଲା ବିକାଶ ମାଇଲଖୁଣ୍ଟ ନୁହେଁ, ଏହାଦ୍ୱାରା ରାଜ୍ୟର ପ୍ରାକୃତିକ ସମ୍ପଦର ସଦୁପଯୋଗର ଏକ ଫଳପ୍ରଦ ମାଧ୍ୟମ ହେବ। ଏହି ପ୍ରକଳ୍ପ ଆମ ରାଜ୍ୟର ଶିଳ୍ପ ଦୃଶ୍ୟପଟ୍ଟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଦୁଇ ପ୍ରକଳ୍ପ ଦ୍ୱାରା ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ଓଡିଶା ପୁଣି ଥରେ ନିଜର ପରାକାଷ୍ଠାକୁ ପ୍ରମାଣିତ କରିଛି। ରାୟଗଡ଼ା ଜିଲ୍ଲାକୁ ନିଜର ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଚୟନ କରିଥିବାରୁ ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ୮୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ବାର୍ଷିକ ୨ ମିଲିୟନ୍ ଟନ୍ ବିଶୋଧିତ ଆଲୁମିନା ଉତ୍ପାଦନ କରାଯିବ ଯାହାକି ରାଜ୍ୟ ଅର୍ଥନୀତିରେ ବିଶେଷ ଅବଦାନ ଯୋଡ଼ିବ। ଆଲୁମିନା ରିଫାଇନାରୀ ବ୍ୟତୀତ ପୋଷାକ ଉତ୍ପାଦନ କେନ୍ଦ୍ର ଯୋଗୁଁ ମଧ୍ୟ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଟିମ୍ ଓଡିଶା ଏହାର ୫-ଟି ପଦକ୍ଷେପ ମାଧ୍ୟମରେ ଏହି ପ୍ରକଳ୍ପର ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି।

ଗତ ଅକ୍ଟୋବର ୫ ରେ ରାୟଗଡ଼ାରେ 'ହିଣ୍ଡାଲକୋ' ଆଲୁମିନା ରିଫାଇନାରୀ ପାଇଁ କଞ୍ଚାମାଲ ପ୍ରସ୍ତୁତିକୁ ଲକ୍ଷ୍ୟ ରଖି ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଖଣିଜ ଭିତ୍ତିକ ଶିଳ୍ପରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ହିଣ୍ଡାଲ୍‌କୋ ଦ୍ୱାରା ଆଲୁମିନା ରିଫାଇନାରୀ ପ୍ରତିଷ୍ଠା ସହିତ ନିଜର ଅଥନୈତିକ ଅଭିବୃଦ୍ଧି ହାରକୁ ଆହୁରି ଦୃଢ଼ କରିବାକୁ ଏହି ପଦକ୍ଷେପ ନେଇଛି। ସେହିପରି ଫୁଲ୍‌ଝୁବା ଗ୍ରାମରେ ପ୍ରତିଷ୍ଠିତ ହେବାକୁ ଥିବା ଏହି ପୋଷାକ ଉତ୍ପାଦନ କେନ୍ଦ୍ରରେ ବାର୍ଷିକ ୩୬ ଲକ୍ଷ ପୋଷାକ ଉତ୍ପାଦନ କରିବାର କ୍ଷମତା ରହିବ। ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ସ୍ଥାନୀୟ ୩୦୦୦ ଯୁବକଯୁବତୀଙ୍କୁ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହେବ। ଏହି ଶିଳ୍ପରେ ବିଶେଷ କରି ମହିଳାମାନଙ୍କୁ ସଶକ୍ତିକରଣକୁ ଗୁରୁତ୍ୱ ଦିଆଯିବା ସହ ସେମାନଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରାଯିବ। କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ୍, ଏସଟି ଏସସି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ। କୋରାପୁଟ ସାଂସଦ ଏବଂ ରାୟଗଡ଼ା ଜିଲ୍ଲାର ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ଏମଡି ସତୀଶ ପାଏ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଲୋକକଥା



ଶ୍ରେଷ୍ଠ ହେବାପାଇଁ କଷ୍ଟ କରୁଛନ୍ତି
ରାଜ୍ୟ ପ୍ରଶାସନ ଆମର,
ସରକାରଙ୍କର ତତ୍ପରତା ଦେଖି
ବିରୋଧୀଙ୍କ ପୋଡ଼େ ଅନ୍ତର !
କାଟୁନାହିଁ କିଛି ମନ୍ତର,
ପ୍ରଗତି ତନ୍ତ୍ରରେ ବଳଶାଳୀ ଏଠି
ଉତ୍କଳୀୟ ଗଣତନ୍ତ୍ର ॥

■ କଂଗ୍ରେସ ନେତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣା

# ଅଭିଯୁକ୍ତ ଆସଫ୍ ଅଲ୍ଲୀ ଖାନ୍ ଗିରଫ

ସମ୍ବଲପୁର, ୨୨।୧୨(ସମିସ): ସମ୍ବଲପୁର ଜିଲ୍ଲା ପୂର୍ବତନ କଂଗ୍ରେସ ସଭାପତି ତଥା ରେଢ଼ାଖୋଲର ପୂର୍ବତନ ବିଧାୟକ ପ୍ରାର୍ଥୀ ଆସଫ୍ ଅଲ୍ଲୀ ଖାନ୍‌ଙ୍କୁ ପୁଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। କଂଗ୍ରେସ ସଂଖ୍ୟାଲଘୁ ରାଜ୍ୟ ସମ୍ପାଦିକା ନିଖାତ୍ ପରବିନଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ଆସଫ୍‌ଙ୍କୁ ଅଭିଯୁକ୍ତ ଦର୍ଶାଇ ପୁଲିସ ଗିରଫ କରିଛି। ଆସଫ୍‌ଙ୍କ ନାମରେ ଟାଉନ ଥାନା କେସ ନଂ୪୫୪/୨୩ ଦଫା ୩୫୪(ଏ), ୧୦୯, ୩୦୯, ୫୦୦, ୫୦୬, ୫୦୯ ଓ ୩୪ରେ ମକଦ୍ଦମା ରୁଜୁ ହୋଇଛି। କୋର୍ଟରେ ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୋଗକାରିଣୀ ନିଖିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ସୂଚନାଯୋଗ୍ୟ, ଗତକାଲି ନିଖିତ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କର ଏପରି ଚରମ ପଦକ୍ଷେପ ନେବା ପଛରେ ସ୍ୱାମୀ ଆକ୍ରମ, ଆକ୍ରମଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ତୁଲ୍ଲା ଖାନ ଓ କଂଗ୍ରେସ ନେତା ଆସଫ୍ ଅଲ୍ଲୀ ଖାନ ଦାୟୀ ବୋଲି ନିଖତଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ନିଖତ ମଧ୍ୟ ଆତ୍ମହତ୍ୟା ପୂର୍ବରୁ ସମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ସମାନ ଅଭିଯୋଗ କରିଥିଲେ।



ତାଙ୍କର ଅଭିଯୋଗ ହେଲା, ଦୀର୍ଘ ୧୫ ବର୍ଷ ହେଲା ସ୍ୱାମୀ ଆକ୍ରମ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଏପରିକି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଆସଫ୍ ଅଲ୍ଲୀ ଖାନ୍ ତାଙ୍କ ସହ ଓ ରାଜ୍ୟର ଅନ୍ୟ ନେତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କୁଆଡ଼େ ତାଙ୍କୁ ବାଧ୍ୟ କରିଥିଲେ। କିନ୍ତୁ ନିଖିତ ମନା କରିଦେବାରୁ ତାଙ୍କୁ ବରବାଦ କରିଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆସଫଙ୍କ ସହିତ ଦୁଇଜଣ ମହିଳା କଂଗ୍ରେସ ନେତ୍ରୀ ସୁତପା ମିତ୍ର ଓ ସୁରଞ୍ଜିନୀ ବାରିକ ମଧ୍ୟ ତାଙ୍କୁ ମାନସିକ ନିର୍ଯାତନା ଦେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ।

# ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପିତ



ବରଗଡ଼, ୨୨।୧୨ (ସମିସ): ମାର୍ଗଶିର ଶୁକ୍ଳ ଦଶମୀ ତିଥି ଅବସରରେ ବିଶ୍ୱର ସର୍ବବୃହତ୍ ଖୋଲା ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପିତ ହୋଇଯାଇଛି। ଶୁକ୍ରବାର ସଂଧ୍ୟା ୬ଟାରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଥିଲା। ପରେ ହାଟପଦାସ୍ଥିତ ମାଁ ଦୁର୍ଗାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ପଡ଼ିଆକୁ ଶୋଭାଯାତ୍ରା ପହଞ୍ଚିଥିଲା। ସେଠାରେ ରାଜପୁରୋହିତ ପଣ୍ଡିତ ଶିବଶଙ୍କର ଦାଶ ପୂଜାର୍ଚ୍ଚନା କରିଥିଲେ। ପୂଜାରେ ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷା ତଥା ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ କର୍ତ୍ତା ଥିଲେ। ରାଜପୁରୋହିତ ଦାଶ ଚାରି ଦଶଦିଗପାଳ ସହ ଅଷ୍ଟଗୁଳା ନାଗକୁ ପୂଜା କରି ୭୬ତମ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ଲଲାଟ ଲୁହା, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ କଂସ ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ, ନାଟ୍ୟ ନିର୍ଦ୍ଦେଶକ ଅଶୋକ ବେହେରା, ନେପାଳେଶ୍ୱର ନନ୍ଦ, ରାଜେନ୍ଦ୍ର ପ୍ରସାଦ ସିଂ, କିଶୋର ମିଶ୍ର, ନଗରପାଳ କଳ୍ପନା ମାଝୀ, କିଶୋର ମିଶ୍ର, ରାଜେଶ ଶତପଥୀ, ନାରାୟଣ ଭୋଇ, ଦୟା ପ୍ରଧାନ, ମୁନେଶ ଆଚାର୍ଯ୍ୟଙ୍କ ସମେତ ଗୋପପୁର ଏବଂ ବିଭିନ୍ନ କମିଟିର ସଦସ୍ୟ ସାମିଲ ହୋଇଥିଲେ। ହୃଷୀକେଶ ଭୋଇ ଚଳିତ ବର୍ଷ ସହ ୧୧ ବର୍ଷ ପାଇଁ ମହାରାଜା କଂସ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଜାନୁଆରୀ ୧୫ରୁ ଆରମ୍ଭ ହୋଇ ଜାନୁଆରୀ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ଯାତ୍ରା ସମୟରେ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ଭାବରେ ରୂପାନ୍ତରିତ ହେଉଥିବା ବେଳେ ବରଗଡ଼ ଏବଂ ଅମ୍ବାପାଲି ମଧ୍ୟରେ ବୋହିଯାଉଥିବା ଜୀରା ନଦୀ ପୁରାଣବର୍ଣ୍ଣିତ ଯମୁନା ନଈ ଭାବରେ ପରିଗଣିତ ହୋଇଥାଏ।

**ଛାତ୍ରଛାତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ସଫଳତାର ମନ୍ତ୍ର**

# କଠିନ ପରିଶ୍ରମର ବିକଳ୍ପ ନାହିଁ



- କେବଳ ଅଧିକ ନମ୍ବର ରଖିଲେ ସଫଳତା ମିଳିବନି
- ସରକାରୀ ସ୍କୁଲରେ ପାଠ ପଢ଼ି ମୁଁ ଆଇଏଏସ୍ ପାଇଛି
- ଶ୍ରେୟ ପାଇଁ ନୁହେଁ; ସେବା ପାଇଁ ମୁଖ୍ୟମନ୍ତ୍ରୀ କାମ କରନ୍ତି
- ଫୁଲବାଣୀ ଜିଲ୍ଲାରେ ଖୁବ୍ ଶୀଘ୍ର ଗଡ଼ିବ 'ଲକ୍ଷ୍ମୀ' ବସ୍
- ଆଗାମୀ ୬ ମାସରେ ସବୁ ପଞ୍ଚାୟତକୁ ବ୍ୟାଙ୍କ ସେବା
- ପ୍ରତି ଘରକୁ ପାଇପ ପାଣି ପାଇଁ ୬୩୦ କୋଟି ଟଙ୍କା

ଫୁଲବାଣୀ,୨୨।୧୨(ସମିସ): ଆମ ପିଲାମାନଙ୍କ ମଧ୍ୟରେ ବହୁ ଦକ୍ଷତା ରହିଛି। ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନୂଆ-ଓ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ସଫଳତାର ଏକ ସୋପାନ। ସଫଳ ଭବିଷ୍ୟତ ଗଢ଼ିବାରେ 'ନୂଆ-ଓ' ଆୟୁଧ ସାଜିବ ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ । ଆଜି ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ୍‌ରେ ଆୟୋଜିତ ନୂଆ-ଓ ଉତ୍ସବରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେବା ସହ ରାଜ୍ୟର ବିକାଶ ବିରୋଧୀଙ୍କୁ ତେରଛା ବାଣ ମାରିଛନ୍ତି।

ଫୁଲବାଣୀ କରୋନେସନ୍ ପଡିଆରେ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଦଶମରୁ ଗ୍ରାଜୁଏଟ୍ ପରେ ବାକି ୫ ବର୍ଷ କ୍ୟାରିୟର୍ ଗଢ଼ିବାର ସମୟ। ଏହି ସମୟରେ ଅନ୍ୟମନସ୍କ ନ ହୋଇ କଠିନ ଅଧ୍ୟବସାୟ ଜାରି ରଖିବାକୁ ହେବ। ତେବେ ଯାଇ ଆମେ ନିଶ୍ଚିତ ଭାବେ ସଫଳତା ପାଇବା। ମୁଁ ସରକାରୀ ସ୍କୁଲରେ ପାଠ ପଢ଼ି ଆଇଏଏସ୍ ବନିଛି। କେବଳ ଜଣେ ପରୀକ୍ଷାରେ ଅଧିକ ନମ୍ବର ରଖିଦେଲେ ଜୀବନରେ ସଫଳତା ମିଳିବ ନାହିଁ। ଆମକୁ ନିଷ୍ଠାର ସହ କଠିନ ପରିଶ୍ରମ କରିବାକୁ ପଡିବ। ଗରିବ ପିଲାମାନେ ସବୁ କ୍ଷେତ୍ରରେ ସମୃଦ୍ଧ ହେବେ, କାହାଠୁ ପଛରେ ରହିବେ ନାହିଁ। ଖାଲି ପାଠ ପଢ଼ିଲେ ହେବ ନାହିଁ, ଖେଳ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ଆଦି ସବୁ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଜରୁରୀ। ସେଥିପାଇଁ ମୁଖ୍ୟମନ୍ତ୍ରୀ 'ନୂଆ-ଓ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଭୁବନେଶ୍ୱରରେ ଆୟୋଜିତ ହକି ଖେଳ ସମୟରେ ସେ ସଚିନ୍ ତେନ୍ଦୁଲକର, ବୀରେନ୍ଦ୍ର ସେହୱାଗ, ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କୁ ସେମାନଙ୍କର ସଫଳତାର ରହସ୍ୟ ପଚାରିଥିଲେ। ସମସ୍ତଙ୍କର ଗୋଟିଏ ଉତ୍ତର ଥିଲା 'କଠିନ ପରିଶ୍ରମ'। ତେଣୁ ଏଥିପ୍ରତି ପ୍ରତ୍ୟେକ ଛାତ୍ରଛାତ୍ରୀ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଶ୍ରେୟ ପାଇଁ ନୁହେଁ ସେବା ପାଇଁ କାମ କରନ୍ତି। ବିକାଶକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା କମ୍ ନାହିଁ। ମିଥ୍ୟା ପ୍ରଚାର କରି ବିଭ୍ରାନ୍ତି କରିବାରେ ସେମାନେ ସିଦ୍ଧହସ୍ତ। କିନ୍ତୁ ବିଜୁ ଜନତା ଦଳ ସର୍ବଦା ଲୋକଙ୍କ ସେବାରେ ବିଶ୍ୱାସ ରଖେ। ବିଜେଡି ସବୁବେଳେ ବିକାଶକୁ ଗୁରୁତ୍ୱ ଦେଇ ଆସିଛି। ଏହା ଆପଣମାନଙ୍କର ଦଳ। ଆପଣମାନଙ୍କ ପିଲାମାନେ କିପରି ଭଲରେ ପଢ଼ି ଉଚ୍ଚ ପଦବୀରେ ବସିବେ, ସେ ନେଇ ମୁଖ୍ୟମନ୍ତ୍ରୀ ସବୁବେଳେ କାର୍ଯ୍ୟ କରୁଛନ୍ତି। ସେ ରାଜନୀତି କରୁନାହାନ୍ତି, କେବଳ ସେବା ଜାରି ରଖିଛନ୍ତି। ଆପଣମାନେ ମୁଖ୍ୟମନ୍ତ୍ରୀଙ୍କ ସେନାପତି ଭାବରେ ବିକାଶର ବାର୍ତ୍ତା ପହଞ୍ଚାଇବାକୁ କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଫେବ୍ରୁଆରୀ ପ୍ରଥମ ସପ୍ତାହ ସୁଦ୍ଧା କନ୍ଧମାଳରେ ଲକ୍ଷ୍ମୀ ବସ୍ ଗଡିବ ଓ ଛଅମାସ ମଧ୍ୟରେ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ଘୋଷଣା କରିଛନ୍ତି। ଏହାପରେ ସେ ଫୁଲବାଣୀରେ ୬୫୫ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ୧୦୦ ଆସନ ବିଶିଷ୍ଟ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ଟିଚିଂ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ସମୀକ୍ଷା ସହ ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାୟ ୨୬୦ କୋଟି ଟଙ୍କା ବ୍ୟୟରେ ଜିଲ୍ଲାରେ ବିଭିନ୍ନ ସେତୁ ଏବଂ ପ୍ରମୁଖ ରାସ୍ତାର ନିର୍ମାଣ କାର୍ଯ୍ୟର, ୬୩୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବୃହତ ପାଇପ୍ ପାଣି ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରିଛନ୍ତି।

କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ଅନୁଷ୍ଠାନ, ବିଜେଡି କର୍ମକର୍ତ୍ତାମାନେ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ୍, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ଯୋଗ ଦେଇଥିଲେ।

**ବିଜେଡିର ପାଲଟା ଆକ୍ରମଣ**

# ବିଜେପି ନେତାଙ୍କୁ ଅନ୍ଧ କରିଛି ରାଜନୈତିକ ସ୍ୱାର୍ଥ

ଭୁବନେଶ୍ୱର, ୨୨।୧୨ (ସମିସ): ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ବିଶ୍ୱସ୍ତରୀୟ ସୁବିଧାର ବିକାଶ ଓ ପ୍ରଗତି ହୋଇଛି। ଶିଳ୍ପାୟନଦ୍ୱାରା ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ଯେଉଁ ଭଲ କାମ କରିଆସୁଛି ସେଥିପାଇଁ ଓଡ଼ିଶାବାସୀ ଅତ୍ୟନ୍ତ ଗର୍ବିତ; କିନ୍ତୁ ଦୁର୍ଭାଗ୍ୟବଶତଃ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶାକୁ ବଦନାମ କରିବା ପାଇଁ ରାଜ୍ୟ ବିଜେପି ଅଭ୍ୟାସଗତ ଭାବେ ମିଥ୍ୟା ପ୍ରଚାର କରିବାରେ ଲାଗିଛି ବୋଲି ଅଭିଯୋଗ କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ଼ ଲେନିନ୍ ମହାନ୍ତି ବିଜେପିକୁ କଟୁ ସମାଲୋଚନା କରିବା ସହିତ ରାଜ୍ୟ ବିକାଶର ଗୋଟି ଗୋଟି ତଥ୍ୟ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଓଡ଼ିଶାକୁ ବଦନାମ କରିବାର ଅଭ୍ୟାସ ଓଡ଼ିଶା ବିଜେପିର ରହିଛି। ତେଣୁ ଜାଣିଶୁଣି ଓଡ଼ିଶାର ଶିଳ୍ପ ବିକାଶକୁ ନେଇ ମିଥ୍ୟା ଓ ମନଗଢ଼ା ପ୍ରଚାର ଚଳାଇଛି। ମାତ୍ର ବାସ୍ତବିକତା ଲୋକମାନେ ଜାଣନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଗତ ୨୩ ବର୍ଷ ମଧ୍ୟରେ ଅବିଶ୍ୱସନୀୟ ଶିଳ୍ପାୟନ ହୋଇଛି। ୨୦୨୧-୨୨ ବର୍ଷ ପାଇଁ ସର୍ବାଧିକ ରାଜସ୍ୱ ବଳକା ରାଜ୍ୟ ଭାବେ ଓଡିଶା ଭାରତର ଏକ ନମ୍ବର ରାଜ୍ୟ ଭାବେ ପରିଗଣିତ ହୋଇଛି। ଓଡ଼ିଶା ଭାରତର ଦ୍ରୁତ ଅଭିବୃଦ୍ଧି ରାଜ୍ୟ ତାଲିକାର ଶୀର୍ଷରେ ରହିଛି ଏବଂ କ୍ରମାଗତ ଭାବେ ୧୧.୫% ଅଭିବୃଦ୍ଧି ହାର ସହ ଜାତୀୟ ହାର ଠାରୁ ଅଧିକ ଅଛି। ସିଏମ୍ଆଇଇ କ୍ୟାପେକ୍ସ ଡାଟାବେସ୍ ଏବଂ ସିଆଇଆଇ ଗବେଷଣା ଅନୁଯାୟୀ, ୨୦୨୩-୨୪ ବର୍ଷରେ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ଓଡ଼ିଶା ଭାରତର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ୨୦୨୩ ଆର୍ଥିକ ବର୍ଷରେ ବ୍ୟାଙ୍କ ସହାୟତାରେ ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିବା କ୍ଷେତ୍ରରେ ଓଡ଼ିଶା ଭାରତର ତୃତୀୟ ଶୀର୍ଷ ରାଜ୍ୟ ଭାବେ ଉଭା ହୋଇଛି। ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୫ ଗୁଣ ଏବଂ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନ ୭.୮ ଗୁଣ ବୃଦ୍ଧି ପାଇଛି। ଏହି ଚମତ୍କାର ସଫଳତା ଓଡ଼ିଶାକୁ ଦେଶର ଇସ୍ପାତ ଶିଳ୍ପ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେଇଛି। ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶର ସବୁଠାରୁ ଆଗରେ ରହିଛି। କିନ୍ତୁ ରାଜ୍ୟ ବିଜେପି ନେତାଙ୍କୁ ଏହା କିଛି ଦେଖାଯାଉ ନାହିଁ। କାରଣ ସେମାନେ ସତ୍ୟକୁ ସାମ୍ନା କରିବା ପାଇଁ ସକ୍ଷମ ନୁହନ୍ତି।




ଅନ୍ୟତମ ପ୍ରବକ୍ତା ସୋଫିଆ ଆଲାମ କହିଛନ୍ତି ଯେ ବିଗତ ୨୩ ବର୍ଷରେ ଓଡ଼ିଶାର ଇସ୍ପାତ ଉତ୍ପାଦନ ୧୫ ଗୁଣା ବୃଦ୍ଧି ପାଇଛି। ଆଲୁମିନିୟମ ଉତ୍ପାଦନ ୭.୫ ଗୁଣ ବୃଦ୍ଧି ପାଇ ୨.୬ ଏମଏମଟିପିଏ ହୋଇଛି। ସିମେଣ୍ଟ ଉତ୍ପାଦନ ୨୨.୫ ଗୁଣ ବୃଦ୍ଧି ପାଇ ୨୨.୫ ଏମଏମଟିପିଏରେ ପହଞ୍ଚିଛି। ବନ୍ଦର କ୍ଷମତା ୧୭୬ ଏମଏମଟିପିଏ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଶକ୍ତି କ୍ଷମତା ୩.୫ ଗୁଣ ବୃଦ୍ଧି ପାଇ ୧୭,୬୮୫ ମେଗାୱାଟ୍‌ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ଓଡ଼ିଶା ପାଇଁ କ'ଣ କରିଛନ୍ତି ତାହା ପ୍ରତ୍ୟେକ ଓଡ଼ିଶାବାସୀ ଅଙ୍ଗେ ନିଭାଉଛନ୍ତି। କିନ୍ତୁ ରାଜନୈତିକ ସ୍ୱାର୍ଥରେ ଅନ୍ଧ ହୋଇଯାଇ ଥିବା ବିଜେପି ନେତାଙ୍କୁ ବିକାଶର ସାମାନ୍ୟତମ ଚିତ୍ର ଦେଖାଯାଉ ନାହିଁ। ଏପରି ହୀନ ରାଜନୀତି ପାଇଁ ଓଡ଼ିଶାବାସୀ ପୂର୍ବରୁ ସେମାନଙ୍କୁ ସଠିକ୍ ଜବାବ୍ ଦେଇଛନ୍ତି ଆଉ ଆଗକୁ ମଧ୍ୟ ଦେବେ ବୋଲି ଶ୍ରୀମତୀ ଆଲାମ କହିଛନ୍ତି।



୰ ବ୍ରଜମୋହନ ମହାନ୍ତି
ପୂର୍ବତନ କେନ୍ଦ୍ରମନ୍ତ୍ରୀ (ଓଡ଼ିଶା ସରକାର)
ବାଚସ୍ପତି ଓଡ଼ିଶା ବିଧାନସଭା
ଆବିର୍ଭାବ: ୨୩.୧୨.୨୦୨୩
ତିରୋଧାନ: ୨୪.୦୭.୧୯୯୯
ଆଜି ଆପଣଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆପଣଙ୍କ ପରିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।
ଶ୍ରଦ୍ଧାଞ୍ଜଳି ସହ:
ପତ୍ନୀ: ୰ ପ୍ରମିଳା ମହାନ୍ତି, ପୁତ୍ର: ଡଃ. ସଞ୍ଜୟ ମହାନ୍ତି, ସିଦ୍ଧାର୍ଥ ମହାନ୍ତି, ସୁବ୍ରତ ମହାନ୍ତି,
କନ୍ୟା: ୰ ଡଃ. ମଞ୍ଜୁଶ୍ରୀ ମହାନ୍ତି, ସଂଘମିତ୍ରା ମହାନ୍ତି, ବାସବଦତ୍ତା ମହାନ୍ତି, ସୁଚରିତା ମହାନ୍ତି,
୨୮, ଅଶୋକ ନଗର, ଭୁବନେଶ୍ୱର

ଦଶମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରସିଦ୍ଧ ରଥ (ଜଗୁ)
ପୁରୁଣାପଡା, ଭବାନିପାଟଣା
ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କଳାହାଣ୍ଡିର ପ୍ରତିଷ୍ଠିତ ଦେବୀ ମାଁ ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ବାବା, ବୋଉ, ଦଦେଇ, ଜେଠେଇ, ପିଉସା, ପିଉସୀନାନୀ, ଆଈ, ମାମୁଁ, ମାଇଁ, ମଉସା, ମଉସୀ, ଭାଇ, ଭଉଣୀ, ଭ୍ରାଇଁ ଏବଂ ତୋର ସାଙ୍ଗମାନେ ।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ପୁଣି ମାତିଲେ ମାଓବାଦୀ

# ପୋଷେଇତାରେ ଉଡ଼ାଇଲେ ରେଳ ଲାଇନ୍

**ରାଉରକେଲା,୨୨ ।୧୨(ସମିସ):**

କିଛି ଦିନ ବ୍ୟବଧାନ ପରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପୁଣି ମାତିଲେ ମାଓବାଦୀ। ହାୱଡ଼ା-ମୁମ୍ବଇ ମୁଖ୍ୟ ରେଳପଥର ଚକ୍ରଧରପୁର ବିଭାଗ ଗୋଇଲକେରା ପୋଷେଇତାଠାରେ ଗୁରୁବାର ରାତି ପ୍ରାୟ ୧୦ଟାରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ରେଳ ଲାଇନ ଉଡ଼ାଇ ଦେଇଛନ୍ତି। ଏହା ମାଓବାଦୀଙ୍କ କାମ ବୋଲି ସେମାନେ ଛାଡ଼ି ଯାଇଥିବା ପୋଷ୍ଟରରୁ ସ୍ପଷ୍ଟ ହୋଇଛି।

### ଚକ୍ରଧରପୁର ଓ ଝାରସୁଗୁଡ଼ା ମଧ୍ୟରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ

### ମରାମତି ପରେ ଗଡ଼ିଲା ଟ୍ରେନ

ପୁଲିସ ଦମନ ବିରୋଧରେ ମାଓବାଦୀମାନେ ଡିସେମ୍ବର ୨୨ ଶୁକ୍ରବାର ଭାରତ ବନ୍ଦ ପାଳନ କରୁଛନ୍ତି। କିନ୍ତୁ ବନ୍ଦ ଆରମ୍ଭ ପୂର୍ବରୁ ଗୋଇଲକେରା ଅନ୍ତର୍ଗତ କାରୋ ବ୍ରିଜ ନିକଟ ପୋଲ ନମ୍ବର ୩୫୬/୨୯ଏ ସମ୍ମୁଖ ତୃତୀୟ ରେଳ ଲାଇନକୁ ମାଓବାଦୀମାନେ ବୋମା ଯୋଗେ ଉଡ଼ାଇ ଦେଇଛନ୍ତି। ଫଳରେ ତୃତୀୟ ରେଳ ଲାଇନର ଓଏଚଇ, ରେଳର ସ୍ଲିପର ପୂରା କ୍ଷତିଗ୍ରସ୍ତ ହୋଇଛି। ଏହାସହ ରେଳ ଲାଇନ୍ ପ୍ରାୟ ଏକ ମିଟର ପର୍ଯ୍ୟନ୍ତ ବଙ୍କା ହୋଇଯାଇଥିଲା। ଫଳରେ ଚକ୍ରଧରପୁର ଡିଭିଜନର ରେଳ ଚଳାଚଳ ଠପ୍ ହୋଇଥିଲା। ଏହି ରୁଟ ଦେଇ ଯାଉଥିବା ସମସ୍ତ ଟ୍ରେନ୍ ଚକ୍ରଧରପୁର ଓ ଝାରସୁଗୁଡ଼ା ମଧ୍ୟରେ ଅଟକି ଯାଇଥିଲା। ରାତି ୧୦ଟା ପରେ ଏହି ରେଳ ଲାଇନରେ ସମ୍ପୂର୍ଣ୍ଣ ଟ୍ରେନ ଚଳାଚଳ ଠପ୍ ହୋଇଥିବା ବେଳେ କଡ଼ା ସୁରକ୍ଷା ବଳୟରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୁକ୍ରବାର ସକାଳ ୯ଟା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ଏହି ଟ୍ରାକରେ ରେଳ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି। ଅନ୍ୟପଟେ ଘଟଣାସ୍ଥଳ ସମେତ ଏହାର ଆଖପାଖ ଅଞ୍ଚଳରେ ମାଓବାଦୀମାନେ ପୁଲିସ ଦମନ ବିରୋଧରେ ପୋଷ୍ଟର ଲଗାଇଛନ୍ତି। ଏହି ଘଟଣାକୁ ନେଇ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।






ଅନ୍ୟପଟେ ମାଓବାଦୀ ସଂଗଠନ ପକ୍ଷରୁ ବନ୍ଦ ଡାକରା ନେଇ ଆଗୁଆ ସୂଚନା ଦିଆଯାଇଥିଲା ବେଳେ ରେଳବିଭାଗ, ରେଳ ସୁରକ୍ଷା ବଳ ପକ୍ଷରୁ କି ପ୍ରକାର ପଦକ୍ଷେପ ନିଆଯାଇଥିଲା ତାହା ବଡ଼ ପ୍ରଶ୍ନ ହୋଇଛି। ରେଳ ସୁରକ୍ଷା ବଳ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା କି ନାହିଁ, ଯଦି କରାଉଥିଲା ତେବେ ଏପରି ଘଟଣା ପୂର୍ବରୁ ରେଳ ବିଭାଗ କିପରି ସୂଚନା ପାଇପାରିଲା ନାହିଁ ଏଭଳି ଅନେକ ପ୍ରଶ୍ନ ଉଠିଛି।

# ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ସଚେତନତା ରଥ




**ରାଉରକେଲା,୨୨ ।୧୨(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ସଚେତନତା ରଥ ଗୁରୁବାର ଶୁଭାରମ୍ଭ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟଅତିଥି ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ର ଓ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ରଥକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ନିମନ୍ତେ ସାମାଜିକ ସୁରକ୍ଷା ଦେବା ପାଇଁ ଏଥିରେ ଘୋଷଣା କରାଯାଇଛି। ହିତାଧିକାରୀ ରୂପେ ଅଣସଂଗଠିତ ଶ୍ରମିକମାନେ ପଞ୍ଜୀକରଣ କରିବା ପାଇଁ ଏହି ସଚେତନତା ରଥ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ପଞ୍ଜୀକରଣ ନିମନ୍ତେ ବିଭିନ୍ନ ବର୍ଗର ଅଣସଂଗଠିତ ଶ୍ରମିକଙ୍କ ମଧ୍ୟରେ ରହିଛନ୍ତି ଅଟୋଚାଳକ, ଘରୋଇ ଶ୍ରମିକ, ଖବରକାଗଜ ବିତରକ, ସଫେଇ କର୍ମଚାରୀ, ଜଙ୍ଗଲ ଶ୍ରମିକ, ରିକ୍ସା ଚାଳକ, ଉଠା ଦୋକାନୀ, କ୍ଷୁଦ୍ର ବେପାରୀ, ମୋଚି, ଦରଜୀ, ଏମ୍ବ୍ରୋଡୋରି କାରିଗର, ବାରିକ, ସ୍ପା ସେଲୁନ୍, ବିୟୁଟି ପାର୍ଲରରେ କାମ କରୁଥିବା କର୍ମଚାରୀ, ମହାରଣା, ମସ୍ତଜୀବୀ, କମାର, ରେଳବାଇ କୁଲି, ମାଲ୍ ଲୋଡିଂ ଏବଂ ଅନଲୋଡିଂରେ ନିୟୋଜିତ ଶ୍ରମିକ, ମୁଣ୍ଡରେ ବୋଝ ବୋହୁଥିବା ଶ୍ରମିକ, କୁମ୍ଭାର, ପଥର ଶିଳ୍ପୀ ଏବଂ ସହାୟକ, ଜରି ଗୋଟାଳି, ପରିମଳ କର୍ମଚାରୀ, ରଜକ/ଲଣ୍ଡ୍ରି ଓ ଡ୍ରାଇ କ୍ଲିନର୍ସ କର୍ମଚାରୀ, ବୁଣାକାର, ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର, କତାଶିଳ୍ପ ଶ୍ରମିକ, ଲୋକ କଳାକାର, ଚିତ୍ରଶିଳ୍ପୀ ଓ ପଟ୍ଟଚିତ୍ର ଶିଳ୍ପୀ, ମାଂସ କଟାଳି, ରତ୍ନ ପଥର ତଥା ସୁନାରୁପା କାରିଗର, ହୋଟେଲ/ରେଷ୍ଟୁରାଣ୍ଟ ଶ୍ରମିକ, ଫଟୋଗ୍ରାଫର ଓ ଭିଡିଓଗ୍ରାଫର, ୱେଲ୍ଡିଂ କାରିଗର ସହାୟକ, ଇଲେକ୍ଟ୍ରିସିଆନ, ପାଣି ପାଇପ୍ ମିସ୍ତ୍ରି, ଟୁଲ୍ ମେକର, ଡାଏ ମେକର ଓ ରଙ୍ଗ ପ୍ରସ୍ତୁତକାରୀ, ମାଳି, ଆସବାବପତ୍ର ମରାମତିରେ ନିୟୋଜିତ ଶ୍ରମିକ, ତେଜରାତି ଓ ପରିବା ଦୋକାନରେ କାର୍ଯ୍ୟରତ ସହାୟକ, ଫୁଲ ଦୋକାନୀ, ଟେଣ୍ଟ ହାଉସ୍ / ଡେକରେସନରେ ନିୟୋଜିତ ଶ୍ରମିକ, ବ୍ୟାଣ୍ଡପାର୍ଟି ସଦସ୍ୟ, ମନୋରଞ୍ଜନ କଳାକାର, ମ୍ୟୁଜିସିଆନ ଓ କଣ୍ଠଶିଳ୍ପୀ, ଚଳଚ୍ଚିତ୍ର ଅପରେଟର ଓ ସହାୟକ, ସିନେମା ହଲ୍ ବୁକିଂ କ୍ଲର୍କ, ବାଦ୍ୟଯନ୍ତ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ସମସ୍ତ ପ୍ରକାର କାରିଗର, ଚାରାରୋପଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ଡଙ୍ଗା ଚାଳକ ଓ ସହାୟକ, ସ୍ନାକ୍ସ ଓ ମିକ୍ସଚର ଫ୍ୟାକ୍ଟ୍ରି ଶ୍ରମିକ, ଆଚାର, ବଡ଼ି ଓ ପାମ୍ପଡ଼ ପ୍ରସ୍ତୁତକାରୀ, ସ-ମିଲ ଶ୍ରମିକ, କ୍ଷୀର ବିକ୍ରି କରୁଥିବା ବ୍ୟକ୍ତି, କେୟାରଟେକର, ହାଉସ୍ କିପର, ବେଡସାଇଟ୍ ଆଟେଣ୍ଡାଣ୍ଟ, କେକ୍ କ୍ୟାଣ୍ଡି ପ୍ରସ୍ତୁତକାରୀ, ବରଫ ପ୍ରସ୍ତୁତକାରୀ ଆଇସକ୍ରିମ୍, ଡାଏରୀ ପ୍ରଡକ୍ଟ ପ୍ରସ୍ତୁତକାରୀ, ଟ୍ରାଭେଲ ଓ ଟୁରିଷ୍ଟ ଗାଇଡ୍, ଡେଲିଭରି ବୟ ଏବଂ କୃଷି ଶ୍ରମିକ ଓ କଲ୍ଟିଭେଟର୍ ଅନ୍ତର୍ଭୁକ୍ତ। ଏହି ସମସ୍ତ ଅଣସଙ୍ଗଠିତ ଶ୍ରମିକମାନେ ସାମାଜିକ ସୁରକ୍ଷା ନିମନ୍ତେ ପଞ୍ଜୀକରଣ କରିବା ପାଇଁ ସଚେତନତା ରଥ ମାଧ୍ୟମରେ ସୂଚନା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

# ଏଚ୍‌ଏସ୍‌ଏମ୍-୨ ବିଭାଗର ସିଟ୍ ସିୟରିଂ ଲାଇନ କାର୍ଯ୍ୟକ୍ଷମ



**ରାଉରକେଲା,୨୨ ।୧୨(ସମିସ):** ହଟ ଷ୍ଟ୍ରିପ୍ ମିଲ୍ (ଏଚ୍‌ଏସ୍‌ଏମ୍)-୨ ବିଭାଗର ସିଟ୍ ସିୟରିଂ ଲାଇନ୍ ୟୁନିଟ ପ୍ରକଳ୍ପ ବିଭାଗ ଓ ଏଚ୍‌ଏସ୍‌ଏମ୍-୨ ଦଳର ମିଳିତ ଉଦ୍ୟମରେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ୭୨ ଘଣ୍ଟାର କ୍ରମାଗତ କାର୍ଯ୍ୟ ଅବଧି ମଧ୍ୟରେ ଶତକଡ଼ା ୬୬ ଭାଗ ଉତ୍ପାଦନ କ୍ଷମତା ପରୀକ୍ଷଣ ସମେତ ୧୨୪ ଏଚ୍‌ଆର୍ କଏଲ କାଟିବା ଓ ଘଣ୍ଟାକୁ ୪୮.୩ ଟନ୍ ହାରରେ ନିର୍ଦ୍ଧାରିତ ସମୟ ମଧ୍ୟରେ ୩୨୮୬ଟି ଏଚ୍‌ଆର୍ ସିଟ ଉତ୍ପାଦନ କରିପାରିବ। ମେକାନିକାଲ ସପ୍, ଷ୍ଟ୍ରକଚରାଲ ଏବଂ ଫ୍ୟାବ୍ରିକେଶନ ସପ୍, ଫାଉଣ୍ଡ୍ରିଜ, କ୍ରେନ ମେଣ୍ଟେନାନ୍ସ, ପିପିସି, ଟ୍ରାଫିକ ଓ କଞ୍ଚାମାଲ୍, ଆର୍‌ସିଏଲ୍, ସି ଆଣ୍ଡ ଆଇଟି, ଏଚ୍‌ଏମ୍‌ଇ, ଏ ଏଣ୍ଡ ଆଇ ଏୟାର କଣ୍ଡିସନ ଓ ଏମଏସ୍‌ଏସ୍ ଆଦି ଆର୍‌ଏସ୍‌ପିର ଅନେକ ବିଭାଗର ଅବାଞ୍ଛିତ ସମର୍ଥନ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି।

ଉଲ୍ଲେଖଯୋଗ୍ୟ, ଏଚ୍‌ଏସ୍‌ଏମ୍-୨ ବିଭାଗର ନୂତନ ସିଟ୍ ସିୟରିଂ ଲାଇନ ବାର୍ଷିକ ୦.୪ ମିଲିୟନ ଟନ୍ କ୍ଷମତା ରହିଛି। ସିଟ୍ ସିୟରିଂ ଲାଇନ ୧୦୦୦ ମିଲିମିଟର୍‌ରୁ ୨୦୦୦ ମିଲିମିଟର ପ୍ରସ୍ତ ସହିତ ୫ ମିଲିମିଟରରୁ ୨୦ ମିଲିମିଟର ମୋଟେଇ ଏବଂ ୪ ମିଟରରୁ ୧୩ ମିଟର ଦୈର୍ଘ୍ୟ କାଟିବା ସମେତ ସର୍ବାଧିକ ୧୦ ଟନ୍ ଓଜନର ବଣ୍ଡଲ ଓ ପ୍ୟାକେଟ କରିପାରିବାର କ୍ଷମତା ରଖିଛି। ଗୁଣବତ୍ତା, ଫିନିସ୍, ପରିମାପ ଏବଂ ଅନ୍ୟ ବୈଷୟିକତା ଦୃଷ୍ଟିରୁ ଅତ୍ୟାଧୁନିକ ଜ୍ଞାନକୌଶଳ ଆଧାରରେ ଉକ୍ତ ମିଲ୍ ଗ୍ରାହକଙ୍କ ନିଶ୍ଚିତ ଆବଶ୍ୟକତାକୁ ପୂରଣ କରିପାରିବ।

# ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ରାଉରକେଲା,୨୨ ।୧୨(ସମିସ):** ବେଦବ୍ୟାସସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଏହାର ୨୯ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଦଘାଟକ ଭାବେ ସ୍ଥାନୀୟ ସେଣ୍ଟ୍ରାଲ ବ୍ୟାଙ୍କ ଶାଖା ପ୍ରବନ୍ଧକ ଦେବଦତ୍ତ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଳୁଙ୍ଗା ଏଡିବିର ଉପ-ଶାଖା ପରିଚାଳକ ମାନସ କୁମାର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ରାକେଶ କୁମାର ସିଂହ, ମୁଖ୍ୟବକ୍ତା ଭାବେ ପ୍ରମୋଦ କୁମାର ନାଟୁଆଲା ଯୋଗଦେଇଥିଲେ।

ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିବେକାନନ୍ଦ ଦାସ, ଶିକ୍ଷା ସଂଯୋଜକ ରମେଶ ଚନ୍ଦ୍ର ବାରିକ, ଲେଖକ ସତ୍ୟବ୍ରତ ଦାସ, ବେତାର ନାଟ୍ୟକାର ନିକୁଞ୍ଜ ବିହାରୀ ଦାଶ, ଶିକ୍ଷାବିତ୍ ସନତ୍ କୁମାର ପ୍ରଧାନ, ଇଞ୍ଜିନିୟର କିରଣ ପ୍ରସାଦ ମେହେର, ବାର୍ତ୍ତା ସମ୍ପାଦକ ଶରତ କୁମାର ଦାସ, ସଂଗ୍ରାମ କେଶରୀ ଭୂୟାଁ, କାମେଶ୍ୱର ଚୌଧୁରୀ, ଯୁଗଳ କିଶୋର ଶିଙ୍ଘି ଯୋଗଦେଇଥିଲେ। କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କୃତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଇଣ୍ଟରନ୍ୟାସନାଲ ଲାୟନ୍ସ କ୍ଲବ ଜିଲ୍ଲା ଗଭର୍ଣ୍ଣର ପ୍ରବୀଣ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ପ୍ରକାଶ ଚନ୍ଦ୍ର ଧଳ, ସମ୍ମାନିତ ଅତିଥି ଫିରୋଜ ଅହମ୍ମଦ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଶାନ୍ତ କୁମାର ପାଢ଼ୀ, ଉମେଶ ଚନ୍ଦ୍ର ଦାଶ, ସୁବାସ ଚନ୍ଦ୍ର ସାହୁ, ମଞ୍ଜୁବାଳା ତ୍ରିପାଠୀ, ସୁପ୍ରିୟା ମହାରଣା, ସୀତା ନାଗ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ଗିରୀଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଶଶଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ





**ରାଉରକେଲା,୨୨ ।୧୨(ସମିସ):**

ସ୍ଥାନୀୟ ଜଗଦାସ୍ଥିତ ସିଡବ୍ଲ୍ୟୁଏସ ହସ୍ପିଟାଲ ନିକଟ କମ୍ୟୁନିଟି ସେଣ୍ଟରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟଅତିଥି ନାୟକ କହିଲେ, ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ନିର୍ମାଣ ଶ୍ରମିକଙ୍କ ବିଷୟରେ ଚିନ୍ତା କରନ୍ତି ଏବଂ ସେମାନେ କିପରି ସୁସ୍ଥ ରହିବେ ସେ ବିଷୟରେ ମଧ୍ୟ ଧ୍ୟାନ ରଖିଛନ୍ତି। ସମଗ୍ର ଓଡ଼ିଶାରେ ୨୫୦ ପଦବୀ ପାଇଁ ସାକ୍ଷାତକାର କରାଯାଇଥିଲା। ୧୨୫ ଜଣ ଅଧିକାରୀ ଶ୍ରମ ବିଭାଗର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଛନ୍ତି। ଯେଉଁଥିରେ ସୁନ୍ଦରଗଡ଼ ଜିଲ୍ଲାର ୭ଟି ପଦବୀରେ ଅଧିକାରୀଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ଏହାଦ୍ୱାରା ଜିଲ୍ଲାର ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଥିଲେ।

ଏହି ଅବସରରେ ବିଭିନ୍ନ ଯୋଜନା ମାଧ୍ୟମରେ ୪ କୋଟି ୧୭ ଲକ୍ଷ ଟଙ୍କା ୫୫୦ ନିର୍ମାଣ ଶ୍ରମିକଙ୍କୁ ପ୍ରଦାନ କରାଯାଇଥିଲା। ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଅଧୀନରେ ଥିବା ନିର୍ମାଣ ଶ୍ରମିକମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ, ଯୁଗ୍ମ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟା, ନୂଆଗାଁ ବ୍ଲକ ଅଧ୍ୟକ୍ଷ ଜ୍ୟୋତିଦିଲ ରସା ଥେଟେ, ଏଏଲ୍‌ଓ ସୁଦୀପ କୁମାର ସାହାଣି, ରାଜେଶ କୁମାର ଟେଟେ, ରଶ୍ମି ନେଲସନ୍ ପାନା, ସଙ୍ଗୀତା ବାହାଲ, ଗୀତାଞ୍ଜଳି ଦେବସା ଏବଂ ବିଭିନ୍ନ ୟୁନିୟନର କର୍ମକର୍ତ୍ତା ବୈଦ୍ୟନାଥ ଦାସ, ଦିଗମ୍ବର ମହାନ୍ତି, କ୍ଷେତ୍ରମୋହନ ମସ୍ତ, ପ୍ରଶାନ୍ତ ମାଝି, ସୁନନ୍ଦା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ କହିଲେ, ନିର୍ମାଣ ଶ୍ରମିକମାନେ ଗୋଟିଏ ବର୍ଷରେ ୯୦ ଦିନ କାମ କଲେ, ଏହି ସହାୟତା ଶିବିରର ହକଦାର ହେବେ। ପ୍ରତିବର୍ଷ ନିର୍ମାଣ ଶ୍ରମିକମାନେ ସେମାନଙ୍କୁ ଦିଆଯାଉଥିବା କାର୍ଡ ପଞ୍ଜିକୃତ ହେବା ଜରୁରୀ। ଅନ୍ୟଥା ସେମାନଙ୍କ କାର୍ଡ ବାତିଲ ହୋଇଯିବ। ବର୍ତ୍ତମାନ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଅନଲାଇନରେ କରାଯାଉଛି। ନିର୍ମାଣ ଶ୍ରମିକ ଯେକୌଣସି ସ୍ଥାନରୁ ଏହି ପଞ୍ଜୀକରଣ କରିପାରିବେ। ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ନିଜ ପାସପୋର୍ଟ ସାଇଜ୍ ଫଟୋ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ ବୋଲି ସେ କହିଥିଲେ।

# ଆଇଜିଏଚ୍‌ରେ ସଫଳ ଆଣ୍ଠୁ ପ୍ରତ୍ୟାରୋପଣ



**ରାଉରକେଲା,୨୨ ।୧୨(ସମିସ):** ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଡାକ୍ତରମାନେ ଗତ ୨୦ ବର୍ଷ ଧରି ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ଏବଂ ସମ୍ପୂର୍ଣ୍ଣ ହିପ ରିପ୍ଲେସମେଣ୍ଟ ଭଳି ଗଣ୍ଠି ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ସଫଳତାର ସହ କରିଆସୁଛନ୍ତି। ଏହି ଶଲ୍ୟ ଚିକିତ୍ସା ଦ୍ୱାରା ଏହି ଅଞ୍ଚଳ ତଥା ପଡ଼ୋଶୀ ଅଞ୍ଚଳର ଶହ ଶହ ଲୋକ ଉପକୃତ ହୋଇଛନ୍ତି। ନିକଟରେ ଦୁଇ ଜଣ ଆରଏସପି କର୍ମଚାରୀ କୋଇଲା ରାସାୟନିକ ବିଭାଗର ଜୁନିଅର ଅପରେଟର ବିଜମଲ ପ୍ରସାଦଙ୍କ ମା' ରାମପ୍ୟାରୀ ପ୍ରସାଦ (୫୭), ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗ ଏସଓଏସଟି ସୃଷ୍ଟିଧର ମହାନ୍ତିଙ୍କ ମା' ଶାନ୍ତିଲତା ମହାନ୍ତି (୫୭) ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନେ ଚଲାବୁଲା କରିବାରେ ଅସମର୍ଥ ଥିଲେ। ଅର୍ଥୋପେଡିକ୍ ସର୍ଜନ ତଥା ଅର୍ଥୋପେଡିକ୍ ୟୁନିଟ୍ ଏବଂ ଆନାସ୍ଥେସିଓଲୋଜି ବିଭାଗର କୁଶଳୀ ମେଡିକାଲ୍ ଏବଂ ପାରାମେଡିକାଲ୍ କର୍ମଚାରୀଙ୍କୁ ନେଇ ଗଠିତ ବିଶେଷଜ୍ଞ ଡାକ୍ତରୀ ଦଳ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏମାନଙ୍କ ଚିକିତ୍ସା କରିଥିଲେ। ଚିକିତ୍ସାର ଏକ ଅଂଶ ଭାବରେ ସେମାନଙ୍କୁ ଆଣ୍ଠୁଗଣ୍ଠି ବଦଳାଇବା ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା। ଡାକ୍ତରୀ ଦଳର ସାମୂହିକ ପ୍ରୟାସ ଏବଂ ପାରଦର୍ଶିତା ଯୋଗୁଁ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଅପରେଟିଭ୍ ପରବର୍ତ୍ତୀ ଚିକିତ୍ସା ରୋଗୀଙ୍କ ଦ୍ରୁତ ଆରୋଗ୍ୟ ଲାଭରେ ସାହାଯ୍ୟ କରିଥିଲା। ବର୍ତ୍ତମାନ ସେମାନେ ଫିଜିଓଥେରପି ଗ୍ରହଣ କରୁଛନ୍ତି। ବ୍ୟାୟାମ ସହିତ ରୋଗୀ ପୂର୍ବ ପରି ତାଙ୍କ ଗଣ୍ଠିକୁ ମୁକ୍ତ ଭାବରେ ଚଳାଇବାରେ ସକ୍ଷମ ହୋଇଛନ୍ତି। ଉତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇବା ପାଇଁ ଡାକ୍ତରଖାନା ପ୍ରତିବଦ୍ଧ ରହିଆସିଛି ଏବଂ ଏହି ଅଞ୍ଚଳର ଏକ ଅଗ୍ରଣୀ ଚିକିତ୍ସା ପ୍ରତିଷ୍ଠାନ ଭାବରେ ଏହାର ସୁନାମ ରକ୍ଷା କରି ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳୀ ଭାବରେ ପରିଚୟ ସୃଷ୍ଟି କରିଛି।

## ● ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ବଙ୍ଗଳା ଭାଷାର ନାଟକ 'ନାମ୍ ସୁଶିଲ' ମଞ୍ଚସ୍ଥ

**ରାଉରକେଲା,୨୨ ।୧୨(ସମିସ):**

ଆର୍‌ଏସ୍‌ପି ଆନୁକୂଲ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଭାରତ ସରକାରଙ୍କ ପ୍ରାୟୋଜିତ ଏବଂ ସ୍ପନ୍ଦନ ଆୟୋଜିତ ୩୪ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସିଭିକ ସେଣ୍ଟର୍ ମଞ୍ଚରେ ପଶ୍ଚିମବଙ୍ଗ କୋଲକାତାରୁ ଆସିଥିବା ସଂସ୍କାର ଭାରତୀ ରେପରେଟରୀର କଳାକାରମାନେ ପରିବେଷଣ କରିଥିଲେ ବଙ୍ଗଳା ଭାଷାର ମନଛୁଆଁ ନାଟକ 'ନାମ୍ ସୁଶିଲ'। ତପନ ଗାଙ୍ଗୁଲିଙ୍କ ରଚିତ ତଥା ସୁପ୍ରୀତି ଭଦ୍ରାଙ୍କ ନିର୍ଦ୍ଦେଶିତ ଏହି ନାଟକ ମଞ୍ଚସ୍ଥ ହେବା ପୂର୍ବରୁ କାର୍ଯ୍ୟକ୍ରମକୁ ସନ୍ଧ୍ୟାର ଅତିଥି ବିଶିଷ୍ଟ କବି ତଥା ନାଟ୍ୟ ବ୍ୟକ୍ତିତ୍ୱ ରାଜୀବ ପାଣି ଏବଂ ନିର୍ଦ୍ଦେଶକ ତଥା ନାଟ୍ୟକାର ପଲ୍ଲବ ଚାଟାର୍ଜୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ରାଉରକେଲା ପରି ବହୁଭାଷୀ ସହରରେ ସ୍ପନ୍ଦନ ଏପରି କାର୍ଯ୍ୟକ୍ରମ ଆୟୋଜନ କରୁଥିବାରୁ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର୍ ଡ. ସମର ମୁଦାଲିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡ. ସତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।



ଦେଶ ମାତୃକାର ସେବାରେ ବଳିଦାନ ଦେଇଥିବା ଯୋଦ୍ଧାମାନଙ୍କୁ ନେଇ ଏହି ନାଟକ ପରିକଳ୍ପିତ। ପରାଧୀନତା ଶୃଙ୍ଖଳାର ମାତୃଭୂମିକୁ ରକ୍ଷା କରି ସ୍ୱାଧୀନତା ଆଣିଦେବା ପାଇଁ ଅନେକ ଯୁବକଯୁବତୀ ଅକ୍ଳେଶରେ ପ୍ରାଣବଳି ଦେଇଛନ୍ତି। ଏପରିକି ଇଂରେଜମାନଙ୍କ କଷଣ ଓ ପେଷଣ ଭିତରେ ଜେଲ୍ ଯାଇ ମଧ୍ୟ ଦେଶ ମାତୃକାର ବୀର ଯବାନମାନେ ପଛଘୁଞ୍ଚା ଦେଇନାହାନ୍ତି। ବନ୍ଦେ ମାତରମ ସ୍ଲୋଗାନ ଦେଇ ଅନେକ ସୈନ୍ୟ ପ୍ରାଣ ବଳି ଦେଇଛନ୍ତି। ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଏହି କ୍ରାନ୍ତିଧାରୀ ଯୋଦ୍ଧାମାନେ ନିଜ ପ୍ରାଣର ଆହୁତି ଦେଇଥିବା ବେଳେ ପଶ୍ଚିମବଙ୍ଗରୁ ମଧ୍ୟ ଦେଶ ମାତୃକାର ସେବା ପାଇଁ ଅନେକ ଯୋଦ୍ଧା ପ୍ରାଣବଳି ଦେଇଛନ୍ତି। ସେମାନେ ସହିଦ ହୋଇ ସବୁଦିନ ପାଇଁ ଅମର ହୋଇଯାଇଛନ୍ତି। ସେହିପରି ଜଣେ ଯୋଦ୍ଧା ଯାହାଙ୍କ ନାମ ଲୋକଲୋଚନକୁ ଆସିପାରି ନ ଥିଲା। ତାଙ୍କ ନାମ ଥିଲା 'ନାମ୍ ସୁଶିଲ'। ସୁଶିଲଙ୍କ ବାପା ସୈନ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ। ଇଂରେଜମାନଙ୍କ ସମସ୍ତ ଚେଷ୍ଟାକୁ ପଣ୍ଡ କରିବା ପାଇଁ ଅହରହ ସଂଘର୍ଷ କରୁଥିବା ସୁଶିଲ ଦେଶ ମାତୃକାର ସୁରକ୍ଷା ପାଇଁ କାର୍ଯ୍ୟ କରି ଶେଷରେ ଇଂରେଜମାନଙ୍କ ଗୁଳିରେ ପ୍ରାଣବଳି ଦେଇଥିଲେ। ମହାନ କ୍ରାନ୍ତିକାରୀ ବାରିଷ୍ ଘୋଷ, ଅରବିନ୍ଦ ଘୋଷଙ୍କ ସହ ମିଶି ନାମ୍ ସୁଶିଲ ଇଂରେଜମାନଙ୍କୁ ଉଚିତ୍ ଶିକ୍ଷା ଦେଇଥିଲେ। ମଦନ ମୋହନ ମଲ୍ଲିକ, ଏସ ପତି, ପ୍ରବୀର ଘୋଷ, ଗୌର ଗୋପାଳ ଗୋସ୍ୱାମୀ, ଶୋଭନ ରାୟ ଚୌଧୁରୀ, ସଞ୍ଜୟ ଦାସ, ଶୁଭଙ୍କର ମାଝୀ, ବିଭାଷ ନସ୍କର, ଅନିମେଶ ସାହା, ଅରଘା ଚକ୍ରବର୍ତ୍ତୀ, ସଞ୍ଜୀବ ଦୁବେ ନାଟକରେ ଅଭିନୟ କରିଥିଲେ। ଯାହା ଦର୍ଶକଙ୍କୁ ବିଭୋର କରିଥିଲା। କାର୍ଯ୍ୟକ୍ରମକୁ ଶିଶିର ମୁଦାଲି, କ୍ଷୀରୋଦ ବାଡ଼ତ୍ୟା, ରମେଶ ରାଉତ, ନରୋତ୍ତମ ସାମଲ, ଅମୂଲ୍ୟ ବେହେରା, ନିତ୍ୟାନନ୍ଦ ଜେନା, ସୁଦିଶ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।




## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ବିପର୍ଯ୍ୟସ୍ତ

# ରକ୍ଷଣାବେକ୍ଷଣ ଅବଧିରେ ହେଉନି ମରାମତି

ସୁନ୍ଦରଗଡ଼, ୨୨।୧୨(ସମିସ)



ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସୁନ୍ଦରଗଡ଼ ଆର.ଡି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ରେମଣ୍ଡା ଛକରୁ ଦଳଦଳି ରାସ୍ତା ନିର୍ମାଣ ପ୍ରକଳ୍ପରେ ନିମ୍ନମାନ ଯୋଗୁଁ ବିଭିନ୍ନ ସ୍ଥାନରେ ପିଚୁ ଉଠି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଫଳରେ ଯାତ୍ରୀ ମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ୬.୮୦ କି.ମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତାଟି ୧୫୧.୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି। ଗତ ୨୦୨୧ ମସିହା ମାର୍ଚ୍ଚ ୧୦ ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ଉକ୍ତ ବର୍ଷ ଡିସେମ୍ବର ୯ ତାରିଖରେ କାର୍ଯ୍ୟ ସମାପ୍ତିର ସମୟ ସୀମା ରହିଥିଲା। ତେବେ କଚ୍ଛପ ଗତିରେ କାମ ଯୋଗୁଁ ନିର୍ଦ୍ଧାରିତ ସମୟ ସୀମାର ବହୁ ବିଳମ୍ବରେ କାର୍ଯ୍ୟ ସମାପ୍ତ ହୋଇଥିଲା। ସେହିପରି ଏହି ପ୍ରକଳ୍ପର ୫ ବର୍ଷ ରକ୍ଷଣା ବେକ୍ଷଣ ପାଇଁ ୧୧.୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଆଗାମୀ ୨୦୨୬ ମସିହା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଉକ୍ତ ରକ୍ଷଣାବେକ୍ଷଣର ସମୟସୀମା ଧାର୍ଯ୍ୟ ହୋଇଛି। ତେବେ ନିମ୍ନମାନ କାମ ଯୋଗୁଁ କାମ ନ ସରୁଣୁ ପିଚୁ ଉଠିବାରେ ଲାଗିଥିବା ବେଳେ ସମ୍ପ୍ରତି ଉକ୍ତ ରାସ୍ତାଟି ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମଙ୍ଗସପୁର ଠାରେ ଟାଙ୍ଗରପାଲି ବ୍ଲକର ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ରହିଛି। ତେଣୁ ଉକ୍ତ ରାସ୍ତାରେ ପ୍ରତ୍ୟହ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆମ୍ବୁଲାନ୍ସ ଯିବା




ଆସିବା କରି ଥାଏ। ସେହିପରି ଏଠାରେ ବ୍ୟାଙ୍କ, ଲ୍ୟାମ୍ପସ, ରାଜସ୍ୱ ନିରୀକ୍ଷକ, ପଶୁଧନ ନିରୀକ୍ଷକ, ଗ୍ରାମ ପଞ୍ଚାୟତ ଆଦି କାର୍ଯ୍ୟାଳୟ ସହ ଉଚ୍ଚ ବିଦ୍ୟାଳୟ ରହିଛି। ଏତଦବ୍ୟତୀତ, ଏହି ଅଞ୍ଚଳର ଏକ ପ୍ରମୁଖ ବାବସାୟିକ କେନ୍ଦ୍ର ହୋଇଥିବାରୁ ପ୍ରତ୍ୟହ ଉକ୍ତ ରାସ୍ତାରେ ଶତାଧିକ ଲୋକେ ଯିବା ଆସିବା କରି ଥାଆନ୍ତି। ମାତ୍ର ରାସ୍ତାର ଏପରି ଦୁରବସ୍ଥା ଯୋଗୁଁ ଲୋକେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି। ବିଡମ୍ବନାର ବିଷୟ, ରାସ୍ତା ରକ୍ଷଣାବେକ୍ଷଣ ଅଟକଳ ରହିଥିଲେ ହେଁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବି ସମ୍ପୃକ୍ତ ଠିକାଦାର ଏହାର ମରାମତି କରୁ ନାହାନ୍ତି। ଏଥିପ୍ରତି ସୁନ୍ଦରଗଡ଼ ଆର.ଡି ବିଭାଗ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛି। ଏ ସ୍ଥିତିରେ ମଙ୍ଗସପୁର ଗ୍ରାମର ଯୁବ ସମାଜସେବୀ ଶୁଭମ ମହାପାତ୍ର ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଇ-ଅଭିଯୋଗ ମଧ୍ୟରେ ଏ ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ନୂଆ-ଓ, ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସବଡେଗା, ୨୨।୧୨(ସମିସ):** ସ୍ଥାନୀୟ ଆଞ୍ଚଳିକ ସହଯୋଗ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ ଯୋଜନା ମାଧ୍ୟମରେ ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଛି। ଅଧ୍ୟାପକ ତପୋଧନ ନାଏକ ନୋଡାଲ ଅଫିସର ଭାବେ କାର୍ଯ୍ୟ ତୁଲାଇଥିଲେ। ବଡ଼ଗାଁ ଜିଲ୍ଲା ପରିଷଦ ସଭ୍ୟ ତଥା ବରିଷ୍ଠ ବିଜେଡି ନେତା ଅମିୟ କୁମାର ପ୍ରଧାନ, ମୁଖ୍ୟବକ୍ତା ରୂପେ ଏଲଏନ୍ କଲେଜ ଅଧ୍ୟକ୍ଷ ଚିରବ୍ରତ ଦତ୍ତ, ସମ୍ମାନିତ ଅତିଥି ରୂପେ ବିଇଓ କାଦମ୍ବିନୀ ମିକିର, ପ୍ରାକ୍ତ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଟେଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମାର୍ଗଦର୍ଶନ କରିଥିଲେ। କୌଣସି ଚାପ ଆଗରେ ହାର୍ ନ ମାନି କିଭଳି ଚାପରୁ ମୁକୁଳି ହେବ ସେ ନେଇ ବୁଝାଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା ମମତା ପଟେଲ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ତପୋଧନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ହେଲୋ କିଡ୍ସ ଓ ରିଭରଷ୍ଟୋନ୍ ବିଦ୍ୟାଳୟର ବାର୍ଷିକୋତ୍ସବ

# ‘ଗୁଣାତ୍ମକ ଶିକ୍ଷା ହିଁ ଆତ୍ମନିର୍ଭର ଦେଶ ଗଠନ କରିପାରିବ’






**ସୁନ୍ଦରଗଡ଼, ୨୨।୧୨(ସମିସ):** ସୁନ୍ଦରଗଡ଼ ସଂସ୍କୃତି ଭବନରେ ଶୁକ୍ରବାର ହେଲୋ କିଡ୍ସ ଓ ରିଭରଷ୍ଟୋନ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ଗୁଣାତ୍ମକ ପ୍ରାରମ୍ଭିକ ଶିକ୍ଷା ହିଁ ସୁନାଗରିକ ଗଠନ କରି ଆତ୍ମନିର୍ଭର ଦେଶର ସ୍ୱପ୍ନକୁ ସାକାର କରିପାରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଉପ ଆରକ୍ଷୀ ଅଧିକ୍ଷକ ଅମୃତା ନନ୍ଦିନୀ ମହାନ୍ତି ଯୋଗଦେଇ କହିଲେ, ତୁଳସୀ ଦୁଇପତ୍ରରୁ ବାସିଲା ଭଳି ବାଲ୍ୟାବସ୍ଥାରୁ ହିଁ ବ୍ୟକ୍ତିତ୍ୱର ମୂଳଦୁଆ ପଡ଼ିଥାଏ। ସ୍କୁଲ ଜୀବନରୁ ଆମେ ନିଜକୁ ଯେଉଁ ଛାଞ୍ଚରେ ଢାଳିବା ଆମ ଭବିଷ୍ୟତ ଢାଞ୍ଚା ସେହିପରି ହେବ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହ ବିଭିନ୍ନ ପ୍ରତିଯୋଗିତା, କ୍ରୀଡ଼ା, ସାଧାରଣ ଜ୍ଞାନ ଉପରେ ମଧ୍ୟ ରୁଚି ବଢ଼ାଇବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କରୁଣାକର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ହେଲୋ କିଡ୍ସ ସ୍କୁଲ ନିର୍ଦ୍ଦେଶିକା ରଶ୍ମିତା ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ମୋସେରୀ ପଦ୍ଧତି, ବୋଧଗମ୍ୟ ଓ ଖେଳ ସହ ଶିକ୍ଷା ବ୍ୟବସ୍ଥା ତଥା ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟର ସ୍ୱତନ୍ତ୍ର ଶିକ୍ଷାପ୍ରଣାଳୀ ଉପରେ ଉପସ୍ଥାପନା କରିଥିଲେ। ରିଭରଷ୍ଟୋନ ବିଦ୍ୟାଳୟ ନିର୍ଦ୍ଦେଶକ ରୋଶନ ପଟେଲ ନିଜ ବକ୍ତବ୍ୟରେ ସ୍କୁଲର ବିଭିନ୍ନ ଉପଲବ୍ଧି, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ନିୟମିତ ଶିକ୍ଷାଦାନ ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକଳାପ ତଥା ଭବିଷ୍ୟତ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ର ସ୍ୱରିତ ଉପାଧ୍ୟାୟଙ୍କୁ ‘ବେଷ୍ଟ ଆଚିଭର ଆଣ୍ଡ ଏକାଡେମିକ ଷ୍ଟାର ଅଫ ସ୍କୁଲ’ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଗତ ଦିନରେ ସ୍ୱରିତ ଉପାଧ୍ୟାୟ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରଶ୍ନୋତ୍ତର ପ୍ରତିଯୋଗତା, ବିଜ୍ଞାନ ମେଳା, ବକ୍ତୃତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇଁ ଶୁଭମ ନାଏକ, ଅମିଶା ପଟେଲ, ବୈଷ୍ଣବୀ ନାଏକ, ସଗୁନ ନାଏକ, ନିର୍ମଳ ସାହୁ, ମିତେଶ ରଞ୍ଜନ ପଟେଲ, ମ. ମିଜାନ ମେମନ, ଭାରତୀ ବାର୍ଲା, ଅଂଶିକା ପଟେଲ, ପରିସ୍ମିତା ପଟେଲ, ଆକୃତି ଅପୂର୍ବା ଦାସ, ଆରାଧ୍ୟା ପଟ୍ଟନାୟକ, ରିଦ୍ଧି ନାଏକ, କ୍ଷିତିକ ବନଛୋର ଓ ଶିଖା ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଉଲ୍ଲେଖନୀୟ ପ୍ରଦର୍ଶନ ଉପସ୍ଥିତ ଅତିଥି, ଅଭିଭାବକଙ୍କୁ ଅଭିଭୂତ କରିଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ଅନ୍ୟ ଶିକ୍ଷଣୀୟ କାର୍ଯ୍ୟକଳାପରେ ସକ୍ରିୟ ଯୋଗଦାନ ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରବୀଣ ପଟେଲ, ଶକୁନ୍ତଳା ସିଂ, ଜ୍ୟୋତିର୍ମୟୀ ପଟେଲ, ଲିଜା ଦାସ, ପ୍ରତିଭା ନାଏକ, ସ୍ୱାଗତିକା ଦାସ, ଶୈରେନ୍ଦ୍ରୀ ନାଏକ, ସଞ୍ଜୁ ସତନାମି, ରିଙ୍କି ନାଏକ ଓ ପ୍ରିୟମ୍ବଦା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ବେଦବ୍ୟାସ ଧୃଆ ମଞ୍ଚ ପରିଚାଳନା କରିଥିବା ବେଳେ ନିତ୍ୟାନନ୍ଦ ପ୍ରଧାନ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

## ଓଲଟିଲା ଅଟୋ, ଯାତ୍ରୀ ଗୁରୁତର

**ବାଲିଶଙ୍କରା, ୨୨।୧୨(ସମିସ):** ୨୧ନଂ ରାଜ୍ୟ ରାଜପଥର ତଲସରା ଥାନା ତଲସରାଠାରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟିପଡ଼ିଛି। କିଞ୍ଜିରକେଲା ପଟୁ ସୁନ୍ଦରଗଡ଼ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଯାତ୍ରୀ ଫେଦାର ଟେଟେ (୩୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ତ୍ରିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୁତ୍ରା, ୨୨।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବୁଡ଼ାକଟାଠାରେ ବୁଡ଼ାକଟା ଜୟଦୁର୍ଗା କ୍ଲବ ପକ୍ଷରୁ ଶୁକ୍ରବାର ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାୟକ, ସମ୍ମାନିତ ଅତିଥି ଭାବେ ସ୍କାନ ଷ୍ଟିଲ କମ୍ପାନୀର ଜେନେରାଲ ମ୍ୟାନେଜର ଅଙ୍କୁର ମଦନ, ପ୍ରଭୁରାମ ଦେ, ‘ସକାଳ’ ଖବରଦାତା କାହ୍ନୁଚରଣ ସାହୁ, ବୁଡ଼ାକଟା ଗ୍ରାମ ଗଉଁତିଆ ଦୋଳଗୋବିନ୍ଦ ବେହେରା, ଦିଲୀପ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରି ଉତ୍ତମ ଖେଳ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ କିଛି ବର୍ଷ ହେବ ଗଙ୍ଗାଜଳସ୍ଥିତ ସ୍କାନଷ୍ଟିଲ କମ୍ପାନୀ ସହଯୋଗ କରି ଆସୁଥିବା କ୍ଲବ ସଭାପତି ଟଙ୍କଧର ବରିହା କହିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ୧୨ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ବୁଡ଼ାକଟା ଓ ବିରତୋଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିରତୋଲା ୪୬ ରନରେ ବିଜୟୀ ହୋଇଛି। ବିରତୋଲା ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୯ କରିଥିଲା। ବୁଡ଼ାକଟା ଦଳ ୧୦ ଓଭରରେ ମାତ୍ର ୫୪ ରନ କରି ଅଲଆଉଟ ହୋଇଯାଇଥିଲା। ରବିବାର ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ। ଆୟୋଜକ କମିଟି ସମ୍ପାଦକ କମଳ ପାଉଲେ, ରୋହିତ କୁମରା, କିଶୋର ବେହେରା, ମିତ୍ରଭାନୁ ସିଂ ଦଣ୍ଡପାଠ, ଲଳିତ ପାଓଲେ, ଅଜିତ ସାହୁ ଓ ମାନସ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପଟେ ଶନିବାରଠାରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ ବୋଲି କ୍ଲବ ସଭାପତି ବରିହା ସୂଚନା ଦେଇଛନ୍ତି।

## କିଞ୍ଜିରକେଲା ତିଲଡେଗାରେ ଧାନମଣ୍ଡି ଶୁଭାରମ୍ଭ

**ବାଲିଶଙ୍କରା, ୨୨।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଲ୍ୟାମ୍ପସ ତରଫରୁ କିଞ୍ଜିରକେଲା ତିଲଡେଗାରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏମଡି ରେଣୁପଦ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ତିଲଡେଗା ସରପଞ୍ଚ ଧନେଶ୍ୱରୀ ଭୋଇ, ସମ୍ମାନିତ ଅତିଥି ରୂପେ ସନ୍ତୋଷ କୁମାର ସା, ଅନିଲ ନାଏକ, ଚନ୍ଦାରଣ ପଟେଲ, ପିରିସ ସାହୁ, ଆକାଶ ନାଏକ, ପୂର୍ବତନ ସରପଞ୍ଚ ତରଣୀ ଭୋଇ ଯୋଗଦେଇଥିଲେ। କିଞ୍ଜିରକେଲା ଲ୍ୟାମ୍ପସ ଅଧିକାରୀଙ୍କ ସୂଚନା ଅନୁସାରେ କିଞ୍ଜିରକେଲାରେ ସୋମବାର, ମଙ୍ଗଳବାର, ତିଲଡେଗାରେ ବୁଧବାର, ଗୁରୁବାର, କରୁଆବାହାଲ ପଞ୍ଚାୟତରେ ଶୁକ୍ରବାର ଓ ଶନିବାର ଧାନକିଣା ହେବ। ପ୍ରତିଦିନ ୧୨ ଶହ କୁଇଣ୍ଟାଲ ଧାନକିଣା ହେବ ବୋଲି ଲ୍ୟାମ୍ପସ ପରିଚାଳକ ସୂଚନା ଦେଇଛନ୍ତି।



## ତଲସରା ନିର୍ବାଚନମଣ୍ଡଳୀ ବିଜେଡି କର୍ମୀ ସମ୍ମିଳନୀ



**ବାଲିଶଙ୍କରା, ୨୨।୧୨(ସମିସ):** ବାଲିଶଙ୍କରା ବ୍ଲକ ରେଙ୍ଗାଲି ଡ୍ୟାମ ପରିସରରେ ତଲସରା ନିର୍ବାଚନ ମଣ୍ଡଳୀ ବିଜେଡିର ବରିଷ୍ଠ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାଜ୍ୟ ସାଧାରଣ ସମ୍ପାଦକ ଡ. ପ୍ରଫୁଲ୍ଲ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ରାମପ୍ରସାଦ ପୁରୋହିତ ସଭାପତିତ୍ୱ କରିଥିଲେ। ବୈଠକରେ ବଡ଼ଗାଁ ଜିଲ୍ଲା ପରିଷଦ ସଭ୍ୟ ଅମୀୟ ପ୍ରଧାନ ୨୦୨୪ ନିର୍ବାଚନରେ ଭୂୟାଁ ସମାଜର ପ୍ରାର୍ଥୀ ଚୟନ କଲେ ତଲସରା ନିର୍ବାଚନ ମଣ୍ଡଳୀରେ ବିଜୟ ସୁନିଶ୍ଚିତ ବୋଲି ଆହ୍ୱାନ ଦେଇଥିଲେ। ଦୀର୍ଘ ବର୍ଷ ଧରି ଭୂୟାଁ ସମାଜର ପ୍ରାର୍ଥୀ ବିଧାୟକ ଭାବେ ଜିତି ଆସୁଥିବା ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଡ. ମାଝୀ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ନୀତିଆଦର୍ଶ ସମ୍ପର୍କରେ ଗାଁ, ୱାର୍ଡ, ପଞ୍ଚାୟତ ସ୍ତରରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସବଡେଗା ବ୍ଲକ ସଭାପତି ଏମଡି ଯୁମିଲ, ସବଡେଗା ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଲେଫ୍ରିପଡ଼ା ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ, ପୂର୍ବତନ ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ ପଟେଲ, ପାଣି ପଞ୍ଚାୟତ ସଭାପତି ଅନିଲ ବେହେରା, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖର ଦେଓ, ପୂର୍ବତନ ବାଲିଶଙ୍କରା ବ୍ଲକ ବିଜେଡି ସଭାପତି ଜଗଦୀଶ କର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସିଭିଲ ନାଏକ, ସଉନାମରା ସମିତି ସଭ୍ୟା ବେଲମତି ଧୁରୁଆ, ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ, ସମିତି ସଭ୍ୟ କହ୍ନେଇ ଜୟପୁରିଆ, ଟଙ୍କଧର ପଣ୍ଡା, ଲକ୍ଷ୍ମଣ ପୁରୋହିତ, ସବଡେଗା ସରପଞ୍ଚ କ୍ରିଷ୍ଟା ଖେସ, ଦାମୋଦର ମାଝୀ, କେଶବ କଲସେର ପ୍ରମୁଖ ୩ଶହରୁ ଅଧିକ କର୍ମୀ ଯୋଗଦେଇଥିଲେ। ଆଗାମୀ ଦିନରେ ଜୋନାଲସ୍ତରୀୟ ବୈଠକ କରାଯିବ ବୋଲି ସୂଚନା ଦିଆଯାଇଛି। ପୂର୍ବତନ ବ୍ଲକ ସଭାପତି ମନୋଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକଶିତ ଭାରତ ସଂକଳ୍ପ ରଥ ଗଡ଼ିଲା



**ବାଲିଶଙ୍କରା, ୨୨।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ତୁମୁଲିଆ ଓ ତଲସରା ପଞ୍ଚାୟତରେ ଶୁକ୍ରବାର ବିକଶିତ ଭାରତ ସଂକଳ୍ପ ରଥ ଗଡ଼ିଛି। ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚିଥିବା, ହିତାଧିକାରୀମାନେ ଉପକୃତ ହୋଇଥିବା ଓ ଯୋଜନାରୁ ବଞ୍ଚିତ ଲୋକଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଉଛି। ଆଦିବାସୀ ନୃତ୍ୟଗୀତର ତାଳେ ତାଳେ ଏହି ରଥ ତଲସରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗତରାମ ପ୍ରଧାନଙ୍କ ନେତୃତ୍ୱରେ ଭାରତ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ତଲସରା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ତଥା ବିକଶିତ ଭାରତ ସଂକଳ୍ପ ଯାତ୍ରାର ଜିଲ୍ଲା କୋଅର୍ଡିନେଟର ଅମୀୟ ନାଏକ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଗୁରୁତ୍ୱାରୋପ କରିବା ସହ ଆଗାମୀ ଦିନରେ ଭାରତ ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚିବ ବୋଲି କହିଥିଲେ। ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଏବିଡିଓ ଚନ୍ଦନ ନିଖଣ୍ଡିଆ, ପର୍ଶୁରାମ ପଟେଲ, ଉଚ୍ଛବ ତନ୍ତୀ, ଜିପିଇଓ ପାସ୍କାଲ ଲାକଡ଼ା, ରାଜେନ୍ଦ୍ର ପ୍ରସାଦ ଦାସ, ସୁଜାତା ମାଝୀ, ପ୍ରିୟଦର୍ଶିନୀ ସା, ପଞ୍ଚାୟତ ନିର୍ବାହୀ ଅରୁଣ କୁମାର ପଟେଲ ପ୍ରମୁଖ ଯୋଗଦେଇଥିଲେ। ଉଭୟ ପଞ୍ଚାୟତରେ ତୁମୁଲିଆ ସରପଞ୍ଚ ଦେବୀଲାଲ ଲାକଡ଼ା, ତଲସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ ସହଯୋଗ କରିଥିଲେ। ତଲସରା ନିର୍ବାହୀ ଅଧିକାରୀ ଜଗତରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟରାମ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



**ସୁନ୍ଦରଗଡ଼, ୨୨।୧୨(ସମିସ):** ଲେଫ୍ରିପଡ଼ା ଜୟରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଦୀନେଶ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ରଘୁନାଥ ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ସ୍ୱତନ୍ତ୍ର ଖେଳପଡ଼ିଆ ନ ଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ କନିଷ୍ଠ ବର୍ଗ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ବରିଷ୍ଠ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇ ଶହେ ମିଟର ଦୌଡ଼, ଗଣିତ ଦୌଡ଼, ବସ୍ତା ଡିଆଁ, ରଶି ଡିଆଁ, ସଟ୍ ପୁଟ୍, ଜାଭଲିନ୍, ଡିସକସ୍ ଥ୍ରୋ ଆଦି ବିଭିନ୍ନ ଖେଳ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅନ୍ୟ ଶିକ୍ଷକଙ୍କ ସହଯୋଗରେ କ୍ରୀଡ଼ା ଶିକ୍ଷକ ଅଜିତ କୁମାର ରକ୍ସା ସମସ୍ତ କ୍ରୀଡ଼ାକୁ ସମ୍ପାଦନ କରିଥିଲେ। ବିଦ୍ୟୁତଲତା ପଟେଲ, ସୁଜାତା ହୋତା, ସବିତାରାଣୀ ପଟ୍ଟନାୟକ, ସଞ୍ଜିତା ପ୍ରଧାନ, ଅନନ୍ତ କୁଆ, ସୁଶୀଲ ସେଠ, ଅବିନାଶ ପାତ୍ର, ମମତା ପଟେଲ, ସୀତା କାଲୋ, ରାଜୁମଲ୍ ସୋରେନ୍, ରାଜକୁମାର ପୃଷେଠ ପ୍ରମୁଖ ମୂଲ୍ୟାଙ୍କନ କରିଥିବା ବେଳେ ପ୍ରଦୀପ ସେଠ୍, ଡାଲିମ୍ବ ଅଡ଼ା ଏବଂ ତାପସ କୁମାର ତନ୍ତୀ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

# ବାଳିକା ସଶକ୍ତୀକରଣ ମିଶନର ଶୀତକାଳୀନ କର୍ମଶାଳା

ସୁନ୍ଦରଗଡ଼, ୨୨।୧୨(ସମିସ)

ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟ ତଥା ଏନଟିପିସି ପ୍ରଭାବିତ ରାଏଡିହି, ନୂଆଡିହି, ଚିଟିଣ୍ଡା, ଛୋଟବଙ୍ଗା, ତେଲେନଡିହି, ଦର୍ଲିପାଲି, ତିଲେଇମାଲ, କନକତୁରା ଏବଂ ଲଇକେରା ଆଦି ଗ୍ରାମରୁ ମନୋନୀତ ୧୨୦ ପ୍ରତିଭାବାନ ସ୍କୁଲ ଛାତ୍ରୀଙ୍କୁ ନେଇ ଏନଟିପିସି ଦର୍ଲିପାଲି ପକ୍ଷରୁ ଶୁକ୍ରବାର ନିରାମୟା ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ସହ ବାଳିକା ଶିଶୁ ସଶକ୍ତୀକରଣ ମିଶନ୍ କର୍ମଶାଳା ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ବିଜନେସ୍ ୟୁନିଟ୍ ମୁଖ୍ୟ ଏଚ୍ ଚକ୍ରବର୍ତ୍ତୀ ଗତ ଦୁଇ ବର୍ଷ ଧରି ଏନଟିପିସି ଦର୍ଲିପାଲି ବାଳିକା ସଶକ୍ତୀକରଣ ପ୍ରତି ବିଶେଷ ଧ୍ୟାନ ଦେଇଆସୁଥିବା କହିଥିଲେ। ଜିଏମ୍ ହେଉଛି ଏନଟିପିସିର ଏକ ଫ୍ଲାଗସିପ୍




ସିଏସ୍ଆର୍ ପଦକ୍ଷେପ। ବାଳିକା ସଶକ୍ତୀକରଣ ଦିଗରେ ଏହାର ନିଷ୍ଠାପର ଉଦ୍ୟମ ଦେଶରେ ହଜାର ହଜାର ବାଳିକାଙ୍କ ଜୀବନକୁ ଉଜ୍ଜ୍ୱଳ କରିଛି। ସପ୍ତାହବ୍ୟାପୀ ଶୀତକାଳୀନ କର୍ମଶାଳା ଆୟୋଜନ କରି ଏହି ମିଶନକୁ ଆଗକୁ ବଢ଼ାଇବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ସେ କହିଥିଲେ।

ପୂର୍ବରୁ ଗତ ମେ’ ମାସରେ ଦର୍ଲିପାଲିଠାରେ ଏକ ମାସିକିଆ ଗ୍ରୀଷ୍ମକାଳୀନ କର୍ମଶାଳା ଆୟୋଜନ କରାଯାଇଥିଲା। ବର୍ତ୍ତମାନ ଶୀତ କର୍ମଶାଳା ସହ ଛାତ୍ରୀ, ପରିବାର ଏବଂ ସାମଗ୍ରିକ ସମାଜର ବିକାଶରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତି ଚାଲିଛି। ଆସନ୍ତା ୨୯ ତାରିଖ ଉଦଯାପିତ ହେବାକୁ ଥିବା ଏହି ଶୀତକାଳୀନ ଅଧିବେଶନରେ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ଭାବରେ ବାଳିକାମାନଙ୍କ ସାମଗ୍ରିକ ବ୍ୟକ୍ତିତ୍ୱର ଉନ୍ନତି ପାଇଁ ଅନେକ କାର୍ଯ୍ୟକଳାପ ରହିଛି। ବାଲ ଭାରତୀ ପବ୍ଲିକ୍ ସ୍କୁଲର ଯୋଗ୍ୟ ଶିକ୍ଷକଙ୍କ ଦ୍ୱାରା ନିୟମିତ କ୍ଲାସ୍, କ୍ରୀଡ଼ା ଏବଂ ଫିଟନେସ୍ ଯୋଗ ଏବଂ ଏରୋବିକ୍ସ, ବୃତ୍ତିଗତ ନିଯୁକ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ମନୋରଞ୍ଜନ ଏବଂ ଦକ୍ଷତା ଅଧିବେଶନ, ଜନ୍ମଦିନ ଉତ୍ସବ, ଚଳଚ୍ଚିତ୍ର ସ୍କ୍ରିନିଂ ଆଦି ରଖାଯାଇଛି। ଏହା ବାଳିକାମାନଙ୍କୁ ଆଗକୁ ବଢ଼ିବା ଏବଂ ସର୍ବୋଚ୍ଚ ସ୍ତର ହାସଲ କରିବାକୁ ପ୍ରସ୍ତୁତ କରିବ।

## ଚିଟ୍‌ଫଣ୍ଡ ଦୁର୍ନୀତି: ପିସି ସରକାରଙ୍କୁ ଜେରା



**କୋଲକାତା, ୨୨।୧୨ (ଏଜେନ୍ସି):** ପଶ୍ଚିମବଙ୍ଗ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପ୍ରସିଦ୍ଧ ଯାଦୁଗର ପିସି ସରକାର (ଜୁନିୟର) ଙ୍କୁ ଜେରା କରିଛି। ଏଜେନ୍ସିର ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। କୋଲକାତାର ସଲ୍ଟ ଲେକ୍ ସ୍ଥିତି ଇଡି କାର୍ଯ୍ୟାଳୟରେ ତାଙ୍କୁ ପଚରାଉଚୁରା କରାଯାଉଛି। ସେ କିଭଳି ଭାବେ ଏହି ମାମଲାରେ ସାମିଲ ଥିଲେ ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଏହି ମାମଲାରେ ୭୯୦ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିଲା। କିଛି ଦିନ ଦଳେ ଏହି ମାମଲାରେ ଟାୱର ଗ୍ରୁପ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଜେରା କରିବାରୁ ପିସି ସରକାରଙ୍କ ନାମ ସାମ୍ନାକୁ ଆସିଥିଲା। ୨୦୨୧ରେ ସିବିଆଇ ଏହି ମାମଲାରେ ବାଲିଗଞ୍ଜ ସ୍ଥିତ ଯାଦୁଗରଙ୍କଙ୍କ ଘରେ ଚଢ଼ଉ କରିଥିଲା।

## ୧୫୦ କୋଟି ଦୁର୍ନୀତି: କଂଗ୍ରେସ ବିଧାୟକ ଦୋଷୀ



**ମୁମ୍ବଇ, ୨୨।୧୨ (ଏଜେନ୍ସି):** ଦୁର୍ନୀତି ମାମଲାରେ ମହାରାଷ୍ଟ୍ର କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁନୀଲ କେଦାରଙ୍କ ସମେତ ୪ ଜଣ ଲୋକଙ୍କୁ ନାଗପୁରର ଏକ ସ୍ୱତନ୍ତ୍ର କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାକ୍ଷୀପ୍ରମାଣ ଅଭାବରୁ ଆଉ ତିନି ଜଣଙ୍କୁ ମୁକ୍ତ କରିଦେଇଛନ୍ତି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ ଦଣ୍ଡ ଘୋଷଣା କରାଯିବ। ଏହି ମାମଲା ନାଗପୁରର ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ (ଏନ୍‌ଡିସିସିବି)ରୁ ହୋଇଥିବା ୧୫୦ କୋଟି ଟଙ୍କାର ଦୁର୍ନୀତି ସମ୍ବନ୍ଧିତ। ୨୦୦୨ରେ ଏହି ମାମଲା ସାମ୍ନାକୁ ଆସିଥିଲା। ସେତେବେଳେ ସୁନୀଲ କେଦାର ବ୍ୟାଙ୍କର ଅଧ୍ୟକ୍ଷ ଥିଲେ।

## ୧୯ରେ ରାଜ୍ୟସଭାର ୪ ଆସନରେ ନିର୍ବାଚନ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଜାନୁଆରୀ ୧୯ରେ ଦେଶର ୪ ରାଜ୍ୟସଭା ଆସନରେ ନିର୍ବାଚନ ହେବ। ଏହି ଆସନ ମଧ୍ୟରେ ଦିଲ୍ଲୀର ତିନୋଟି ଏବଂ ସିକିମର ଗୋଟିଏ ଆସନ ସାମିଲ ରହିଛି। ନିର୍ବାଚନ କମିଶନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଆସନ୍ତା ବର୍ଷ ଜାନୁଆରୀ ୨୭ରେ ଆମ୍ ଆଦମୀ ପାର୍ଟି (ଆପ୍)ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ, ସୁଶୀଲ କୁମାର ଗୁପ୍ତା ଏବଂ ନାରାୟଣ ଦାସ ଗୁପ୍ତାଙ୍କ ୬ ବର୍ଷୀୟ କାର୍ଯ୍ୟକାଳ ଶେଷ ହେଉଛି। ସେହିପରି ସିକିମ ଡେମୋକ୍ରାଟିକ ଫ୍ରଣ୍ଟର ରାଜ୍ୟସଭା ସାଂସଦ ହିସେ ଲାଚୁଙ୍ଗପାଙ୍କ କାର୍ଯ୍ୟକାଳ ଫେବୃଆରୀ ୨୩ରେ ଶେଷ ହେବ। ଜାନୁଆରୀ ୧୯ ସକାଳ ୯ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମତଦାନ ହେବ। ସନ୍ଧ୍ୟା ୫ଟା ପରେ ଭୋଟ ଗଣତି ଆରମ୍ଭ ହେବ।

## ୩୦୦ ଭାରତୀୟ ଯାଉଥିବା ବିମାନ ଅଟକ

**ପ୍ୟାରିସ, ୨୨।୧୨ (ଏଜେନ୍ସି):** ମାନବ ଚାଲାଣ ସନ୍ଦେହରେ ଫ୍ରାନ୍ସରେ ଏକ ଯାତ୍ରୀବାହୀ ବିମାନକୁ ଅଟକାଇ ଦିଆଯାଇଛି। ଏହି ବିମାନରେ ୩୦୩ ଭାରତୀୟ ଯାତ୍ରା କରୁଥିଲେ। ଏହି ବିମାନ ଦୁବାଇ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି ନିକାରଗୁଆ ଯାଉଥିଲା। ରିପୋର୍ଟ ଅନୁଯାୟୀ ଇନ୍ଧନ ଭର୍ତ୍ତି କରିବା ପାଇଁ ବିମାନଟି ଫ୍ରାନ୍ସର ଭାଟ୍ରି ବିମାନବନ୍ଦରରେ ଅବତରଣ କରିଥିଲା। ଏହି ସମୟରେ ବିମାନରେ ଥିବା ଭାରତୀୟ ମାନବ ଚାଲାଣର ଶିକାର ହେବାକୁ ଯାଉଥିବା ସୂଚନା ମିଳିଥିଲା। ପରେ ପୁଲିସ ବିମାନକୁ ଅଟକାଇ ଦେଇଥିଲା।

## ୨୪ ଘଣ୍ଟାରେ ୬୪୧ କରୋନା ସଂକ୍ରମିତ

**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଭାରତରେ କରୋନାର ନୂଆ ଉପ-ପ୍ରଜାତି ଜେଏନ.୧ ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ଏହି ଉପ-ପ୍ରଜାତିର ୨୨ଟି ମାମଲା ଚିହ୍ନଟ କରାଗଲାଣି। ଗତ ୨ ସପ୍ତାହରେ ଏହି ଭୂତାଣୁ ଭାରତର ୧୧ ରାଜ୍ୟକୁ ବ୍ୟାପିଥିବା ସୂଚନା ମିଳିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୬୪୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ସଂକ୍ରମିତ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ଚିକିତ୍ସାଧୀନ ରୋଗୀସଂଖ୍ୟା ୨,୯୯୮ରେ ପହଞ୍ଚି ଯାଇଛି। ତେବେ ଚିନ୍ତାର ବିଷୟ ଏହି କି ଯେ ଦିନକରେ କେରଳରୁ ସର୍ବାଧିକ ୨୬୫ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ରାଜସ୍ଥାନ ଜୟପୁରର ଜଣେ ମାସକର ଶିଶୁ କରୋନାରେ ସଂକ୍ରମିତ ହୋଇଛନ୍ତି।

## ସଞ୍ଜୟ ସିଂଙ୍କ ଜାମିନ ଆବେଦନ ଖାରଜ



**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂଙ୍କୁ ଝଟ୍‌କା ଲାଗିଛି। ଶୁକ୍ରବାର ଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟ ବିଚାରପତି ଏମ୍‌କେ ନାଗପାଲ ତାଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି। ଏହା ସହିତ ତାଙ୍କ ହେପାଜତ ସୀମାକୁ ଜାନୁଆରୀ ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଶୁଣାଣି ସମୟରେ ଇଡି ପକ୍ଷରୁ କୁହାଯାଇଥିଲା ଯେ ଏହି ମାମଲାରେ ସଞ୍ଜୟ ସିଂଙ୍କ ବଡ଼ ହାତ ରହିଛି। ଏବେ ମାମଲାର ତଦନ୍ତ ଜାରି ରହିଛି। ଜାମିନ ମିଳିଲେ ସେ ସାକ୍ଷୀପ୍ରମାଣ ନଷ୍ଟ କରିପାରନ୍ତି। ପ୍ରଭାବ ପକାଇ ତଦନ୍ତକୁ ବାଟବଣା କରିପାରନ୍ତି। ସେହିପରି ମାମଲାର ଅଭିଯୁକ୍ତ ଦିନେଶ ଆରୋରା ଏବଂ ଅନ୍ୟ ସାକ୍ଷୀମାନେ ଦେଇଥିବା ମନ୍ତବ୍ୟରେ ତାଳମେଳ ନାହିଁ ବୋଲି ସଞ୍ଜୟଙ୍କ ଓକିଲ କହିଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ରାଉଜ ଆଭିନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ନ୍ୟାୟିକ ହେପାଜତ ସୀମାକୁ ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି।

## କେଜ୍ରିୱାଲଙ୍କୁ ତୃତୀୟ ଥର ପାଇଁ ଇଡି ସମନ



**ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ତୃତୀୟ ଥର ପାଇଁ ଶୁକ୍ରବାର ସମନ ଜାରି କରିଛି। ଜାନୁଆରୀ ୩ରେ ପଚରାଉଚୁରା ପାଇଁ ହାଜର ହେବାକୁ କେଜ୍ରିୱାଲଙ୍କୁ କୁହାଯାଇଛି। ଏହା ପୂର୍ବରୁ ଏଜେନ୍ସି ତାଙ୍କୁ ଗତ ୨୧ ତାରିଖରେ ଜେରା ପାଇଁ ହାଜର ହେବାକୁ କହିଥିଲା। କିନ୍ତୁ କେଜ୍ରିୱାଲ ହାଜର ନ ହୋଇ ବିବସନା କ୍ୟାମ୍ପକୁ ଚାଲି ଯାଇଥିଲେ। ସେ ଏଜେନ୍ସିକୁ ଚିଠି ଲେଖି ଜବାବ ଦେଇଥିଲେ। ସେ ପୂର୍ବଥର ଭଳି ସମନକୁ ଅସାମ୍ବିଧାନିକ ଏବଂ ବେଆଇନ କହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ସମନ ଜାରି କରାଯାଉଥିବା କହିଥିଲେ। ସେ ସଚ୍ଚୋଟତାର ସହ ଜୀବନ ନିର୍ବାହ କରୁଛନ୍ତି। ଏଥିପାଇଁ ଇଡି ସମନ ପ୍ରତ୍ୟାହାର କରିବା ଉଚିତ୍ ବୋଲି କହିଥିଲେ। ଇଡି ନଭେମ୍ବର ୨ରେ ମଧ୍ୟ କେଜ୍ରିୱାଲଙ୍କୁ ଜେରା ପାଇଁ ଡାକିଥିଲା। କିନ୍ତୁ ସେତେବେଳେ ବି ସେ ଉପସ୍ଥିତ ହୋଇ ନ ଥିଲେ।

### ସାଂସଦଙ୍କ ନିଲମ୍ବନ ବିରୋଧରେ 'ଇଣ୍ଡିଆ' ମେଣ୍ଟର ହୁଙ୍କାର

# ୬୦% ଭାରତୀୟଙ୍କ କଣ୍ଠରୋଧ କରାଯାଇଛି




**ନୂଆଦିଲ୍ଲୀ,୨୨।୧୨(ଏଜେନ୍ସି)**

ସଂସଦର ଶୀତକାଳୀନ ଅଧିବେଶନ ଅବଧି ଶୁକ୍ରବାର ଶେଷ ହୋଇଛି। କିନ୍ତୁ ଏହାପୂର୍ବରୁ ଲୋକସଭା ଏବଂ ରାଜ୍ୟସଭାରୁ ୧୪୬ ବିରୋଧୀ ସାଂସଦଙ୍କୁ ନିଲମ୍ବନ କରାଯିବା ଘଟଣାକୁ ନେଇ ବିରୋଧୀଙ୍କ ତାତି ଆହୁରି ବଢିଛି। ସଂସଦରେ ଏହି ପ୍ରସଙ୍ଗକୁ ବିରୋଧ କରି ପୂର୍ବରୁ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିଲା ବେଳେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ

### ଜନ୍ତରମନ୍ତର ସମେତ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ

ଅଧ୍ୟକ୍ଷ ମଲିକାର୍ଜ୍ଜୁନ ଖଡ଼ଗେ , ରାହୁଲ ଗାନ୍ଧୀଙ୍କ ସମେତ ସିପିଆଇ(ଏମ) ନେତା ସୀତାରାମ ୟେଚୁରୀ, ସିପିଆଇ ନେତା ଡି ରାଜା, ଡିଏମକେ ନେତା ତିରୁଚି ଶିବାଙ୍କ ଭଳି ଇଣ୍ଡିଆ ମେଣ୍ଟର ବହୁ ନେତା ଜନ୍ତରମନ୍ତର ଠାରେ ଏକାଠି ହେବା ସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଗତକାଲି ବିରୋଧୀ ଦଳର ନେତା ମାନେ ସାଂସଦ ନିଲମ୍ବନ ଘଟଣା ବିରୋଧରେ ପଦଯାତ୍ରା କରିଥିଲା ବେଳେ ଏହି ପ୍ରସଙ୍ଗକୁ ନେଇ ସେମାନଙ୍କ ବିରୋଧ ଜାରି ରହିବ ବୋଲି କହିଥିଲେ।

ସେହିକ୍ରମରେ ଶୁକ୍ରବାର ଜନ୍ତରମନ୍ତର ଠାରେ ବିରୋଧୀଙ୍କ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହାଛଡ଼ା ଦେଶର ବିଭିନ୍ନ ଭାଗରେ ଜିଲ୍ଲା ସ୍ତରରେ ମଧ୍ୟ ବହୁ ବିରୋଧୀ ଦଳ ପକ୍ଷରୁ କେନ୍ଦ୍ର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ରାହୁଲ ଗାନ୍ଧୀ ବିଜେପି ସରକାରକୁ ନିଶାଣ କରି ବର୍ଷିଛନ୍ତି। ସେ କହିଛନ୍ତି ଯେ, ସଂସଦର ସୁରକ୍ଷା ତ୍ରୁଟି ଘଟଣା ପାଇଁ କେନ୍ଦ୍ର ସରକାର ଦାୟୀ। ଏ ସମ୍ପର୍କରେ ବିରୋଧୀ ଦଳ ପ୍ରଶ୍ନ କରିଥିଲା ବେଳେ ଗୃହରେ ସରକାରଙ୍କ ପକ୍ଷରୁ ଜବାବ ରଖିବା ଜରୁରୀ ଥିଲା। କିନ୍ତୁ ଏହା ନ କରି କେନ୍ଦ୍ର ସରକାର ଉଭୟ ଗୃହରୁ ବିରୋଧୀ ସଦସ୍ୟଙ୍କୁ ନିଲମ୍ବିତ କରି ଚାଲିଥିଲେ। କୌଣସି ଅଧିବେଶନରେ ୧୫୦ ସାଂସଦଙ୍କୁ ନିଲମ୍ବନ କରାଯିବା ଘଟଣା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ।

ଏହା କେବଳ ବିଜେପି ସରକାରର ଏକଚାଟିଆ ନୀତିକୁ ପ୍ରମାଣିତ କରିଛି। କେନ୍ଦ୍ର ସରକାର ଏଭଳି କରି ଦେଶର ୬୦ ପ୍ରତିଶତ ଲୋକଙ୍କ କଣ୍ଠରୋଧ କରିଦେଇଛନ୍ତି ବୋଲି ରାହୁଲ କହିଛନ୍ତି। ସଂସଦ ଭିତରେ ଯେଉଁମାନେ ପଶିଥିଲେ ସେମାନଙ୍କ ଏଭଳି କାର୍ଯ୍ୟ ପଛରେ ବେକାରୀ ସମସ୍ୟା ମୁଖ୍ୟ କାରଣ। କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ସେମାନଙ୍କ ପୁଞ୍ଜିଭୁତ କ୍ଷୋଭ ପ୍ରକାଶ ପାଇଁ ସେମାନେ ଏଭଳି କାର୍ଯ୍ୟ କରିବାକୁ ବାଧ ହୋଇଥିଲେ। କେବଳ ଏହି ଯୁବକମାନେ ନୁହନ୍ତି, ବରଂ ଦେଶର ଲକ୍ଷ ଲକ୍ଷ ଯୁବକଙ୍କ ପାଇଁ ବେକାରୀ ସମସ୍ୟା ଏକ ବଡ଼ ସମସ୍ୟା ହୋଇ ଛିଡା ହୋଇଛି। ଯୁବକମାନେ କାମଧନ୍ଦା ନ ପାଇ ଦିନକୁ ୭ ରୁ ୮ ଘଣ୍ଟା କେବଳ ମୋବାଇଲ ଫୋନରେ କଟାଉଛନ୍ତି। କିନ୍ତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିମୁଖ ରହିଛନ୍ତି। ଏହି ପ୍ରସଙ୍ଗରେ ଆମେ ସଂସଦରେ ଆଲୋଚନା କରିବାକୁ ବାରମ୍ବାର ଦାବି ଉତଥାପନ କରିଥିଲେ ହେଁ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଅନ୍ୟପକ୍ଷରେ ୧୫୦ ସାଂସଦଙ୍କୁ ନିଲମ୍ବନ କରାଯାଇଛି। କିନ୍ତୁ କେନ୍ଦ୍ରର ଏହି ମନୋମୁଖୀ ଶାସନ ବିରୋଧରେ ଆମର ଲଢେଇ ଜାରି ରହିବ ବୋଲି ରାହୁଲ କହିଛନ୍ତି। ବିଜେପି ଦେଶରେ ଯେତେ ଶତ୍ରୁତା ଭାବ ସୃଷ୍ଟି କରିବ,ଇଣ୍ଡିଆ ମେଣ୍ଟ ସେତିକି ସଦଭାବ ପ୍ରତିଷ୍ଠା ପାଇଁ ସଂଗ୍ରାମ ଚଳାଇବ ବୋଲି ରାହୁଲ କହିଛନ୍ତି। ସେହିପରି ସିପିଆଇ(ଏମ) ନେତା ସୀତାରାମ ୟେଚୁରୀ ସଂସଦ ସୁରକ୍ଷା ତ୍ରୁଟି ମାମଲାରେ କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ସହିତ ବିଜେପି ଠାରୁ ଦେଶକୁ ମୁକ୍ତ କରିବାକୁ ପଡ଼ିବ ବୋଲି କହିଛନ୍ତି।

### ଅସନ୍ତୋଷ ଦୂର କରିବାକୁ ପ୍ରୟାସ

## ନୀତୀଶଙ୍କ ସହ କଥାହେଲେ ରାହୁଲ

**ପାଟନା, ୨୨।୧୨ (ଏଜେନ୍ସି):** ଦିଲ୍ଲୀରେ ଅନୁଷ୍ଠିତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଚତୁର୍ଥ ବୈଠକରୁ ରାଗି ଚାଲି ଯାଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବୁଝାଇବାକୁ ଉଦ୍ୟମ କରିଛନ୍ତି। ସେ ଦୁଇ ଦିନ ପରେ ଶୁକ୍ରବାର ନୀତୀଶଙ୍କୁ ଫୋନ୍ କରି ଦୀର୍ଘ ସମୟ ପର୍ଯ୍ୟନ୍ତ କଥା ହୋଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀଙ୍କ ଅସନ୍ତୋଷ ଦୂର କରିବାକୁ ରାହୁଲ ପ୍ରୟାସ କରିଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ଅନୁଷ୍ଠିତ ମେଣ୍ଟର ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ଖଡ଼୍‌ଗେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଏହାକୁ ସମର୍ଥନ ଦେଇଥିଲେ। ମାତ୍ର ନୀତୀଶ ଏବଂ ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କୁ ଏହା ପସନ୍ଦ ଆସି ନ ଥିଲା। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଉଭୟେ ବୈଠକ ଛାଡ଼ି ଚାଲି ଯାଇଥିଲେ। ଏବେ ରାହୁଲ ନୀତୀଶଙ୍କୁ ବୁଝାଇବାକୁ ପ୍ରୟାସ କରି ଆସନ ବୁଝାମଣା ଉପରେ ଆଲୋଚନା କରିଥିଲେ। ତେବେ ଏ ବିଷୟରେ କଂଗ୍ରେସ ଏବଂ ଜେଡିୟୁ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ରାହୁଲଙ୍କ ସହ ଆଲୋଚନା ପରେ ନୀତୀଶଙ୍କୁ ଭେଟିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ପହଞ୍ଚି ଥିଲେ। ଉଭୟଙ୍କ ମଧ୍ୟରେ କ୍ୟାବିନେଟ ସମ୍ପ୍ରସାରଣ ଏବଂ ଆସନ ବୁଝାମଣାକୁ ନେଇ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଉଭୟେ ଏକ ଚୂଡ଼ାନ୍ତ ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି। ପୂର୍ବରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ନେଇ ଚର୍ଚ୍ଚା ହେଉଥିଲା। ତେଣୁ ଏହି ସାକ୍ଷାତକୁ ଅଧିକ ଗୁରୁତ୍ୱ ଦିଆଯାଉଛି।

### ପୁଟିନଙ୍କ ସହମତିରେ ହୋଇଥିଲା ପ୍ରିଗୋଝିନଙ୍କ ହତ୍ୟା

# ବିମାନ ଡେଣାରେ ରଖାଯାଇଥିଲା ବୋମା

**ମସ୍କୋ, ୨୨।୧୨ (ଏଜେନ୍ସି)**







ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବିରୋଧରେ ବିଦ୍ରୋହ କରିଥିବା ଘରୋଇ ଆର୍ମୀ ୱାଗନର ଗ୍ରୁପ୍‌ର ମୁଖ୍ୟ ୟେଭଗେନି ପ୍ରିଗୋଝିନଙ୍କ ମୃତ୍ୟୁକୁ ନେଇ ବଡ଼ ଦାବି କରାଯାଇଛି। ଏହା ପଛରେ ପୁଟିନଙ୍କ ହାତ ଥିବା କୁହାଯାଇଛି। ପୁଟିନଙ୍କ ସହମତିରେ ହିଁ ତାଙ୍କ ଘନିଷ୍ଠ ପ୍ରିଗୋଝିନଙ୍କୁ ହତ୍ୟା କରାଯାଇଥିଲା। ଏଥିପାଇଁ ବିମାନରେ ବୋମା ଖଞ୍ଜା ଯାଇଥିଲା। ଆମେରିକା ଗଣମାଧ୍ୟମରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ପୁଟିନଙ୍କ ଘନିଷ୍ଠ ତଥା ରୁଷ୍ ସୁରକ୍ଷା ପରିଷଦର ସଚିବ ନିକୋଲଇ ପେଟ୍ରୁସୋଭ ଏହି ହତ୍ୟାର ମାଷ୍ଟରମାଇଣ୍ଡ ଥିଲେ। ପ୍ରିଗୋଝିନଙ୍କ କ୍ଷମତା ବୃଦ୍ଧିକୁ ନେଇ ସେ ଅନେକ ଥର ପୁଟିନଙ୍କ ନିକଟରେ ଚିନ୍ତା ପ୍ରକଟ କରିଥିଲେ। ପ୍ରିଗୋଝିନ ଅନେକ ଥର ଖୋଲାଖୋଲି ଭାବେ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ଏବଂ ଅନ୍ୟ ନେତାମାନଙ୍କୁ ସମାଲୋଚନା କରିଥିଲେ। ଏହାକୁ ପେଟ୍ରୁସେଭ ପସନ୍ଦ କରୁ ନ ଥିଲେ। ତାଙ୍କୁ ଆବଶ୍ୟକତାଠାରୁ ଅଧିକ କ୍ଷମତା ଦିଆଯାଇଥିବା ସେ ଭାବୁଥିଲେ। ରୁଷ୍‌ରେ କ୍ଷମତା ଦଖଲ ଉଦ୍ୟମ କରିବା ସମୟରେ ପେଟ୍ରୁସେଭ ପୁଟିନଙ୍କ ନିକଟରେ ୱାଗନର ମୁଖ୍ୟଙ୍କ ବିରୋଧରେ ବିଷ ଓଗାଳି ଥିଲେ। ସେ ପ୍ରିଗୋଝିନଙ୍କୁ ଦଣ୍ଡ ଦେବା ପାଇଁ କହିଥିଲେ। ପୁଟିନ ମଧ୍ୟ ଏହାକୁ ସ୍ୱୀକାର କରି ନେଇଥିଲେ।

**ରାଷ୍ଟ୍ରପତିଙ୍କ ଘନିଷ୍ଠ ସଚିବ ନିକୋଲଇ ହତ୍ୟାର ମାଷ୍ଟରମାଇଣ୍ଡ**

**ବିସ୍ଫୋରଣରେ ଯାଇଥିଲା ୱାଗନର ମୁଖ୍ୟଙ୍କ ସହ ୧୦ ଜୀବନ**

**ପ୍ରିଗୋଝିନଙ୍କ କ୍ଷମତା ଦେଖି ଡରି ଯାଇଥିଲେ ପୁଟିନ**

ପଶ୍ଚିମ ଦେଶରୁ ମିଳିଥିବା ଗୁଇନ୍ଦା ସୂଚନାରେ ମଧ୍ୟ ପ୍ରିଗୋଝିନଙ୍କ ଜୀବନ ପ୍ରତି ବିପଦ ଥିବା କୁହାଯାଇଥିଲା। ମାତ୍ର ସେ ବିଦ୍ରୋହ ଶେଷ କରିବା ପାଇଁ ସମସ୍ତ ସର୍ତ୍ତକୁ ପୂରଣ କରିଥିଲେ। ଏହି ବିଦ୍ରୋହ ଶାନ୍ତ ପଡ଼ିବା ପରେ ପେଟ୍ରୁସେଭ ନିଜ ସହାୟକଙ୍କୁ ପ୍ରିଗୋଝିନଙ୍କ ହତ୍ୟା ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୋଜନା ପୁଟିନଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ସେ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇ ନ ଥିଲେ। ଏହା ପରେ ଅଗଷ୍ଟ ୨୩ରେ ପ୍ରିଗୋଝିନ ଏମ୍ବ୍ରେଅର ଲେଗେସି ୬୦୦ ବିମାନରେ ମସ୍କୋରୁ ସେଣ୍ଟ ପିଟର୍ସବର୍ଗ ଫେରୁ ଥିଲେ। ଏହି ସମୟରେ ହତ୍ୟା ଷଡ଼ଯନ୍ତ୍ର କରାଯାଇଥିଲା। ପ୍ରିଗୋଝିନ ବିମାନରେ ବସିବା ପୂର୍ବରୁ ସୁରକ୍ଷା ଯାଞ୍ଚ ମଧ୍ୟ କରାଯାଇଥିଲା। ଏହି ସମୟରେ ବିମାନର ଡେଣା (ୱିଙ୍ଗ)ରେ ବୋମା ରଖା ଯାଇଥିଲା। ଚେକିଂ ଶେଷ ହେବା ପରେ ପ୍ରିଗୋଝିନଙ୍କ ସହ ୯ ଜଣ ଲୋକ ବିମାନରେ ବସି ଥିଲେ। ୩୦ ମିନିଟ ମଧ୍ୟରେ ଏହି ବିମାନ ୨୮ ହଜାର ଫୁଟ ଉଚ୍ଚରେ ପହଞ୍ଚି ଥିଲା। ଏହା ପରେ ବିସ୍ଫୋରଣ ହୋଇଥିଲା। ବିମାନ ଧ୍ୱଂସ ହୋଇ ତଳେ ପଡ଼ିଥିଲା। ଏହି ହତ୍ୟା ଷଡ଼ଯନ୍ତ୍ରରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା। ରୁଷ୍‌ରେ ମୃତଦେହର ଡିଏନ୍‌ଏ ପରୀକ୍ଷଣ କରାଯାଇଥିଲା। ଏଥିରେ ୱାଗନର ମୁଖ୍ୟଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଥିଲା। ଏହାର ଦିନକ ପରେ ପୁଟିନ ପ୍ରିଗୋଝିନଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ପ୍ରିଗୋଝିନ ଜଣେ ଉତ୍ତମ ବ୍ୟବସାୟୀ ଥିଲେ। କିନ୍ତୁ କିଛି ବଡ଼ ଭୁଲ୍ କରିଦେଇଥିଲେ। ଦୀର୍ଘ ଦିନ ହେଲା ସେ ତାଙ୍କୁ ଜାଣିଥିଲେ। ୧୯୯୦ରେ ପ୍ରଥମ ଥର ପାଇଁ ସେ ପ୍ରିଗୋଝିନଙ୍କୁ ଭେଟି ଥିଲେ। ଏହି ରିପୋର୍ଟ ଆସିବା ପରେ ପୁଟିନଙ୍କୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି।

### ■ ପୁଞ୍ଚରେ ସେନାଗାଡ଼ି ଉପରେ ଆକ୍ରମଣ ମାମଲା

# ଆଉ ଜଣେ ଯବାନ ସହିଦ

**ଶ୍ରୀନଗର, ୨୨।୧୨ (ଏଜେନ୍ସି)**

ଜମ୍ମୁ-କାଶ୍ମୀର ପୁଞ୍ଚର ରାଜୌରି ଅନ୍ତର୍ଗତ ଡେରା କି ଗଲି (ଡିକେଜି) ଅଞ୍ଚଳରେ ଗୁରୁବାର ସେନାର ୨ ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଆଉ ଜଣେ ଯବାନ ଶୁକ୍ରବାର ପ୍ରାଣ ହରାଇଛନ୍ତି। ଏବେ ବି ୨ ଜଣ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏ ପର୍ଯ୍ୟନ୍ତ ଏହି ଆକ୍ରମଣରେ ୫ ଜଣ ଯବାନ ସହିଦ ହେଲେଣି। ଗୁରୁବାର ଏହି ଅଞ୍ଚଳରୁ ୨ ଯବାନଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ଏବେ ଆତଙ୍କବାଦୀଙ୍କୁ ଧରିବା ପାଇଁ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ନ୍ୟାସନାଲ ଇନଭେଷ୍ଟିଗେସନ ଟିମ୍ (ଏନ୍‌ଆଇଏ) ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। ସୂଚନା ଅନୁଯାୟୀ ଗୁରୁବାରର ଆକ୍ରମଣକୁ ନେଇ ସେନା ପ୍ରାୟ ୨୦ ଲୋକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏମାନେ ଆକ୍ରମଣରେ ସାମିଲ ଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ରାଜୌରି-ପୁଞ୍ଚ କ୍ଷେତ୍ରରେ ପ୍ରାୟ ୩୦ ପାକିସ୍ତାନୀ ଆତଙ୍କବାଦୀ ସକ୍ରିୟ ଥିବା ଗୁଇନ୍ଦା ସୂଚନା ମିଳିଛି। ସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ ଗୁରୁବାର ଯବାନ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ମୁହାଁମୁହିଁ ଲଢ଼େଇ ହୋଇଥିଲା। ହାତାହାତି ହୋଇଥିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଆତଙ୍କବାଦୀ ଯବାନଙ୍କୁ ମାରି ଅସ୍ତ୍ରଶସ୍ତ୍ର ଲୁଟି ନେଇଥିବା ମଧ୍ୟ କୁହାଯାଉଛି।

ଏହା ମଧ୍ୟରେ ଆତଙ୍କବାଦୀ ସଂଗଠନ ପିପୁଲ୍ସ ଆଣ୍ଟି-ଫାସିଷ୍ଟ ଫ୍ରଣ୍ଟ (ପିଏଏଫ୍‌ଏଫ୍) ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ପୂର୍ବରୁ ମଧ୍ୟ ଅନେକ ଆକ୍ରମଣରେ ଏହି ଆତଙ୍କବାଦୀ ସଂଗଠନ ସାମିଲ ଥିଲା। ଏହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲ୍‌ଇଟି)ର ଆଉ ଏକ ଶାଖା। ୨୦୧୯ ଅଗଷ୍ଟରେ ଜମ୍ମୁ-କାଶ୍ମୀରର ସ୍ୱତନ୍ତ୍ର



**ଆକ୍ରମଣ ପାଇଁ ନିଜକୁ ଦାୟୀକଲା ପିଏଏଫ୍‌ଏଫ୍**

**ଘଟଣାସ୍ଥଳରେ ପହଞ୍ଚିଲା ଏନ୍‌ଆଇଏ ଟିମ୍**

**ସ୍ଥାନୀୟ ଅଧିବାସୀଙ୍କୁ ଅଟକ ରଖି ଜେରା**

**ପୁଞ୍ଚ କ୍ଷେତ୍ରରେ ୩୦ ପାକିସ୍ତାନୀ ଆତଙ୍କବାଦୀ ସକ୍ରିୟ**

ମାନ୍ୟତା ପ୍ରତ୍ୟାହାର ହେବା ପରେ ପ୍ରଥମ ଥର ପାଇଁ ଏହି ସଂଗଠନ ସାମ୍ନାକୁ ଆସିଥିଲା। ଏହି ଆତଙ୍କବାଦୀ ଆକ୍ରମଣର ଭିଡିଓ 'ବଡି କ୍ୟାମେରା' ଦ୍ୱାରା ରେକର୍ଡ଼ି କରୁଛନ୍ତି।



ଅଫୁରନ୍ତ ଶକ୍ତିର ଉତ୍ସ ସୂର୍ଯ୍ୟ ଓ ସୌରଶକ୍ତିରେ ମୁଁ ମୋର ସମସ୍ତ ପୁଞ୍ଜି ବିନିଯୋଗ କରିଛି। ଆଶା କରୁଛି ପୃଥିବୀ ତୈଳ ଓ କୋଇଲା ଶୂନ୍ୟ ହୋଇଯିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବା ନାହିଁ
-ଥୋମାସ୍ ଆଲ୍ଭା ଏଡିସନ୍

ସକାଳ
THE SAKALA

## ନିର୍ବାଚନ ଆୟୁକ୍ତ ନିଯୁକ୍ତି ବିଲ୍ ପାରିତ

# ନିରପେକ୍ଷତାକୁ ନେଇ ସଂଶୟ !

ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଓ ନିର୍ବାଚନ ଆୟୁକ୍ତ (ଇସି)ଙ୍କ ନିଯୁକ୍ତି ତଥା ସେବା ସଂକ୍ରାନ୍ତ ନୂଆ ବିଲ୍ ସଂସଦର ଉଭୟ ଗୃହର ଅନୁମୋଦନ ଲାଭ କରିଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଲେ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେବ, ଯାହା ପ୍ରାୟ ନିଶ୍ଚିତ। ଏହି ବିଲ୍‌କୁ ନେଇ ବିରୋଧୀଦଳଙ୍କ ସମେତ କେତେକ ମହଲରେ ଆପତ୍ତି ଉଠିଛି। ବିଲ୍‌ର ବ୍ୟବସ୍ଥା ଅନୁସାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ନିର୍ବାଚନ ଆୟୁକ୍ତଙ୍କୁ ମନୋନୀତ କରିବା ପାଇଁ ପ୍ରଧାନମନ୍ତ୍ରୀ, ବିରୋଧୀଦଳ ନେତା କିମ୍ବା ଲୋକସଭାରେ ସର୍ବବୃହତ୍ ବିରୋଧୀ ଦଳର ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ ମନ୍ତ୍ରୀଙ୍କୁ ନେଇ ତିନିଜଣିଆ କମିଟି ଗଠିତ ହେବ। ଏହି କମିଟି ହିଁ ଆୟୁକ୍ତମାନଙ୍କ ନାମ ଚୂଡ଼ାନ୍ତ କରିବେ।

ଏବେ କିନ୍ତୁ ଏହି କମିଟିର ଗଠନ ପ୍ରକ୍ରିୟା ଓ ସଦସ୍ୟଙ୍କୁ ନେଇ ଏହାର ନିରପେକ୍ଷତାକୁ ନେଇ ସଂଶୟ ସୃଷ୍ଟି ହେବା ସ୍ୱାଭାବିକ। କାରଣ ପ୍ରଧାନମନ୍ତ୍ରୀ ଓ ତାଙ୍କ ମନୋନୀତ ଜଣେ ମନ୍ତ୍ରୀ, ଏହି ଦୁଇଜଣ ମିଶିଲେ ତିନିଜଣିଆ କମିଟିରେ ସେମାନେ ସଂଖ୍ୟାଗରିଷ୍ଠ ହେବେ ଏବଂ ସେମାନଙ୍କ ନିଷ୍ପତ୍ତି ହିଁ କାର୍ଯ୍ୟକାରୀ ହେବା ପ୍ରାୟ ନିଶ୍ଚିତ। ବିରୋଧୀଦଳର ସଦସ୍ୟ ଏଥିରେ ସଭ୍ୟ ରହିଥିଲେ ମଧ୍ୟ ବାସ୍ତବରେ ତାଙ୍କର କୌଣସି କ୍ଷମତା ରହିବ ନାହିଁ। କୌଣସି ପ୍ରାର୍ଥୀଙ୍କୁ ବାଛିବାବେଳେ କମିଟିରେ ଥିବା ବିରୋଧୀ ଦଳର ସଦସ୍ୟ ଯଦି ତାହାକୁ ବିରୋଧ କରନ୍ତି, ସଂଖ୍ୟାନ୍ୟୂନତା ଆଧାରରେ ତାହା ମଧ୍ୟ ଖାରଜ ହୋଇଯିବ। ତେଣୁ ସେ ପ୍ରାର୍ଥିତ୍ୱକୁ ସମର୍ଥନ କରନ୍ତୁ ବା ନ କରନ୍ତୁ ତାହାର କିଛି ଅର୍ଥ ରହିବ ନାହିଁ। ତେଣୁ ନିର୍ବାଚନ ଆୟୁକ୍ତ ନିଯୁକ୍ତି ସଂକ୍ରାନ୍ତ କମିଟିରେ ଏହି ବିରୋଧୀଦଳ ନେତା-ସଦସ୍ୟଙ୍କ ଭୂମିକା କେବଳ ବିଧି ରକ୍ଷା ପାଇଁ ଧର୍ମକୁ ଆଖିଠାର ଭଳି ହେବ ବୋଲି ମତ ପ୍ରକାଶ ପାଇଛି। ପ୍ରକୃତରେ ସରକାର ଯେଉଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିବେ ସେ ହିଁ ମନୋନୀତ ହେବା ଏକପ୍ରକାର ନିଶ୍ଚିତ ବୋଲି ସଦ୍ୟ ପାରିତ ବିଲ୍‌ରୁ ଆପାତତଃ ସ୍ପଷ୍ଟ ହେଉଛି। ଆଇନରେ ପରିଣତ ହେବାକୁ ଯାଉଥିବା ଏହି ବିଲ୍ ନିର୍ବାଚନ ଆୟୁକ୍ତ ଓ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତିକୁ ସରକାରୀ ମନୋନୀତ ପ୍ରାର୍ଥୀ କରିବାର ଏକପ୍ରକାର ବୈଧାନିକ ମାନ୍ୟତା ପ୍ରଦାନ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ସଂସ୍ଥା। ଆଗରୁ ଏହା ଜଣିକିଆ ଥିଲା। ଟିଏନ୍ ଶେଷାନଙ୍କ ଆୟୁକ୍ତକାଳରେ ତାଙ୍କର କ୍ଷମତା ପ୍ରୟୋଗର ଅତିକ୍ରିୟା ଯୋଗୁଁ ସରକାର ଏହାକୁ କ୍ରମଶଃ ତିନିସଦସ୍ୟ ବିଶିଷ୍ଟ କରି ସଂଖ୍ୟା ଗରିଷ୍ଠତା ଆଧାରରେ କାର୍ଯ୍ୟ ପରିଚାଳନାର ବ୍ୟବସ୍ଥା କରିଥିଲେ। ତେବେ ୧୯୯୧ର ସିଇସି ଓ ଇସି ସେବା ସର୍ତ୍ତାବଳୀ ଆଇନ ଅଧାପନ୍ତରିଆ ହୋଇ ରହିଯାଇଥିଲା। ଏହାର ଫାଇଦା ନେଇ ସରକାର ନିଜର ଇଚ୍ଛା ଅନୁସାରେ ଯାହାକୁ ଚାହୁଁଥିଲେ ତାଙ୍କୁ ସେସବୁ ପଦରେ ନିଯୁକ୍ତି ଦେଉଥିଲେ। ଆୟୋଗର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିବାରୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ସରକାରଙ୍କୁ ନୂଆ ଆଇନ ପ୍ରଣୟନ ପାଇଁ ନିର୍ଦ୍ଦେଶ ଦେବା ସହିତ ଅନ୍ତରୀଣ ସମୟ, ଅର୍ଥାତ ନୂତନ ବିଧି ପ୍ରସ୍ତୁତ ହେବା ଯାଏଁ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ନେଇ ଏକ ତିନିଜଣିଆ ମନୋନୟନ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଏ ଯାଏଁ ସେହି କମିଟି କାମ କରିଆସୁଛି। ଏହି କମିଟିର ଗଠନରେ ଭାରସାମ୍ୟତା ଥିବାରୁ ଏହା ନିରପେକ୍ଷ ହୋଇଥିଲା; କାରଣ ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଓ ଲୋକସଭାରେ ବିରୋଧୀଦଳ ନେତା ତିନିଜଣ ଯାକ ନିରପେକ୍ଷତା ଅବଲମ୍ବନ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବାର ସୁଯୋଗ ଥିଲା। ଏଥିରେ କୌଣସି ସଦସ୍ୟ ଅନ୍ୟ ସଦସ୍ୟଙ୍କୁ ପ୍ରଭାବିତ ବା ବାଧ୍ୟ କରିବାର ସୁଯୋଗ ନଥିଲା।

ରାଷ୍ଟ୍ରପତିଙ୍କ ଅନୁମୋଦନ ଅପେକ୍ଷାରେ ଥିବା ନୂଆ ଆଇନର ବିଡ଼ମ୍ବନା ହେଉଛି ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ବାଛିବା ପାଇଁ ଉଦ୍ଦିଷ୍ଟ କମିଟିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସ୍ଥାନରେ ଶାସକଦଳର ଜଣେ ସଦସ୍ୟ ରହିବେ ଏବଂ ପ୍ରଧାନମନ୍ତ୍ରୀ ଓ ବିରୋଧୀଦଳ ନେତା ପୂର୍ବପରି ଏହାର ସଦସ୍ୟତା ବଜାୟ ରଖିବେ। ସରକାରୀ ଦଳର ସଂଖ୍ୟାଧିକ ସଦସ୍ୟଙ୍କୁ ଗୋଟିଏ କମିଟିରେ ରଖିଲେ ତାହାର ନିରପେକ୍ଷତା କେତେ ରହିବ, ତାହା ସମସ୍ତଙ୍କୁ ଜଣା। ତେଣୁ ବାସ୍ତବରେ ଏହି ପ୍ରସ୍ତାବିତ ନୂଆ ଆଇନ 'ବିରାଡ଼ି ହାତରେ ମାଛଥାଳି ଦେବା' ଭଳି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଏକ ବୈଧାନିକ ପ୍ରହସନ ଏବଂ ଭବିଷ୍ୟତରେ ଏହାକୁ ନେଇ ବିବାଦ ନିଶ୍ଚୟ ବଢ଼ିବ ବୋଲି ଆଇନଜ୍ଞମାନେ ମତ ଦେଇଛନ୍ତି।

ଏହି ପ୍ରସ୍ତାବିତ ଆଇନ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ ହେଲା ଯେ ବୈଧାନିକ ନିଷ୍ପତ୍ତି ଗ୍ରହଣ ଓ କାର୍ଯ୍ୟପାଳିକାର କାମରେ ନ୍ୟାୟପାଳିକାର ପ୍ରତ୍ୟକ୍ଷ ଅଂଶ ଗ୍ରହଣ ବ୍ୟବସ୍ଥା ସମ୍ବିଧାନରେ ନାହିଁ। ତେଣୁ ସିଇସି ଓ ଇସି ମନୋନୟନ କମିଟିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସଦସ୍ୟ ରହିବା ସମ୍ବିଧାନସମ୍ମତ ନୁହେଁ। କେବଳ ଏକ ଅନ୍ତରୀଣ ବ୍ୟବସ୍ଥା ଅନୁସାରେ ନୂଆ ଆଇନ ପ୍ରଣୟନ ଯାଏଁ କମିଟିରେ ପ୍ରଧାନ ବିଚାରପତି ସଦସ୍ୟ ଥିଲେ। ଏହି ଯୁକ୍ତି ଶାସକଦଳକୁ ସୁହାଇପାରେ। ତେବେ ପ୍ରଶ୍ନ ଉଠୁଛି ଯେ ନିର୍ବାଚନ ଆୟୋଗକୁ ନିରପେକ୍ଷ କରିବା ପାଇଁ ସିଇସି ଓ ଇସି ମନୋନୟନ ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀ ଓ ବିରୋଧୀଦଳର ନେତାଙ୍କ ବ୍ୟତୀତ ଦେଶର ଜଣେ ପ୍ରତିଷ୍ଠିତ ଅଣରାଜନୀତିଜ୍ଞ ବ୍ୟକ୍ତିଙ୍କୁ ରଖିବାର ବ୍ୟବସ୍ଥା କରିଥିଲେ କ'ଣ ବେଦ ଅଶୁଦ୍ଧ ହୋଇଯାଇ ଥା'ନ୍ତା? ଭାରତର ବିଭିନ୍ନ କ୍ଷେତ୍ରରେ ଏଭଳି ପ୍ରତିଷ୍ଠିତ ପ୍ରାଜ୍ଞ ବ୍ୟକ୍ତିବିଶେଷ ଅଛନ୍ତି, ଯାହାଙ୍କୁ ବାଛିବା ପାଇଁ ଆମ ପାଖରେ ଅନେକ ବିକଳ୍ପ ଉପଲବ୍ଧ। ପ୍ରସ୍ତାବିତ ନୂଆ ଆଇନ ଦ୍ୱାରା ନିର୍ବାଚନ ଆୟୋଗ ଯେ ନିରପେକ୍ଷ ହେବ ସେ ସମ୍ଭାବନା କମ୍ ଦିଶୁଛି।

# ହସ୍ତାକ୍ଷର ପ୍ରମାଦ



ଅଭିମନ୍ୟୁ ଧଳ
ପଟ୍ଟାମୁଣ୍ଡାଇ, ମୋ: ୯୮୬୧୦୪୮୦୫୨

ଡାକ୍ତର ବୃତ୍ତିକୁ ପୃଥିବୀର ସର୍ବଶ୍ରେଷ୍ଠ ବୃତ୍ତି ବୋଲି ଲୋକେ ଗ୍ରହଣ କରନ୍ତି। ସେଥିପାଇଁ ଭଲପଢୁଥିବା ଅଧିକାଂଶ ଛାତ୍ରଙ୍କର ସ୍ୱପ୍ନ ଥାଏ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଭଲ ମେଡିକାଲ କଲେଜରେ ପଢ଼ିବା। 'ମାନବ ସେବା ପରମ ଧର୍ମ' ଆପ୍ତ ବାକ୍ୟକୁ ପାଥେୟ କରି ଦିନ ନାହିଁ, ରାତି ନାହିଁ, ଆଳସ୍ୟ ନାହିଁ, ଖାଇବା ପିଇବା ଭୁଲି ରୋଗୀ ସେବାରେ ଲାଗି ପଡ଼ିଥା'ନ୍ତି। କି ଧନୀ, କି ଗରୀବ, ଏପରିକି ଅପରାଧୀମାନେ ମଧ୍ୟ ଡାକ୍ତରଙ୍କ ଆଖିରେ ସମାନ। ସେବାରେ ପାତର ଅନ୍ତର ନଥାଏ। ତେଣୁ ଭଗବାନଙ୍କ ଦ୍ୱିତୀୟ ଅବତାର ଆଖ୍ୟା ପାଇଥା'ନ୍ତି ଡାକ୍ତରମାନେ।

ଆମେ ଜାଣୁ ଯେଉଁମାନେ ଭଲ ପଢ଼ନ୍ତି ସେମାନଙ୍କ ହସ୍ତାକ୍ଷର ସୁନ୍ଦର ଓ ନିର୍ଭୁଲ ଥାଏ। ତେଣୁ ପିଲାଦିନେ ବିଶେଷ ଭାବରେ ତ୍ରୁଟିଶୂନ୍ୟ ସୁନ୍ଦର ଅକ୍ଷର ପିଲାର ଧୀମତ୍ତା ନିର୍ଣ୍ଣୟ କରିଥାଏ। ଭଗବାନଙ୍କୁ ପ୍ରଣାମ କରି ଡାକ୍ତରମାନେ ଧୀରସ୍ଥିର ଭାବରେ ନିର୍ଭୁଲ ଔଷଧ ଲେଖିବା ତଥା ଭଲ ଅକ୍ଷରରେ ଲେଖିବା କଥା, ଯେପରି ସମସ୍ତେ ଏହାକୁ ଠିକ୍‌ରେ ପଢ଼ିପାରିବେ। କିନ୍ତୁ ଦୁଃଖର କଥା କେତେକ ସ୍ୱନାମଧନ୍ୟ ଡାକ୍ତର ଅଧିକ ରୋଗୀ ଦେଖି ଅଧିକ ଅର୍ଥ ଉପାର୍ଜନ ଆଶାରେ ତରବର ହୋଇ ଯେଉଁ ଔଷଧ ଚିଠା ଲେଖନ୍ତି, ତାକୁ ପଢ଼ିବା ଓ ଜାଣିବା ଏକ ଦୁରୂହ ବ୍ୟାପାର। ଏହି ଖରାପ ହସ୍ତାକ୍ଷର ଦ୍ୱାରା କେବଳ ଆମ ଦେଶରେ ନୁହେଁ, ବିଶ୍ୱର ଅନେକ ଦେଶରେ କେତେ ଯେ ରୋଗୀଙ୍କ ଜୀବନ ଅକାଳରେ ନିର୍ବାପିତ ହୋଇଯାଏ, ତାହାର ହଜାର ହଜାର ଉଦାହରଣ ରହିଛି। କେତେକ ଏହି ଭୁଲ ଔଷଧ ସେବନ କରି, ଭୁଲ୍ ଇଂଜେକସନ ନେଇ ଜୀବନ ସାରା ଯନ୍ତ୍ରଣା ଭୋଗନ୍ତି। ଜର୍ମାନୀର ପ୍ରସିଦ୍ଧ ରକ୍ଷଣ ଭାଗ ଫୁଟବଲ୍ ଖେଳାଳି ଜିନ୍-ପିଏରେ-ଆଦାମ୍ସ ଭୁଲ ଇଂଜେକ୍‌ସନ ନେଇ ଦୀର୍ଘ ୪୦ ବର୍ଷକାଳ କୋମାରେ ରହି ୭୩ ବର୍ଷ ବୟସରେ ଆଖି ବୁଜିଲେ। ମାତ୍ର ୩୩ ବର୍ଷ ବେଳେ ଡାକ୍ତରଙ୍କ ଘାତକ ହସ୍ତାକ୍ଷର ପାଇଁ ସେ କୋମାକୁ ଚାଲିଯାଇଥିଲେ। ୧୯୮୨ ମସିହାରେ ଏହି ବିବାଦୀୟ ମର୍ମନ୍ତୁଦ ଅଘଟଣ ସମଗ୍ର ଫୁଟ୍‌ବଲ ଜଗତକୁ ଦୋହଲାଇ ଦେଇଥିଲା। ସାଧାରଣ ଆଣ୍ଠୁଯନ୍ତ୍ରଣାରୁ ରକ୍ଷା ପାଇଁ ଅସ୍ତ୍ରୋପଚାର ବେଳେ ନିଶ୍ଚେତକ ଡାକ୍ତରଙ୍କ ଅକ୍ଷର ଠିକ୍ ଭାବେ ପଢ଼ି ନ ପାରି ସମ୍ପୃକ୍ତ ସହାୟକ ଅଧିକ ଡୋଜ୍ ଦେବାରୁ ଆଦାମ୍ସଙ୍କର ମସ୍ତିଷ୍କଘାତ ଘଟି ସେ କୋମାକୁ ଚାଲି ଯାଇଥିଲେ। ଏହା କେବଳ ଗୋଟିଏ ଉଦାହରଣମାତ୍ର। ଏପରି ଅନେକ ଘଟଣା କଦର୍ଯ୍ୟ ହସ୍ତାକ୍ଷର ଯୋଗୁଁ ଘଟୁଥିବା ଅଛପା ନୁହେଁ।

ବେଳେବେଳେ ଅଧିକାଂଶ ଡାକ୍ତର ଲେଖିଥିବା ଚିଠାକୁ ସାଧାରଣ ଲୋକ ତ ଦୂରେ ଥାଉ ଔଷଧ ଦୋକାନୀ ମଧ୍ୟ ପଢ଼ି ପାରି ନ ଥା'ନ୍ତି। ବେଳେ ବେଳେ ତାହା ଏପରି କଦର୍ଯ୍ୟ ହୋଇଥାଏ ଯେ ଔଷଧ ଦୋକାନଟି ପରିସ୍ଥିତି ଚାପରେ ଔଷଧ ଦେବାକୁ ବାଧ୍ୟ ହୁଏ। ହସ୍ତାକ୍ଷର ଖରାପ ହେବାର ଅନ୍ୟ ଏକ କାରଣ ଭାରତୀୟ ଡାକ୍ତର ପ୍ରତି ରୋଗୀ ପାଇଁ ମାତ୍ର ୪ ମିନିଟ୍ ସମୟ ଦେଇଥା'ନ୍ତି, ଯେଉଁଠି ଆମେରିକା, ଜର୍ମାନ୍, ସୁଇଜର୍‌ଲାଣ୍ଡ ପରି ଦେଶରେ ୧୦ ମିନିଟ୍‌ରୁ ଅଧିକ ସମୟ ଦିଅନ୍ତି। ତେଣୁ ଏହାର ପରିଣତି କେତେ ଯେ ଭୟଙ୍କର, ତାହା ଅନୁମେୟ। ଆମେରିକାର ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ଏକ ଗବେଷଣା ଅନୁଯାୟୀ, ଡାକ୍ତରଙ୍କର ଏହି ଅସ୍ପଷ୍ଟ ଅକ୍ଷର ପାଇଁ ବର୍ଷକୁ ସେଠାରେ ହାରାହାରି ୭୦୦୦ରୁ ଅଧିକ ରୋଗୀଙ୍କର ମୃତ୍ୟୁ ଘଟୁଛି। ଏପରିକି ଏଥିଯୋଗୁଁ ମଧ୍ୟ ବର୍ଷକୁ ୧୫ ଲକ୍ଷ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡୁଛି। ଆମ ଦେଶର ସ୍ଥିତି ଆହୁରି ସଂଗିନ୍। ପ୍ରତିଦିନ ବିଭିନ୍ନ ଡାକ୍ତରଖାନାରେ ଭୁଲ ଇଂଜେକସନ ଓ ଔଷଧ ସେବନ ଦ୍ୱାରା କେତେ ଯେ ରୋଗୀ ଆଖି ବୁଜୁଛନ୍ତି ତା'ର ହିସାବ ନାହିଁ। କେହି କେହି ଡାକ୍ତରଙ୍କୁ ଗାଳି ମାଡ଼ ଦେବା, ଡାକ୍ତରଖାନାର ଆସବାବପତ୍ର ଭଙ୍ଗାରୁଜା କରିବା, ମାମଲା ଥାନା ଓ କୋର୍ଟକଚେରୀ ପର୍ଯ୍ୟନ୍ତ ଯିବା ଭଳି ଘଟଣା ଘଟୁଛି। ଡାକ୍ତରଙ୍କ ଭୁଲ ଚିଠା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ରୋଗୀର ମୃତ୍ୟୁ ଘଟିବା ନିଶ୍ଚୟ ଦୁଃଖଦାୟକ।

୨୦୧୬, ସେପ୍ଟେମ୍ବର ୨୧ରେ ମେଡିକାଲ୍ କାଉନସିଲ ଅଫ୍ ଇଣ୍ଡିଆ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିଥିଲେ। ଯେଉଁ ଡାକ୍ତରଙ୍କର ହସ୍ତାକ୍ଷର ଭଲ ନ ଥିବ ସେମାନେ ପ୍ରେସକ୍ରିପ୍‌ସନରେ ଔଷଧର ନାଁ ବଡ଼ ଅକ୍ଷର ବା କ୍ୟାପିଟାଲ ଲେଟରରେ ସ୍ପଷ୍ଟ ଭାବେ ଲେଖିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହି ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ଭଳି ରାଜ୍ୟ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିଛନ୍ତି। ଆମ ରାଜ୍ୟର ହାଇକୋର୍ଟ ମଧ୍ୟ ଏ ବିଜ୍ଞପ୍ତି ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଡାକ୍ତରଙ୍କ ପ୍ରେସକ୍ରିପସନ, ଓପିଡି ସ୍ଲିପ୍, ପୋଷ୍ଟମର୍ଟମ ରିପୋର୍ଟ, ଇଞ୍ଜୁରି ରିପୋର୍ଟ ଇତ୍ୟାଦିର ଲେଖା ସ୍ପଷ୍ଟ ହେବା ସହିତ ବୋଧଗମ୍ୟ ହେବା ଆବଶ୍ୟକ। ଗୋଟିଏ ମେଡିକାଲ ରିପୋର୍ଟରେ କୌଣସି ଦ୍ୱନ୍ଦ୍ୱ ବା ତାହାର ଅର୍ଥ ଖୋଜିବା ଭଳି ସ୍ଥିତି ରହିବା ଅନୁଚିତ୍। ଡାକ୍ତରୀ ପେସା ପାଇଁ ଯଥେଷ୍ଟ ସମ୍ମାନ ରଖିଛି। ରୋଗୀଙ୍କୁ କାନ୍ଧରେ ବୋହିନେବା, କୋଭିଡ୍-୧୯ର ମୁକାବିଲା ପାଇଁ ହଜାର ହଜାର ଡାକ୍ତର ବୀର ସୈନିକଙ୍କ ପରି ସହାୟ ହେବା ପ୍ରଶଂସନୀୟ। ପ୍ରକାରାନ୍ତେ ଡାକ୍ତରଙ୍କ ଅସ୍ପଷ୍ଟ ଅକ୍ଷର ଯୋଗୁଁ ଚିକିତ୍ସାରେ ବିଳମ୍ବ ହେବା ସହିତ ନମୁନା ପରୀକ୍ଷଣ ଓ ରୋଗ ନିଦାନରେ ବିକଳ ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ବେଳେ ବେଳେ ଡାକ୍ତରଙ୍କ କଦର୍ଯ୍ୟ ହସ୍ତାକ୍ଷର କୌଣସି ପରିବାରକୁ ସର୍ବସ୍ୱାନ୍ତ କରିବା ସହିତ ଭଗବାନଙ୍କ ଦ୍ୱିତୀୟ ଅବତାର ଉପରୁ ଆସ୍ଥା ଓ ବିଶ୍ୱାସ ତୁଟିଯିବା ପରି ପରିସ୍ଥିତି ସୃଷ୍ଟି ହେଉଛି। ଡାକ୍ତରଙ୍କ ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ ହେଉଛି ରୋଗୀର ଜୀବନ ରକ୍ଷା। ତେଣୁ ଡାକ୍ତରଙ୍କ ହସ୍ତାକ୍ଷର ଘାତକ ନହେଉ। ହସ୍ତାକ୍ଷର ପାଇଁ ଜୀବନ ନଯାଉ।

# ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା ଆମ ଦାୟିତ୍ୱ



ଡ ମନୋରଞ୍ଜନ ପ୍ରଧାନ
ଜୟପୁର, ମୋ: ୯୪୩୭ ୯୧୪୮୧୮

ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ଚାଷୀମାନଙ୍କ ପାଇଁ ଏହା ଅମଳର ସମୟ। ପ୍ରକୃତି ମଧ୍ୟ ସଜେଇ ହୋଇଥାଏ ଭଳିକି ଭଳି ଫୁଲର ସମ୍ଭାରରେ। ସକାଳ କୁହୁଡ଼ି ମୁଣ୍ଡ ଉପରେ ଘଷି ହୋଇଯିବାର ଆକର୍ଷଣ ନିଆରା। ଘାଟ ପ୍ରସ୍ତୁତ ଆଉ ହାଟ ମଧ୍ୟ। ପ୍ରକୃତରେ ଘରସଂସାର, ବ୍ୟବସାୟ ଓ ଚାକିରି ଭିତରେ ବ୍ୟସ୍ତତାର ସାମୟିକ ଅବ୍ୟାହତି ପାଇବାର ବେଳ ହେଉଛି ଏହି ପର୍ଯ୍ୟଟନ ଋତୁ।

ତେବେ ପର୍ଯ୍ୟଟନ ସମୟରେ ପର୍ଯ୍ୟଟକଙ୍କ ଖୁସି ଯେତିକି ଅକଳନୀୟ, ପର୍ଯ୍ୟଟନ ସ୍ଥଳୀର ଖେଦ ତା'ଠାରୁ ଅଧିକ ଚିନ୍ତାଜନକ। କରିବାର ଅର୍ଥ ହେଲା, ବହୁସମୟରେ ଆମ ଆନନ୍ଦ, ବେପରୁଆ ମନୋବୃତ୍ତି, ଦାୟିତ୍ୱହୀନତା ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଅପରିଷ୍କାର ଓ ଅସୁନ୍ଦର କରିଥାଏ। ଏଭଳି ଅବାଞ୍ଛିତ ଦୃଶ୍ୟ ଆମ ଦେଶରେ ଅତ୍ର, ତତ୍ର, ସର୍ବତ୍ର ବିଦ୍ୟମାନ। ସତେଯେମିତି ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଅପରିଷ୍କାର କରିବାକୁ ଜାଣତରେ ବା ଅଜାଣତରେ ଆମେ ପଣ କରିଛନ୍ତି।

ଆମ ପର୍ଯ୍ୟଟକ ବନ୍ଧୁମାନେ ବୁଲାବୁଲି ସମୟରେ ନିଜେ ନିଜର ନାମ କାନ୍ଥ, ବାଡ଼, ଗଛ, ପଥର ସବୁଠି ଲେଖିଥିବେ। କେବଳ ସେତିକି ନୁହେଁ, ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକୁ ବିକୃତ କରିବାରେ ମଧ୍ୟ ଆମେ କୁଣ୍ଠାବୋଧ କରୁନାହୁଁ। ଜରି, ପଲିଥିନ୍, କାଗଜ ଠୁଙ୍ଗା, ପାଣି ବୋତଲ୍, ଆଦି ବ୍ୟବହାର ପରେ ଏଣେତେଣେ ନିର୍ଦ୍ଦୟ ଭାବେ ଫିଙ୍ଗିବାରେ ଆମେ ବିଶେଷ ଦକ୍ଷତା ହାସଲ କରିଛନ୍ତି ବୋଧହୁଏ। ଆମେ କେତେ ଶିକ୍ଷିତ ହେଲେ ଆମ ଭିତରେ ଜାତୀୟ ସମ୍ପତ୍ତି ସୁରକ୍ଷା ପାଇଁ ସଚେତନତା ଓ ସମ୍ବେଦନଶୀଳ ମନୋବୃତ୍ତି ଜାଗ୍ରତ ହେବ! ଠାକୁରଙ୍କ ପୂଜା ପାଇଁ ଫୁଲ ଚୋରିଠାରୁ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ଯାଏଁ ଯାବତୀୟ ଆପତ୍ତିଜନକ କାର୍ଯ୍ୟ କରିବାକୁ ଆମେ ତିଳେ ମଧ୍ୟ ହେଳା କରୁନାହୁଁ।

କିଛିଦିନ ତଳର ଘଟଣା। ଗୋଟିଏ ପାର୍କ ସପରିବାର ବୁଲିବାକୁ ଯାଇଥିଲୁ। ସରକାରୀ ପ୍ରୋତ୍ସାହନ ଓ ପ୍ରୟାସରେ ନିର୍ମିତ ଉଦ୍ୟାନଟି ଅତି ଆକର୍ଷଣୀୟ ହୋଇଛି। ଛୋଟ ପାହାଡ଼ ଉପରେ ନିର୍ମିତ ଏହି ଉଦ୍ୟାନର ପ୍ରାକୃତିକ ଶୋଭା ଅଦ୍ୱିତୀୟ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନିର୍ମିତ ହୋଇଛି ବିଭିନ୍ନ ଆକୃତିର ଡାଇନୋସର ପ୍ରତିକୃତି। ପରିତ୍ୟକ୍ତ ମଦ ବୋତଲଗୁଡ଼ିକୁ ନେଇ ନିର୍ମିତ ଗଛ ପ୍ରତିକୃତିଗୁଡ଼ିକ ବାସ୍ତବରେ ମନୋଲୋଭା। ଆମ ଆଗରେ ଦୁଇଜଣ ପାଠୁଆ ଯୁବକ ଜଣେ ଯୁବତୀ ବନ୍ଧୁଙ୍କ ସହ ଆଗେ ଆଗେ ବୁଲୁଥା'ନ୍ତି। ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସାଧାରଣ ଲୋକଙ୍କ ପାଇଁ ଅରୁଚିକର ଓ ଅଶୋଭନୀୟ ହୋଇଥିଲେ ମଧ୍ୟ ବାଧ୍ୟ ହୋଇ ସମସ୍ତେ ଶୁଣୁଥା'ନ୍ତି ଓ ଦେଖୁଥା'ନ୍ତି। ଯୁବକ ଜଣକ ବୀର ଦର୍ପରେ ବୋତଲରେ ନିର୍ମିତ ଗଛ ପ୍ରତିକୃତିକୁ ଜୋରରେ ଗୋଇଠା ମାରି ଦୁଇ ଚାରିଟି ବୋତଲ ଖସେଇ ଦେଲେ। କିଛି ସଚେତନ ଭଦ୍ର ଦେଖଣାହାରୀଙ୍କ ପ୍ରତିବାଦ ପରେ ଯୁବକଙ୍କ ପ୍ରତିକ୍ରିୟା ଥିଲା - ଟିକେଟ କାଟି ଆସିଛୁ ଆଜ୍ଞା। ଆମ ଟଙ୍କାରେ ତିଆରି ହେବ। ଏ ହେଉଛି ଆମ ଯୁବକଯୁବତୀଙ୍କ ଆଚରଣ ଓ ମନୋବୃତ୍ତି।

ଆଉ ଗୋଟିଏ ଘଟଣା। ଏକ ଅନୁଷ୍ଠାନ ତରଫରୁ ଗୋଷ୍ଠୀଗତ ଭୋଜି ଆୟୋଜନ ହୋଇଥିଲା। ଭୋଜିଭାତ, ବୁଲାବୁଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଆମେ ସମସ୍ତେ ପଡ଼ିଥିବା ଜରି, ଖଲିପତ୍ର ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସଂଗ୍ରହ କରି ଡଷ୍ଟବିନ୍‌ରେ ଭର୍ତ୍ତି କରିଦେଲୁ। ଆଶ୍ଚର୍ଯ୍ୟର କଥା, ଆମେ ସଫା କଲା ବେଳେ ସେ ବାଟଦେଇ ଯାଉଥିବା ଦୁଇଚାରି ଜଣ ସେମାନଙ୍କ ଭିତରେ କଥାବାର୍ତ୍ତା ହେଉଥା'ନ୍ତି - ଏମାନେ ସଫେଇ କର୍ମଚାରୀମାନଙ୍କ ଭଳି ଦେଖାଯାଉ ନାହାନ୍ତି। ବୋଧହୁଏ ଦେଖେଇ ହେବା ପାଇଁ ଏଭଳି ଫଟୋଉଠା ନାଟକ କରୁଛନ୍ତି। ଏ ହେଉଛି ଆମ ମାନସିକତା।

ଏଠାରେ ଗୋଟିଏ ପୁସ୍ତକରେ ପଢ଼ିଥିବା କଥାଟିଏ ଉଲ୍ଲେଖ କରୁଛି। ସେଥିରେ ଲେଖକ ଲେଖିଥିଲେ ଯେ ମୋର ଜଣେ ମିତ୍ର ସମ୍ପ୍ରତି ଆମେରିକା ଭ୍ରମଣରୁ ଫେରିଥିଲେ। ସେ କହୁଥିଲେ ଡିସନିଲ୍ୟାଣ୍ଡ ଆମେରିକାର ଏକ ଚମତ୍କାର ସ୍ଥାନ, ଯେଉଁଠିକୁ ୪୦/୫୦ ହଜାର ଦର୍ଶକ ପ୍ରତିଦିନ ଆସନ୍ତି। ଛୁଟିଦିନରେ ପ୍ରାୟ ଲକ୍ଷାଧିକ ଦର୍ଶକ ଆସିଥା'ନ୍ତି। କିନ୍ତୁ ବ୍ୟବସ୍ଥା ଏତେ ସୁନ୍ଦର ହୋଇଥାଏ ଯେ କେଉଁଠି ହେଲେ ଭିଡ଼ ବା ଠେଲାପେଲା ହେବାର ଭୟ ନଥାଏ। ଯେତେବେଳେ ଦର୍ଶକମାନଙ୍କ ଧାଡ଼ି ଦୁଇ କିଲୋମିଟର ପର୍ଯ୍ୟନ୍ତ ଲାଗିଥିଲା, ସେତେବେଳେ ବି ମୋତେ ଲାଗୁଥିଲା ମୋ ପାଳି ଶୀଘ୍ର ଆସିଯିବ। ଏଥିସହିତ ଲେଖକ ଲେଖିଛନ୍ତି ଏକ କର୍ତ୍ତବ୍ୟପରାୟଣ ସମାଜ ନିଜ ଯୁବପିଢ଼ିର ଆଚାର ବ୍ୟବହାରକୁ କେତେ ଉଚ୍ଚ ମାନଦଣ୍ଡରେ ଗଠନ କରିପାରେ ଏହା ତାହାର ପ୍ରକୃଷ୍ଟ ଉଦାହରଣ। ଛୋଟବେଳୁ ହିଁ ଉଚିତ ପ୍ରଶିକ୍ଷଣ ଦେଇ ପିଲାଙ୍କୁ ଉତ୍ତମ ନାଗରିକରେ ପରିଣତ କରାଯାଇପାରେ।

ଆମ ଯୁବ ଭାରତର ଯୁବଶକ୍ତି ନିଜକୁ ଦେଶର ଭାଗ୍ୟ ଓ ଭବିଷ୍ୟତ ଭାବରେ ନିଜକୁ ପ୍ରସ୍ତୁତ କରିବା ଉଚିତ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ଆତ୍ମସମୀକ୍ଷା ଆବଶ୍ୟକ। କାରଣ ଯୁବଶକ୍ତି ହିଁ ରାଷ୍ଟ୍ରଶକ୍ତି। ସାଧନ ଦେବା ସରକାରଙ୍କ କାର୍ଯ୍ୟ, କିନ୍ତୁ ସାଧନା ଆମର। ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଆକର୍ଷଣୀୟ ଓ ଶୋଭାବର୍ଦ୍ଧକ କରିବା ସରକାରଙ୍କ କାମ, କିନ୍ତୁ ସେଗୁଡ଼ିକର ସୁରକ୍ଷା ଆମର କର୍ତ୍ତବ୍ୟ। ଆଶାକରେ ଆମ ଯୁବସମାଜ ଏ ସମ୍ପର୍କରେ ଗଭୀର ଚିନ୍ତନ କରିବେ ଏବଂ ଏକ ବିକଶିତ ରାଜ୍ୟ ଓ ରାଷ୍ଟ୍ର ଗଠନର ବିଶ୍ୱକର୍ମା ହେବେ।

## ଲୋକମତ

### ଗ୍ରାମାଞ୍ଚଳରେ ସାଇବର ସଚେତନତା ଜରୁରୀ

ବର୍ତ୍ତମାନ ସମାଜରେ ମୋବାଇଲ୍ ଫୋନ୍ ମଣିଷର ଏକ ଦୈନନ୍ଦିନ ଆବଶ୍ୟକତାରେ ପରିଣତ ହୋଇଛି। ମୋବାଇଲ୍ ଫୋନ୍ ମାଧ୍ୟମରେ ଭାବର ଆଦାନ ପ୍ରଦାନଠାରୁ ଆରମ୍ଭ କରି ପାଠପଢ଼ା, ବ୍ୟବସାୟ ଓ ବ୍ୟାଙ୍କିଙ୍ଗ ଭଳି ଅନେକ କାର୍ଯ୍ୟ ସମ୍ପାଦିତ ହେଉଛି। ଏହା ଜୀବନକୁ ସହଜ କରୁଛି ସତ, କିନ୍ତୁ ଏକ ନୂଆ ଚିନ୍ତା ବଢ଼ାଇ ଦେଇଛି, ଯାହା ହେଲା ସାଇବର ଠକେଇ। ସାଇବର ଠକମାନେ ବିଭିନ୍ନ ଖଞ୍ଜ ଲଗେଇ ଅସତର୍କ ଓ ଅସଚେତନ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରି ନେଉଛନ୍ତି। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଲୋକ ଏଭଳି ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାର କାରଣ ଗ୍ରାମାଞ୍ଚଳର ଲୋକ ଏ ସମ୍ପର୍କରେ ସେତେଟା ସଚେତନ ନୁହନ୍ତି। ତେଣୁ ଏ ଦିଗରେ ଗ୍ରାମାଞ୍ଚଳରେ ସଚେତନ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ କରାଯାଉ।

ନୃସିଂହ ଚରଣ ସାହୁ
ଢେଙ୍କାନାଳ, ମୋ: ୭୭୩୫୫୯୦୮୭୮

### ବନୀକରଣ ହାତୀ-ମଣିଷ ସଂଘର୍ଷ ହ୍ରାସ କରିପାରିବ

ହାତୀ-ମଣିଷ ସଂଘର୍ଷ ଓ ତଦ୍‌ଜନିତ ଜୀବନହାନି ହାର ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ। ଓଡ଼ିଶା ବନ ବିଭାଗର ତଥ୍ୟ ଅନୁଯାୟୀ ୨୦୧୩-୧୪ ରୁ ୨୦୨୨-୨୩ ମଧ୍ୟରେ ରାଜ୍ୟରେ ହାତୀ ଆକ୍ରମଣରେ ୯୯୪, ଅର୍ଥାତ ବର୍ଷକୁ ପ୍ରାୟ ୧୦୦ ମଣିଷଙ୍କ ଜୀବନ ଯାଇଛି। କେବଳ ୨୦୨୨-୨୩ ରେ ଦେଶରେ ୬୦୫ ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାର ୧୪୮ ଜଣ, ପାଖାପାଖି ୨୫% ଅଛନ୍ତି। ଆହତଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ। କର୍ଣ୍ଣାଟକ ଓ ତାମିଲନାଡୁରେ ଅଧିକ ସଂଖ୍ୟକ ହାତୀ ରହିଥିଲେ ହେଁ ସେଠାରେ ହାତୀ-ମଣିଷ ଲଢ଼େଇ କମ୍ ଏବଂ ମୃତ୍ୟୁ ହାର ମଧ୍ୟ କମ୍। ପରିସଂଖ୍ୟାନ କହେ ଯେ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ହାତୀ-ମଣିଷ ଲଢ଼େଇରେ ବର୍ଷକୁ ମାତ୍ର ୨୫ ଜଣ ଲୋକଙ୍କ ପ୍ରାଣହାନି ଘଟୁଥିବାବେଳେ ଓଡ଼ିଶାରେ ଏହା ପାଖାପାଖି ୧୧୦। ଅବଶ୍ୟ ଚଳିତ ବର୍ଷଠାରୁ ଓଡ଼ିଶା ସରକାର ହାତୀ କିମ୍ବା ଅନ୍ୟ ବନ୍ୟଜନ୍ତୁଙ୍କ ଆକ୍ରମଣଜନିତ ମୃତ୍ୟୁ ପାଇଁ ଅନୁକମ୍ପାମୂଳକ ରାଶି ୪ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ବିକାଶ ନାଁରେ ଏବେ ଅବାଧ ଗଛକଟା ଓ ଅବିଚାରିତ ଭାବେ ଜଙ୍ଗଲ କ୍ଷୟ ହୋଇ ଚାଲିଛି। ଜଙ୍ଗଲରେ ଖାଦ୍ୟର ଅଭାବ ଯୋଗୁଁ ହାତୀମାନେ ଜନବସତିମୁହାଁ ହୁଅନ୍ତି। ଏହି ସମୟରେ ସେମାନେ ଲୋକଙ୍କ ଫସଲ ନଷ୍ଟ କରନ୍ତି, ଯାହାକି ସଂଘର୍ଷର ସୂତ୍ରପାତ କରେ। ଜଙ୍ଗଲ କ୍ଷୟ ରୋକିବା; ହାତୀଙ୍କ ଖାଦ୍ୟ ଲାଗି ଶାଳିଆ, ତାଳ ଓ ବାଉଁଶ ଗଛ ପ୍ରଚୁର ପରିମାଣରେ ଲଗାଯିବା; ଆବଶ୍ୟକ ସଂଖ୍ୟକ ଜଳାଶୟ ସୃଷ୍ଟି କରାଯିବା; ଆହତ ପଶୁଙ୍କ ଚିକିତ୍ସା ଲାଗି ତାଲିମପ୍ରାପ୍ତ ପଶୁ ଡାକ୍ତର ନିଯୁକ୍ତି ଦେବା ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଗଲେ ହାତୀ-ମଣିଷ ସଂଘର୍ଷ ଓ ତଦ୍‌ଜନିତ ଜୀବନହାନି ହାର ହ୍ରାସ କରାଯାଇପାରନ୍ତା।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

### ଅମାନିଆ 'ମୋ ବସ୍' ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ରାଜଧାନୀ ଭୁବନେଶ୍ୱର ଭିତରେ ଅନେକ ରୁଟରେ 'ମୋ ବସ୍' ଚାଲିଛି। ଏହାଦ୍ୱାରା ବହୁ ଯାତ୍ରୀ ଉପକୃତ ହେଉଛନ୍ତି। କିନ୍ତୁ ବେଳେବେଳେ 'ମୋ ବସ୍' ଚାଳକମାନଙ୍କର ମନମୁଖି ଓ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଅନେକ ଲୋକ ଅନେକ ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆସୁଛି। ସରକାରୀ ଗାଡ଼ି, ସରକାର ସବୁ ସମ୍ଭାଳିବେ ନ୍ୟାୟରେ 'ମୋ ବସ୍' ଗାଡ଼ି ଚାଳକ ଯେଉଁଭଳି ଦୁର୍ଘଟଣା ସବୁ ଘଟାଉଛନ୍ତି ସେଥିପ୍ରତି ସରକାରଙ୍କର ନିୟନ୍ତ୍ରଣ ରହିବା ଆବଶ୍ୟକ। ଏହାଛଡ଼ା ବୟସ୍କ ଯାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ 'ମୋ ବସ୍' ଡ୍ରାଇଭରମାନେ ଅତି ଦାୟିତ୍ୱହୀନ ବ୍ୟବହାର କରୁଥିବା ଦେଖାଯାଉଛି। ବୟସାଧିକ୍ୟ ଯୋଗୁଁ ବସ୍‌ରେ ଚଢ଼ିବା ଓହ୍ଲାଇବାରେ ସମସ୍ୟା ହେବା ସ୍ୱାଭାବିକ। କିନ୍ତୁ ଚଢ଼ିବା ପୂର୍ବରୁ କବାଟ ବନ୍ଦ କରିଦେବା, ଓହ୍ଲାଇବା ପୂର୍ବରୁ ବସ୍ ଚାଲୁ କରିବା ଦ୍ୱାରା ବୟୋଜ୍ୟେଷ୍ଠମାନେ ଅଧିକ ସମୟରେ ଆହତ ହେଉଥିବା ଦେଖାଯାଉଛି। ଏ ସମ୍ପର୍କରେ ପଚାରିଲେ ଡ୍ରାଇଭରମାନେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଆଳ ଦେଖାଇ ଦୁର୍ବ୍ୟବହାର କରୁଥିବା ଦେଖାଯାଉଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

ଦିପ୍ତିମୟୀ ନାୟକ, ମୋ: ୯୦୯୦୬୬୧୫୮୬

### ବୋତଲ ଓ ପାଉଚ୍ ପାଣି ଉତ୍ପାଦନ ଉପରେ ଲଗାମ ଲାଗୁ

କେବଳ ପାର୍ବଣ ନୁହଁ ବର୍ଷ ତମାମ ବଜାରରେ ବୋତଲ ଓ ପାଉଚ ପାଣିର ଚାହିଦା ରହିଛି। ମଝିରେ ମଝିରେ ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ବି ସୃଷ୍ଟି ହେଉଛି। କେଉଁଠି ପାଣି ଭିତରୁ ମଲା ଜିଆ ବାହାରିଲାଣି ତ କେଉଁଠି ଦୂଷିତ ପଦାର୍ଥ ବାହାରୁଛି। ଏସବୁ ସତ୍ତ୍ୱେ ବଜାରରେ ଏହି ଖୋଲାମେଲା ପାଣି ବିକ୍ରି ବେପାର ଉପରେ କୌଣସି ଅଙ୍କୁଶ ଲାଗିପାରି ନାହିଁ। ରାଜ୍ୟ ସରକାର ପ୍ଲାଷ୍ଟିକକୁ ନିଷିଦ୍ଧ କରିଥିଲାବେଳେ ପାଣି ପାଉଚ କାରଖାନାଗୁଡ଼ିକ ଉପରେ ବି ଲଗାମ ଲଗାଇଥିଲେ। କିନ୍ତୁ ଏହି ଶିଳ୍ପ ବେଆଇନ ଭାବେ ପୁଣି ମୁଣ୍ଡ ଟେକିଛି। ବଜାରରେ ଏହା ନିଷେଧ ପରେ ବି ପୁଣି ବିକ୍ରି ହେଲାଣି। ରାଜ୍ୟର ବିଭିନ୍ନ ସ୍ଥାନରେ ବିଆଇଏସ (ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ)ର ମାନ୍ୟତା ପାଇଥିବା ପ୍ରାୟ ୬୦ରୁ ଅଧିକ ସଂସ୍ଥା ବୋତଲ ପାଣି ଓ ପାଣି ପାଉଚ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଏହି ମାନ୍ୟତା ତାଲିକା ବାଦ୍ ବି ଶତାଧିକ ବେଆଇନ ୟୁନିଟ ରହିଥିବାର ଅଭିଯୋଗ ହେଉଛି। ସେମାନଙ୍କ ମଧ୍ୟରୁ ଅନେକ ପାଉଚ ପାଣି ତିଆରି କରୁଥିବାର ଜଣାପଡ଼ିଛି। ବଜାରରେ ଏଗୁଡ଼ିକର ପ୍ରବେଶ ଫଳରେ ବିଆଇଏସ ମାନ୍ୟତା ପାଇଥିବା ସଂସ୍ଥାଗୁଡ଼ିକ କ୍ଷତି ସହୁଥିବା ବେଳେ ଲୋକମାନେ ଅସୁସ୍ଥ ହେଉଛନ୍ତି। ବିଆଇଏସ୍ ନିୟମାନୁସାରେ ପ୍ୟାକେଜ ବଟଲ ୱାଟର ଶିଳ୍ପ ଲାଗି ଆବଶ୍ୟକୀୟ ପରୀକ୍ଷକ ନିଯୁକ୍ତି ସହିତ ପରୀକ୍ଷାଗାର ସ୍ଥାପନ କରାଯିବା କଥା। ସମସ୍ତ ନିୟମ ମାନିଲେ ଗୋଟିଏ ୟୁନିଟ ପାଇଁ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ଦରକାର। ଅନ୍ୟପଟରେ କେତେକ ସଂସ୍ଥା ବିଆଇଏସ ମାନ୍ୟତା ପାଇ ମଧ୍ୟ ତାହାର ନିୟମାବଳୀ ପାଳନ କରୁ ନଥିବାର ପରିଲକ୍ଷିତ ହୋଇଛି। ନାମକୁ ମାତ୍ର ବିଆଇଏସ ବା ଆଇଏସଆଇ ମାର୍କା ଲଗାଇ ସମ୍ପୃକ୍ତ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ ଦ୍ୱାରା ଉତ୍ପାଦିତ ବୋତଲ ପାଣି ବଜାରକୁ ଛାଡ଼ୁଛନ୍ତି। ଏପରିକି ବହୁ ଅନାମଧେୟ ସଂସ୍ଥାର ପାଣି ପ୍ରସ୍ତୁତିର ଉପଯୁକ୍ତ ଯାଞ୍ଚ ମଧ୍ୟ କରାଯାଉନାହିଁ। ସେହିପରି ପାଣି ପାଉଚ ପ୍ରସ୍ତୁତି ପାଇଁ ମାତ୍ର ୩ଲକ୍ଷ ଟଙ୍କାର ମେସିନ ପକାଇ ସାଧାରଣ ପାଣିକୁ ପ୍ୟାକେଜିଂ କରାଯାଇ ବଜାରକୁ ଛଡ଼ା ଯାଉଥିବା ଅଭିଯୋଗ ହେଉଛି। ଏ ଦିଗରେ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଗିରିଧାରୀ ସାମଲ
କଟକ, ମୋ: ୯୪୩୭୪୫୦୧୧୪

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ THE SAKALA



**ଆମ ପର୍ଯ୍ୟଟନ**

# ପ୍ରାକୃତିକ ସୌନ୍ଦର୍ଯ୍ୟର ସମ୍ଭାର 'ଗୁଣ୍ଡିଚାନାଳୀ'

**କାମାକ୍ଷାନଗର, ୨୨।୧୨ (ସମିସ):** କାମାକ୍ଷାନଗର ସହରଠାରୁ ମାତ୍ର ୬ କିମି ଦୂର କାନପୁରା ପଞ୍ଚାୟତରେ ଥିବା ଗୁଣ୍ଡିଚାନାଳୀ ପର୍ଯ୍ୟଟନସ୍ଥଳୀ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ସମ୍ଭାର। ଗୋଟିଏପଟେ ରାମିଆଳ ନଦୀର କୁଳୁକୁଳୁ ନାଦ ସାଙ୍ଗକୁ ଅନ୍ୟପଟେ ପାହାଡ଼ ଓ ବଣ ଜଙ୍ଗଲର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେଥିପାଇଁ ପ୍ରତିବର୍ଷ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ବିଶେଷକରି ପିକ୍‌ନିକ୍ ଋତୁ ଆରମ୍ଭ ହେବା ପରଠାରୁ ନଭେମ୍ବର ମଧ୍ୟଭାଗରୁ ଜାନୁଆରି ଶେଷ ସପ୍ତାହ ପର୍ଯ୍ୟନ୍ତ ଏଠାରେ ବଣଭୋଜି କରିବାକୁ କାହିଁ କେତେ ଦୂରରୁ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ବଣଭୋଜି ସହ ସ୍ଥାନୀୟ ହନୁମାନ ମନ୍ଦିର, ରାଜରାଜୁଡ଼ା ଅମଳରୁ ହାତୀମାନଙ୍କୁ ଧରାଦେଉଥିବା ହାତୀଖେଦା ପ୍ରଭୃତି ମନୋରମ ସ୍ଥାନ ପର୍ଯ୍ୟଟକମାନେ ବୁଲିଥା'ନ୍ତି। ଏଠାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ପିଣ୍ଡି ନିର୍ମାଣ, ଶୌଚାଳୟ ଓ କଟେଜ୍ ଆଦି କରାଯାଇଛି। ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଛି। ପିକନିକ୍ ସ୍ଥଳରେ ବିଭିନ୍ନ ଫୁଲ ଗଛ, ସେଲ୍‌ଫି ପଏଣ୍ଟ ଆଦି ନିର୍ମାଣ କରାଯାଇଛି। ଏହାକୁ ଏକ ଉତ୍କୃଷ୍ଟ ପର୍ଯ୍ୟଟନସ୍ଥଳୀ କରିବା ପାଇଁ ପଞ୍ଚାୟତ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସରପଞ୍ଚ ସତ୍ୟଜିତ ରାଉତ କହିଛନ୍ତି। ଏହି ସ୍ଥାନରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ନିମନ୍ତେ କଟେଜ୍ ନିର୍ମାଣ କରଯାଇପାରିଲେ 'ଗୁଣ୍ଡିଚାନାଳୀ' ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।



**ଏଏସ୍‌ଓ ନିଯୁକ୍ତି ପାଇଁ ବାଟ ଖୋଲିଲା**

# ଓପିଏସ୍‌ସିର ମେଧା ତାଲିକା କାଏମ ରଖିଲେ ହାଇକୋର୍ଟ

**କଟକ,୨୨।୧୨(ସମିସ):**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଅନୁଷ୍ଠିତ ହୋଇଥିବା ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍ (ଏଏସ୍‌ଓ) ନିଯୁକ୍ତି ପରୀକ୍ଷାକୁ ନେଇ ଦୀର୍ଘ ଏକ ବର୍ଷ ଧରି ଚାଲିଆସିଥିବା ଅଦାଲତି ବିବାଦର ଶୁକ୍ରବାର ଅନ୍ତ ଘଟିଛି। ହାଇକୋର୍ଟ ଗତ ୧୧ ତାରିଖ ଶୁଣାଣି ଶେଷକରିବା ସହ ରାୟକୁ ସଂରକ୍ଷିତ ରଖିଥିଲାବେଳେ ଶୁକ୍ରବାର ଏହାର ରାୟ ଆସିଛି। ଜଣିକିଆ ବିଚାରପତିଙ୍କ ରାୟକୁ ଦୁଇଜଣିଆ ଖଣ୍ଡପୀଠ ରଦ୍ଦ କରିବା ପରେ ଏଏସ୍‌ଓ ନିଯୁକ୍ତି ପାଇଁ ପଥ ପରିଷ୍କାର ହୋଇଛି। ଜଣିକିଆ ବିଚାରପତିଙ୍କ ରାୟକୁ ଚ୍ୟାଲେଞ୍ଜ କରି କବିତା ଜେନା ଓ ଅନ୍ୟମାନଙ୍କ ସହ ଓପିଏସ୍‌ସି ପକ୍ଷରୁ ରୁଜୁ ପୃଥକ ପୃଥକ ରିଟ୍ ଆବେଦନର ଏକତ୍ର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଓପିଏସ୍‌ସି ଯେଉଁ ମେଧା ତାଲିକା ପ୍ରସ୍ତୁତ କରିଥିଲା ତାହାକୁ କାଏମ୍ ରଖିଛନ୍ତି ଖଣ୍ଡପୀଠ। ଏହି ମେଧା ତାଲିକା ଆଧାରରେ ନିଯୁକ୍ତି ପାଇଁ ପରବର୍ତ୍ତୀ ପ୍ରକ୍ରିୟାକୁ ଓପିଏସ୍‌ସି ଅଗ୍ରସର ହୋଇପାରିବ। ବିଶେଷ କରି ତାଲିକାଭୁକ୍ତ ପ୍ରାର୍ଥୀଙ୍କ କମ୍ପ୍ୟୁଟର ଦକ୍ଷତା ପରୀକ୍ଷା କରିବା ପରେ ଓପିଏସ୍‌ସି ଚୂଡ଼ାନ୍ତ ମେଧା ତାଲିକା ପ୍ରସ୍ତୁତ କରିବ ବୋଲି କହିଛନ୍ତି ହାଇକୋର୍ଟ। ବିଷୟଭିତ୍ତିକ ମାର୍କ ଆଧାରରେ କଟ୍‌ଅଫ୍ ମାର୍କ ଧାର୍ଯ୍ୟ କରିବା ଓପିଏସ୍‌ସିର କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ଜଣିକିଆ ବିଚାରପତି ଦେଇଥିବା ରାୟ ଗ୍ରହଣୀୟ ନୁହେଁ। ଯେ କୌଣସି ବିଷୟରେ ଅଥବା ସମସ୍ତ ବିଷୟରେ କଟ୍‌ଅଫ୍ ମାର୍କ ଧାର୍ଯ୍ୟ କ୍ଷମତା ନିଯୁକ୍ତିଦାତା ଓପିଏସ୍‌ସିର ରହିଛି ଯାହା ନିଯୁକ୍ତି ବିଜ୍ଞପ୍ତିର ୬(ଗ)ରେ ଉଲ୍ଲେଖ ରହିଥିଲା।

## ମେଧା ତାଲିକା ଆଧାରରେ ଆବେଦନକାରୀଙ୍କ କମ୍ପ୍ୟୁଟର ପରୀକ୍ଷାକୁ ଅନୁମତି

ଏଣୁ ମେଧା ତାଲିକା ପ୍ରସ୍ତୁତରେ ଓପିଏସ୍‌ସି ତ୍ରୁଟି କରିନାହିଁ ବୋଲି ହାଇକୋର୍ଟ କହିବା ସହ ଜଣିକିଆ ବିଚାରପତିଙ୍କ ଗତ ମେ' ୧୯ ଓ ଜୁଲାଇ ୩୧ର ଆଦେଶକୁ ରଦ୍ଦ କରିଛନ୍ତି।

ପ୍ରକାଶ ଥାଉକି, ଏଏସ୍‌ଓ ନିଯୁକ୍ତି ପାଇଁ ହୋଇଥିବା ଲିଖିତ ପରୀକ୍ଷା ପରେ ବିଷୟଭିତ୍ତିକ କଟ୍‌ଅଫ୍ ମାର୍କ ଧାର୍ଯ୍ୟ ପୂର୍ବକ ହୋଇଥିବା ମେଧା ତାଲିକାକୁ ଚ୍ୟାଲେଞ୍ଜ କରି ରଜତ କୁମାର ମିଶ୍ର ଓ ଅନ୍ୟମାନଙ୍କ ପକ୍ଷରୁ ମୂଳ ମାମଲା ରୁଜୁ ହୋଇଥିଲା। ଗତ ମେ' ୧୯ ତାରିଖରେ ଏହାର ଶୁଣାଣି କରି ଜଣିକିଆ ବିଚାରପତି ଓପିଏସ୍‌ସିର ମେଧା ତାଲିକାକୁ ରଦ୍ଦ କରିବା ସହ ୬ ସପ୍ତାହରେ ସାନି ତାଲିକା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ନିର୍ଦ୍ଦେଶର ପୁନଃବିଚାର ଆବେଦନ କରି ମେଧା ତାଲିକାଭୁକ୍ତ ପ୍ରାର୍ଥୀମାନେ ରିଭ୍ୟୁ ପିଟିସନ ରୁଜୁ କରିଥିଲେ। ଏହାକୁ ମଧ୍ୟ ଗତ ଜୁଲାଇ ୩୧ରେ ଜଣିକିଆ ବିଚାରପତି ଖାରଜ କରି ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଦୁଇ ଜଣିଆ ଖଣ୍ଡପୀଠରେ କବିତା ଜେନା ଓ ଅନ୍ୟମାନଙ୍କ ସହ ଓପିଏସ୍‌ସି ପକ୍ଷରୁ ରିଟ୍ ଆବେଦନ ଦାୟର ହୋଇଥିଲା। ପ୍ରଥମେ ମାମଲାରେ ଜଣିକିଆ ବିଚାରପତି ଦେଇଥିବା ରାୟ ଅନ୍ତରୀଣ ସ୍ଥଗିତାଦେଶ ଜାରି ହୋଇଥିଲାବେଳେ ଶୁକ୍ରବାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ମୋଟ ୭୯୬ ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ଓପିଏସ୍‌ସି ୨୦୨୨ ଅଗଷ୍ଟ ୨୭ରେ ଲିଖିତ ପରୀକ୍ଷା କରିଥିଲା। ଏହି ପରୀକ୍ଷା ପରେ ପ୍ରସ୍ତୁତ ୧୧୦୪ ଜଣଙ୍କ ଏକ ମେଧା ତାଲିକା ୨୦୨୨ ନଭେମ୍ବର ୭ରେ ପ୍ରକାଶ ପାଇଥିଲା। ଓପିଏସ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ ମହାନ୍ତି ଓ ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଭବାନୀ ଶଙ୍କର ତ୍ରିପାଠୀ ଏବଂ ପ୍ରତିପକ୍ଷ ରଜତ କୁମାର ମିଶ୍ରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ଘରେ ପଶି ଯୁବକଙ୍କୁ ହତ୍ୟା

**ବଙ୍ଗୋମୁଣ୍ଡା, ୨୨।୧୨(ସମିସ):** ବଲାଙ୍ଗିର ଜିଲ୍ଲା, ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ଦେଡ଼ଗାଁରେ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ରୁଖାଡ଼ ଥପା (୩୫)। ଗୁରୁବାର ରାତିରେ ରୁଖାଡ଼ ଘରେ ଥିବା ବେଳେ ୫ ଦୁର୍ବୃତ୍ତ ଘର ଭିତରକୁ ଧସେଇ ପଶିବା ସହ ହତ୍ୟା କରିଥିଲେ। ଏହି ସମୟରେ ରୁଖାଡ଼ଙ୍କ ୯ ବର୍ଷୀୟ ପୁଅକୁ ମଧ୍ୟ ଆକ୍ରମଣକାରୀମାନେ ମାଡ଼ ମାରିଥିଲେ। ଏଥିରେ ତା'ର ହାତ ଭାଙ୍ଗି ଯାଇଛି। ସିନ୍ଧେକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ କରିଛି। ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ତାହା ଜଣାପଡ଼ିନାହିଁ। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନାନୁସାରେ, ରୁଖାଡ଼ଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିବା ବେଳେ ୯ ବର୍ଷର ପୁଅ ଓ ବୃଦ୍ଧ ମା'-ବାପା ଥିଲେ। ଗତ ରାତି ପ୍ରାୟ ୧୦ଟାରେ ସମସ୍ତେ ଘରେ ଥିବା ବେଳେ ୫ଜଣ ଦୁର୍ବୃତ୍ତ ତାଙ୍କ ଘରକୁ ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ରୁଖାଡ଼ଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ରୁଖାଡ଼ଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା।

## ସୁଶାନ୍ତ ଧଳସାମନ୍ତଙ୍କ ଚିକିତ୍ସା ପ୍ରସଂଗକୁ ନେଇ ହାଇକୋର୍ଟରେ ମାମଲା

**କଟକ,୨୨।୧୨(ସମିସ):** କୁଖ୍ୟାତ ଗ୍ୟାଙ୍ଗଷ୍ଟର ସୁଶାନ୍ତ କୁମାର ଧଳସାମନ୍ତର ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ସୁଶାନ୍ତର ବାପା ସରୋଜ ଧଳସାମନ୍ତଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଆଖି ସମସ୍ୟା ଥିବାବେଳେ ସୁଶାନ୍ତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲା। ସୁଶାନ୍ତକୁ ଭୀମ ଭୋଇ ମେଡିକାଲ କଲେଜକୁ ନିଆଯାଇଥିବାବେଳେ ଅବସ୍ଥା ଗୁରୁତର ହେବାରୁ ତାକୁ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ସୁଶାନ୍ତର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାକୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଛି। ସୁଶାନ୍ତକୁ ଭେଟିବାକୁ ଆବେଦନକାରୀ, ଆଇନଜୀବୀ ଓ ସମ୍ପର୍କୀୟଙ୍କୁ ଅନୁମତି ଦିଆଯାଉ ନାହିଁ। ଆବେଦନକାରୀଙ୍କ ଖର୍ଚ୍ଚରେ ସୁଶାନ୍ତର ତୁରନ୍ତ ଚିକିତ୍ସା ସୁପରସ୍ପେଶାଲିଟି ହସ୍ପିଟାଲରେ କରାଯିବାକୁ ଅନୁମତି ଦିଆଯିବାକୁ ପ୍ରାର୍ଥନା କରାଯାଇଛି। ଭୁବନେଶ୍ୱରର ଆପୋଲୋ, ଆମ୍ରି, କିମ୍ବା କଳିଙ୍ଗ ହସ୍ପିଟାଲରେ ସୁଶାନ୍ତର ଚିକିତ୍ସା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ବଲାଙ୍ଗିର ଜେଲ୍ ଅଧୀକ୍ଷକ, ଏସ୍‌ପି, କଟକ ଡିସିପି, ଏସ୍‌ସିବି ଅଧୀକ୍ଷକଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରକାଶ ଥାଉକି, ୨୦୧୬ ଜାନୁଆରୀ ୨୯ରୁ ସୁଶାନ୍ତ ବିଚାରାଧୀନ ବନ୍ଦୀ ଭାବେ ବଲାଙ୍ଗିର ଜେଲ୍‌ରେ ଅଛି।

## ଛୁରି ଭୁସି ଜିଆର୍‌ଏସ୍‌ଙ୍କୁ ହତ୍ୟା



**ବୁଗୁଡ଼ା/ପୋଲସରା, ୨୨।୧୨(ସମିସ):** ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ କଳମ୍ବ-ଅନ୍ତରପଡ଼ା ରାସ୍ତାରେ ଆଜି ସକାଳେ ଜଣେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ହେଲେ, ସୁକାନ୍ତ ପାଣିଗ୍ରାହୀ। ତାଙ୍କ ଘର କଳମ୍ବ ଗ୍ରାମରେ। ବୁଗୁଡ଼ା ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ସୁକାନ୍ତଙ୍କ ମା' ପ୍ରମିଳା ପାଣିଗ୍ରାହୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ ପୂର୍ବ ଶତ୍ରୁତାରୁ ହୋଇଥିବା ଅନୁମାନ କରାଯାଉଛି।

ସୂଚନାନୁଯାୟୀ, ସୁକାନ୍ତ ବୁଗୁଡ଼ା ବ୍ଲକ୍‌ର ଏ. କରଡ଼ାବାଡ଼ି ଓ ଶଙ୍କୁରୁ ପଞ୍ଚାୟତରେ ଜିଆର୍‌ଏସ୍ ଭାବେ କାର୍ଯ୍ୟରତ ଥିଲେ। ଆଜି ସକାଳେ ସେ ନିଜ ବାଇକ୍‌ରେ କଳମ୍ବ-ଅନ୍ତରପଡ଼ା ରାସ୍ତା ଦେଇ ବୁଗୁଡ଼ା ଯାଉଥିବା ବେଳେ ଦଶିପୁର ଗ୍ରାମର ରାଘବ ସ୍ୱାଇଁ (୨୭) ତାଙ୍କୁ ବାଟରେ ଅଟକାଇ ଛୁରିରେ ଆକ୍ରମଣ କରିଥିଲେ। ଏହା ଦେଖି ଆଖପାଖରେ ଥିବା ଲୋକେ ଘଟଣାସ୍ଥଳକୁ ଚାଲି ଆସିବାରୁ ରାଘବ ସେଠାରୁ ଫେରାର୍ ହୋଇଯାଇଥିଲା। ବାଲିପଦର ଫାଣ୍ଡି ଅଧିକାରୀ ସମୀର କୁମାର ବେହେରା ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ସୁକାନ୍ତଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଉଥିବା ବେଳେ ପୋଲସରା ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି। ଅପରପକ୍ଷେ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୃତକଙ୍କ ପରିବାରଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ମହିଳାଙ୍କଠାରୁ ୫ ଲକ୍ଷ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**କାମାକ୍ଷାନଗର, ୨୨।୧୨(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ସିଆରିମାଳିଆ ଛକ ନିକଟରେ ସ୍ୱୟଂସହାୟିକା ଗୋଷ୍ଠୀର ଜଣେ ମହିଳାଙ୍କଠାରୁ ୫ଲକ୍ଷ ଟଙ୍କା ଲୁଟ୍ ହୋଇଛି। ସୂଚନାନୁଯାୟୀ, ଜୟପୁରାକାଟେଣୀ ପଞ୍ଚାୟତ ଅନ୍ତର୍ଗତ ସିଆରିମାଳିଆ ଗ୍ରାମର ଶକ୍ତି ମାଆ ମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଲିଲି ପ୍ରଧାନ, ସମ୍ପାଦିକା ସୁମିତ୍ରା ପ୍ରଧାନ ଓ ତାଙ୍କ ସ୍ୱାମୀ ଉପେନ୍ଦ୍ର ପ୍ରଧାନ ମୁକ୍ତାପଶିସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖାରୁ ୫ଲକ୍ଷ ଟଙ୍କା ଉଠାଇ ବାଇକ୍ ଯୋଗେ ଫେରୁଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା। ବାଇକ୍‌ରୁ ତେଲ ସରିଯିବାରୁ ସିଆରିମାଳିଆ ଛକ ପେଟ୍ରୋଲ ଟାଙ୍କିରେ ସେମାନେ ତେଲ ପକାଉଥିବା ବେଳେ ଏକ ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ମହିଳାଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିଲେ। କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ବ୍ୟାଙ୍କକୁ ଯାଇ ତନାଘନା ଆରମ୍ଭ କରିଛନ୍ତି।

## ରୋଲର୍ ଚାପାରେ ମହିଳା ମୃତ



**କାଣ୍ଟାବାଞ୍ଜି/ତୁରେକେଲା, ୨୨।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟରେ ଆଜି ଏକ ରୋଲର୍ ଚାପାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ, ସତନାମୀପଡ଼ାର ଗୀତା ସତନାମୀ(୪୦) ଓରଫ୍ କାକରୀ। ଗୀତା ଆଜି ଅପରାହ୍ନରେ ରେଳ ଫାଟକ ନିକଟରେ ଚାଲିଚାଲି ଯାଉଥିବା ବେଳେ ରୋଲର୍‌ଟି ତାଙ୍କ ଉପରେ ମାଡ଼ି ଯାଇଥିଲା। ରୋଲର୍‌ଟିର ବ୍ରେକ୍- ଫେଲ୍ ଯୋଗୁଁ ଏପରି ଅଘଟଣ ଘଟିଥିବା କୁହାଯାଉଛି। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହଶହ ଗାଡ଼ି ଫାଟକର ଦୁଇ କଡ଼ରେ ଅଟକି ରହିଥିଲା। ଖବର ପାଇ ଏସ୍‌ଡିପିଓ ଗୌରାଙ୍ଗ ସାହୁ, ତହସିଲଦାର ରତ୍ନାଲାଲ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଡ଼ି ବସିଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ଶେଷ ଖବର ଲେଖା ହେବା ବେଳକୁ ସଂଧ୍ୟା ପ୍ରାୟ ସାଢ଼େ ୮ଟା ସୁଦ୍ଧା ବିକ୍ଷୋଭ ଜାରି ରହିଛି। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ କଣ୍ଟାବାଞ୍ଜି ପୁଲିସ ଘଟଣାସ୍ଥଳରେ ମୁତୟନ ରହିଛି। ଅପରପକ୍ଷେ ଦୁର୍ଘଟଣା ଘଟାଇବା ପରେ ରୋଲର୍ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି।

**ଗୁହାଳ ଜାଳିଦେଲେ ଦୁର୍ବୃତ୍ତ**

## ୬୦ ଛେଳି ଜୀବନ୍ତ ଦଗ୍ଧ

**ଖଲ୍ଲିକୋଟ, ୨୨।୧୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରାପଲ୍ଲୀ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। କେହି ଦୁର୍ବୃତ୍ତ ଏକ ଛେଳି ଗୁହାଳରେ ନିଆଁ ଲଗାଇ ଦେବାରୁ ୬୦ଟି ଛେଳି ଛୁଆ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ସୂଚନାନୁଯାୟୀ, ଗୁରାପଲ୍ଲୀ ଗ୍ରାମର ବି. ଗୋପି ପାତ୍ର ଛେଳି ଚାଷ କରନ୍ତି। ନିକଟସ୍ଥ କଙ୍କେଇ ଗ୍ରାମ ନିକଟରେ ଥିବା ତାଙ୍କର ଏକ ଚାଷ ଜମିରେ ସେ ଛେଳି ଗୁହାଳ କରିଛନ୍ତି। ସବୁଦିନ ପରି ଆଜି ସେ ନିଜର ଛେଳିମାନଙ୍କୁ ଚରାଇବା ପାଇଁ ନେଇ ଯାଇଥିବା ବେଳେ ଛେଳି ଛୁଆଗୁଡ଼ିକ ଗୁହାଳରେ ଥିଲେ। ତେବେ ସନ୍ଧ୍ୟାରେ ସେ ଗୁହାଳକୁ ଫେରି ଦେଖିବା ବେଳକୁ ତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ତାଙ୍କ ଗୁହାଳ ସମେତ ଭିତରେ ଥିବା ୬୦ଟି ଛେଳି ଛୁଆ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। କେହି ଦୁର୍ବୃତ୍ତ ଜାଣିଶୁଣି ଏଭଳି ଅମାନବୀୟ କାଣ୍ଡ ଘଟାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଖଲ୍ଲିକୋଟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଝଟକିବ ଯୋରନ୍ଦା...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ହେଉଛି ଦେବ ଭୂମି ଓ ପୂଣ୍ୟ ଭୂମି। ମହିମା ଧର୍ମ ଯୋରନ୍ଦା ମାଟିକୁ ପବିତ୍ର କରିବା ସହ ଭାରତର ଆଧ୍ୟାତ୍ମିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ସାରା ବିଶ୍ୱକୁ ଏକ ପରିବାର ଭାବରେ ଗ୍ରହଣ କରି ମହିମା ଧର୍ମ ସରଳ ଜୀବନ, ସାମ୍ୟତା ଓ ଜଗତକଲ୍ୟାଣର ବାର୍ତ୍ତା ପ୍ରଚାର କରିଛି। ମହିମା ଧର୍ମର ମହାନ ସନ୍ଥ ଭୀମ ଭୋଇଙ୍କ ବାର୍ତ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଜଗତକଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାର ଚିନ୍ତାଧାରା ଆମକୁ ମହିମା ଧର୍ମ ଶିକ୍ଷା ଦେଇଛି ବୋଲି ଉଲ୍ଲେଖ କରି ଯୋରନ୍ଦା ପୀଠର ରୂପାନ୍ତରଣ ଢେଙ୍କାନାଳ ଜିଲ୍ଲାକୁ ନୂଆ ପରିଚୟ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହ ଯୋରନ୍ଦାକୁ ଓଡ଼ିଶା ତଥା ଭାରତର ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ପୀଠ ଭାବରେ ପରିଗଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇ ଢେଙ୍କାନାଳ ଜିଲ୍ଲା ବିଶ୍ୱକୁ ମହିମା ଧର୍ମ ଉପହାର ଦେଇଛି ବୋଲି କହିଛନ୍ତି। ଏହି ଧର୍ମର ପ୍ରସାର ଓ ଧର୍ମପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସହଯୋଗ ଯୋଗାଇ ଦେଇ ମହିମା ଧର୍ମ ପ୍ରତି ତାଙ୍କର ଆନ୍ତରିକତାକୁ ପ୍ରଦର୍ଶନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ମହେଶ କୁମାର ସାହୁ, ବିଧାୟକ ସୁଧିର କୁମାର ସାମଲ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ପ୍ରମୁଖ ଯୋଗ ଦେଇ ଧର୍ମାନୁଷ୍ଠାନଠାରୁ ଆରମ୍ଭକରି ଗ୍ରାମଦେବୀଙ୍କ ପୀଠ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସମସ୍ତ ଧର୍ମୀୟ ଭାବନା ଓ ଭାବାବେଗକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଦେଉଛନ୍ତି ବୋଲି କହିଛନ୍ତି। ଏହାସହିତ ମହିମା ଧର୍ମ ପ୍ରତି ଆନ୍ତରିକତା ଏବଂ ବିକାଶ ପାଇଁ ତାଙ୍କର ଉଦ୍ୟମ ଇତିହାସରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ମହିମା ଗାଦି...

ମଞ୍ଜୁର କରିଛନ୍ତି ଓ ଆଜି ଏହାର ଭୂମିପୂଜନ କାର୍ଯ୍ୟରେ ଭାଗ ନେଇଛନ୍ତି ବୋଲି ବିକାଶ ବିରୋଧୀଙ୍କୁ ତୀର୍ଯ୍ୟକ ସମାଲୋଚନା କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

ସମାବେଶରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଦୁନିଆରେ ବହୁତ ଲୋକ ଅଛନ୍ତି ଯେଉଁମାନେ କେବଳ ଶ୍ରେୟ ନେବା ପାଇଁ କାମ କରନ୍ତି। କିଛି ଲୋକ ଅଛନ୍ତି ଅନ୍ୟ ଲୋକ ଯେପରି ଶ୍ରେୟ ନେଇ ପାରିବେ ନାହିଁ ସେହି ଲକ୍ଷ୍ୟରେ କାମ ବନ୍ଦ କରିବାକୁ ଲାଗିପଡ଼ନ୍ତି। ସେପରି ଲୋକଙ୍କୁ ଓଡ଼ିଶାବାସୀ ସେମାନଙ୍କୁ ବେଶ୍ ଭଲ ଭାବେ ଚିହ୍ନିପାରିବେ। ମାତ୍ର ଦୁନିଆରେ ବହୁତ କମ୍ ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ ଶ୍ରେୟ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ; ଲୋକଙ୍କ ମୁହଁରେ ସନ୍ତୁଷ୍ଟିର ସହ ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର। ସେହି ବହୁତ କମ୍ ଲୋକଙ୍କ ମଧ୍ୟରୁ ଜଣେ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଗତ ମେ' ୨୯ ତାରିଖରେ ମହିମାଗାଦିର ଉନ୍ନତିକରଣ ପାଇଁ ଯୋରନ୍ଦା ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ସମସ୍ତଙ୍କ ସହ ଆଲୋଚନା କରି ମହିମାଗାଦିର ବିକାଶ ପାଇଁ କ'ଣ ଆବଶ୍ୟକ ତାହା ପଚାରି ବୁଝିଥିଲେ। ପରେ ତିନି ଥର ସାଧୁମାନେ ଭୁବନେଶ୍ୱର ନବୀନ ନିବାସ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସାଧୁମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ମହିମା ଗାଦିର ରୂପାନ୍ତରଣ ପାଇଁ ପ୍ରାୟ ୧୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ମହିମାଗାଦିର ଉନ୍ନତୀକରଣ ପରିପ୍ରେକ୍ଷୀରେ '୪-ଏସ୍' ନୀତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ସବୁଥର ପରି ଏଠାରେ ମଧ୍ୟ ବିକାଶ କାମକୁ ରୋକିବା ପାଇଁ ଚକ୍ରାନ୍ତ ହୋଇଥିଲା। ଏତେ ଖର୍ଚ୍ଚ କରି ବିକାଶ ନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖୁଥିଲେ। କାହିଁକି ଏତେ ଖର୍ଚ୍ଚ କରାଯିବ, କାମ ହେଲେ କ'ଣ ଲାଭ ହେବ ବୋଲି କହି ପ୍ରକଳ୍ପରେ ବାଧା ସୃଷ୍ଟି ଉଦ୍ୟମ କରାଯାଇଥିଲା; କିନ୍ତୁ ମହିମା ଧର୍ମକୁ ଭଲ ପାଉଥିବା, ସମ୍ମାନ ଦେଉଥିବା ମୁଖ୍ୟମନ୍ତ୍ରୀଙ୍କ ଉପରେ ଏସବୁ ଚକ୍ରାନ୍ତର କୌଣସି ପ୍ରଭାବ ପଡିନଥିଲା। ଓଡ଼ିଶା ମାଟିରେ ଜନ୍ମ ନେଇ ଦୁନିଆକୁ ସ୍ୱଚ୍ଛତା, ସରଳତା, ସମାନତା, ନିଃସ୍ୱାର୍ଥ ସେବା ବାର୍ତ୍ତା ଦେଇଥିବା ମହିମା ଧର୍ମକୁ ଆଗେଇ ନେବା ପାଇଁ ଅଟଳ ନିଷ୍ପତ୍ତି ନେଇଥିଲେ ମୁଖ୍ୟମନ୍ତ୍ରୀ। ଏହି ଚାରିଟି ଯାକ 'ସ'ର ପ୍ରତୀକ ହେଉଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାକୁ ଲକ୍ଷ୍ୟରେ ରଖି ମୁଖ୍ୟମନ୍ତ୍ରୀ ଯୋରନ୍ଦା ମହିମା ଗାଦି ସହ ଏହି ପ୍ରକଳ୍ପ ଅନୁମୋଦନ କରିଥିଲେ। ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ ଯେ ସାରା ରାଜ୍ୟରେ ଥିବା ୧୦୫ଟି ମହିମା ଗାଦିର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୮.୩୦ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ମହିମା ମନ୍ଦିରର ରୂପାନ୍ତରଣକୁ ପ୍ରାଥମିକତା ଦେଇଛନ୍ତି। ସେ ଯେବେ ଯେବେ ଜିଲ୍ଲା ଗସ୍ତରେ ଯାଇଥାନ୍ତି ସେହି ଜିଲ୍ଲାରେ ମହିମା ଗାଦିର ବିକାଶ ପାଇଁ ପ୍ରସ୍ତାବ ଆସିଛି କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥାନ୍ତି। ପ୍ରସ୍ତାବ ଆସିବା ନେଇ ଶୁଣିବା ସଙ୍ଗେ ସଙ୍ଗେ ତାହା ଉପରେ ପଦକ୍ଷେପ ନେଇଥାନ୍ତି। ସବୁ ଜାଗାରେ ଥିବା ମହିମା ମନ୍ଦିରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି।

### ନୈତିକତାର କାଠଗଡ଼ାରେ...

ପୀଠ ବିକାଶ କାର୍ଯ୍ୟକ୍ରମ, ବିଜେପି ଶାସିତ ରାଜ୍ୟଗୁଡ଼ିକରେ ବିଭିନ୍ନ ଧାର୍ମିକ ପୀଠର ବ୍ଲଗ୍ ଓ ଡ଼କୁମେଣ୍ଟାରୀ ପ୍ରସ୍ତୁତ ପାଇଁ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ପାଇଁ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଧାର୍ମିକ ପ୍ରତିଷ୍ଠାନ, ମନ୍ଦିର ବୁଲିବୁଲି ସେ ନିଜର ବୃତ୍ତଚିତ୍ରର ବ୍ଲଗ୍ ସାମାଜିକ ଗଣମାଧ୍ୟମରେ ଅତୀତରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ତାଙ୍କର ଫଟୋ, ବ୍ଲଗ୍‌କୁ ସେୟାର କରିଛନ୍ତି। ସେତେବେଳେ କାହିଁ ଧର୍ମେନ୍ଦ୍ର ଏ ସମ୍ପର୍କରେ ପ୍ରଶ୍ନ କଲେ ନାହିଁ? ନିଜ ଦଳର ଶୀର୍ଷ ନେତାଙ୍କ ସମ୍ପର୍କରେ ଟିପ୍ପଣୀ ଦେଲେ ନାହିଁ। କିନ୍ତୁ ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରସଙ୍ଗରେ କାମିଆ ବ୍ଲଗ୍ ପ୍ରସ୍ତୁତ କରିବା ଦ୍ୱାରା ସେ କେଉଁ ଅପରାଧ କଲେ ଯେ, ଧର୍ମେନ୍ଦ୍ରଙ୍କ ଅସହିଷ୍ଣୁତା ସବୁ ସୀମା ଅତିକ୍ରମ କରିଗଲା?

କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଶାହାଙ୍କ ଅନୁମତିକ୍ରମେ କାମିଆ ଜାନିଙ୍କୁ ଦେଶର ପ୍ରମୁଖ ଦେବାଳୟ ଏବଂ ଐତିହ୍ୟସ୍ଥଳର ପ୍ରଚାର ପ୍ରସାର ପାଇଁ ନିଯୁକ୍ତି ଦିଆଯାଇଥିଲା। ସେ ଚାରିଧାମ ଯାତ୍ରା, ଅଯୋଧ୍ୟାର ରାମଲାଲାଙ୍କ ମନ୍ଦିର ଯାଇ ବ୍ଲଗ୍ ଓ ବୃତ୍ତଚିତ୍ର ପ୍ରସ୍ତୁତ କରିଛନ୍ତି। ଖୋଦ୍ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ନିଜ 'ଏକ୍ସ' ଆକାଉଣ୍ଟରେ କାମିଆଙ୍କ ମନ୍ଦିର ବୁଲା ଫଟୋ ସେୟାର ସହ ପ୍ରସ୍ତୁତ ଡ଼କୁମେଣ୍ଟାରୀ ଦେଖିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଖୋଦ୍ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କାମିଆଙ୍କ ସେହି ଫଟୋ ନିଜ ଏକ୍ସ ଆକାଉଣ୍ଟରେ ସେୟାର କରି ବହୁମାତ୍ରାରେ ସେହି ଭିଡିଓ ଦେଖିବା ଲାଗି ଅନୁରୋଧ କରିଛନ୍ତି। ମାତ୍ର ଓଡ଼ିଶାରେ ପରିକ୍ରମା ପ୍ରକଳ୍ପ ବ୍ଲଗ୍ ଓ ବୃତ୍ତଚିତ୍ରବେଳକୁ ଆପଣଙ୍କ ସ୍ୱର କାହିଁକି ବଦଳି ଯାଉଛି। କାମିଆ ଦେଶର ଅନ୍ୟ ଧାର୍ମିକ ପୀଠ ବୃତ୍ତଚିତ୍ର ପ୍ରସ୍ତୁତି ଠିକ୍ ଓ ଶ୍ରୀମନ୍ଦିର ବ୍ଲଗ୍ ପ୍ରସ୍ତୁତିରେ ଭୁଲ କେଉଁଠି ? ବାରମ୍ବାର ମିଥ୍ୟାର ଆଶ୍ରୟ ନେଇ ଆପଣ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କୁ କାହିଁକି ନିନ୍ଦିତ କରିବାକୁ ହୀନ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ମଙ୍ଗରାଜ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପ୍ରଶ୍ନ କରିଛନ୍ତି। ଯଦି ପ୍ରକୃତରେ ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ପ୍ରତି ସାମାନ୍ୟତମ ସମ୍ମାନ ଥାଆନ୍ତା ତା ହେଲେ ଆପଣ ଜଣେ ଦାୟିତ୍ୱସମ୍ପନ୍ନ କେନ୍ଦ୍ରମନ୍ତ୍ରୀ ହୋଇ ଏପରି ତଳ ସ୍ତରକୁ ଯାଇ ମିଥ୍ୟାର ଆଶ୍ରୟରେ ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରିନଥାନ୍ତେ। ଆପଣଙ୍କ ମନରେ ଓଡ଼ିଶାର ସମ୍ମାନ ବଦଳରେ ଓଡ଼ିଶାର ବିକାଶକୁ ନେଇ ଅସହିଷ୍ଣୁତା ଭରି ଯାଇଛି। ଆରମ୍ଭରୁ ହିଁ ପ୍ରକଳ୍ପକୁ ବିରୋଧ କରି ଆସୁଥିବା ଶ୍ରୀ ପ୍ରଧାନ ଏବେ କାମିଆଙ୍କୁ ନେଇ ହୀନ ରାଜନୀତି କରିବାକୁ ପଛାଇ ନାହାନ୍ତି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଶ୍ରୀମନ୍ଦିର ପରିକ୍ରମା ପକଳ୍ପକୁ ରାଜ୍ୟ, ଜାତୀୟ ସ୍ତରରେ ସଭିଏଁ ପ୍ରଶଂସା କରୁଛନ୍ତି। ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀ ଜଗନ୍ନାଥ ଶ୍ରଦ୍ଧାଳୁ ନିଜ ଖୁସି ବ୍ୟକ୍ତ କରିଛନ୍ତି। ବାହାରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଶ୍ରୀ ମନ୍ଦିର ଚର୍ତୁଃପାଶ୍ୱର୍ ବିକାଶ ଦେଖି ଚକିତ ହୋଇଯାଉଛନ୍ତି। ମୁକ୍ତକଣ୍ଠରେ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରୁଛନ୍ତି, କିନ୍ତୁ ଓଡ଼ିଶା ବିଜେପି ନେତାମାନେ ଏହାକୁ ହଜମ କରିପାରୁ ନାହାନ୍ତି। ଓଡିଶାର ପ୍ରଶଂସା ଶୁଣିଲେ ରାତିର ନିଦ ଉଡିଯାଉଛି। ବିଶ୍ୱର ଆରାଧ୍ୟ ଦେବତାଙ୍କ ମନ୍ଦିର ବିକାଶ କାମକୁ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେଥିପାଇଁ ରାଜ୍ୟ ବିଜେପି ନେତା ତାହା ମିଛ କହି କୁତ୍ସାରଟନା କରିବାରେ ବ୍ୟସ୍ତ ଅଛନ୍ତି। ସତ କଥା ହେଲା ଶ୍ରୀମନ୍ଦିର ପ୍ରକଳ୍ପ ହେଉ ଅବା ରାଜ୍ୟ ପାଇଁ ସଫଳତା ଆଣୁଥିବା କୌଣସି ବି ପ୍ରସଙ୍ଗ, ଗୌରବାନ୍ୱିତ ହେବା ବଦଳରେ ରାଜ୍ୟ ବିଜେପି ନେତା ଇର୍ଷାନ୍ୱିତ ହୋଇଉଠନ୍ତି। ସେଥିପାଇଁ ସବୁ ରାଜନୈତିକ ଦଳର ନେତାଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଫେରୁଥିବା ବେଳେ ରାଜ୍ୟ ବିଜେପିର କର୍ମୀ ଅଣ୍ଡା ମାରିଥିଲେ। ପବିତ୍ର କାର୍ଯ୍ୟ ସାରି ପୁଣ୍ୟର ସହର ପୁରୀରୁ ଫେରିବା ବେଳେ ଏଭଳି ହୀନ କାର୍ଯ୍ୟ ପାଇଁ, ଏହି କେନ୍ଦ୍ରମନ୍ତ୍ରୀ ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ କ୍ଷମା ମାଗିଥିଲେ। ଏବେ କିନ୍ତୁ ଆଉ ଏକ ପାଦ ଆଗକୁ ଯାଇ କାମିଆ ଜାନିଙ୍କ ଭିଡ଼ିଓ ପ୍ରସ୍ତୁତିକୁ ରାଜନୈତିକ ରଙ୍ଗ ଦେବାରେ କେନ୍ଦ୍ରମନ୍ତ୍ରୀ ଏବଂ ତାଙ୍କ ଟିମ୍ ପୂରା ବ୍ୟସ୍ତ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

## ଦେଶର ସବୁତକ କଳାବାଘ ଶିମିଳିପାଳରେ: କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ

**ବାରିପଦା, ୨୨।୧୨(ସମିସ):** ଦେଶରେ ଥିବା ସବୁତକ କଳା ମହାବଳ ବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। କେନ୍ଦ୍ର ଜଙ୍ଗଲ, ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସଂସଦରେ ଏହି ତଥ୍ୟ ରଖିଛନ୍ତି। ଶ୍ରୀ ଚୌବେ କହିଛନ୍ତି ଯେ ପୂରା ଭାରତରେ ମୋଟ ୧୦ଟି କଳା ମହାବଳ ବାଘ ରହିଛନ୍ତି। ଆଶ୍ଚର୍ଯ୍ୟ ଓ ଖୁସିର କଥା ହେଲା, ସବୁତକ ବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ଅଛନ୍ତି। ଏହି ୧୦ଟି ଯାକ କଳା ବାଘ 'ମେଲାନିଷ୍ଟିକ' ପ୍ରଜାତିର।

୨୦୨୨ର ପାନ୍-ଇଣ୍ଡିଆ ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଛନ୍ତି। ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା। ସେବେଠାରୁ ଏହା ଉପରେ ଅନେକ ଗବେଷଣା ଜାରି ରହିଛି। ଗବେଷଣାରୁ ଜଣାପଡ଼ିଛି ଯେ ଏହା ଜନ୍ମ ସମ୍ବନ୍ଧି ଏକ ଜେନେଟିକ୍ ପରିବର୍ତ୍ତନ। କେବଳ ବାଘ ନୁହେଁ, ଅନ୍ୟ ପ୍ରାଣୀଙ୍କ କ୍ଷେତ୍ରରେ ଉକ୍ତ ଜେନେଟିକ୍ ପରିବର୍ତ୍ତନ ବି ଦେଖାଯାଇଥାଏ। ମହାବଳ ବାଘ ନିଜ ବର୍ଗର ବାଘଙ୍କ ପରିଧି ବାହାରକୁ ଯାଇ ପ୍ରଜନନ କରିବା ଦ୍ୱାରା ଏଭଳି ଜନ୍ମସମ୍ବନ୍ଧୀ ଅସାମଞ୍ଜସ୍ୟତା ଦେଖାଦେଇଛି। ତେବେ ମ୍ୟୁଟେସନ୍ କାରଣରୁ ଏହି ରଙ୍ଗର ବାଘ ଦେଖାଯାଉଛନ୍ତି ବୋଲି ଅଧ୍ୟୟନରୁ ଜଣାପଡ଼ିଛି ବୋଲି ମନ୍ତ୍ରୀ ଶ୍ରୀ ଚୌବେ ସଂସଦରେ ତଥ୍ୟ ରଖିଛନ୍ତି।

## ୧୦ ଡାକ୍ତରଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନ ଖାରଜ

**ଭୁବନେଶ୍ୱର, ୨୨।୧୨(ସମିସ):** ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ୧୦ ଡାକ୍ତର କରିଥିବା ଆବେଦନକୁ ରାଜ୍ୟ ସରକାର ଅଗ୍ରାହ୍ୟ କରିଛନ୍ତି। ସ୍ୱାସ୍ଥ୍ୟସେବାରେ ଆବଶ୍ୟକତା ଏବଂ ବୃହତ୍ ଜନସ୍ୱାର୍ଥ ଦୃଷ୍ଟିରୁ ଏହି ଡାକ୍ତରମାନଙ୍କ ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ଆବେଦନକୁ ଖାରଜ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ସମ୍ପୃକ୍ତ ୧୦ଜଣ ଡାକ୍ତର ବୌଦ୍ଧ, ସୁନ୍ଦରଗଡ଼, ବାଲେଶ୍ୱର, ଗଞ୍ଜାମ, କଟକ, କଳାହାଣ୍ଡି, ଦେବଗଡ଼, ପୁରୀ, କେନ୍ଦୁଝର ଆଦି ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାରେ ବରିଷ୍ଠ ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମେଡିକାଲ ଅଫିସର୍, ସିନିୟର କନସଲଟାଣ୍ଟ, ବିଶେଷଜ୍ଞ ଡାକ୍ତରଭାବେ କାର୍ଯ୍ୟ କରୁଛନ୍ତି। ତେବେ ସବୁ ଦିଗରୁ ବିଚାର କରି ସରକାର ସେମାନଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ଖାରଜ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି।

# ଗରିବଙ୍କ ମୁହଁରେ ହସ ଫୁଟାଉଛି 'ଆବାସ'

## ୨ଶହ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

**ରାଜନଗର,୨୨।୧୨(ସମିସ):**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଗ୍ରାମୀଣ ଆବାସ ଯୋଜନାରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। 'ଆବାସ' ଯୋଜନା ଗରିବଙ୍କ ମୁହଁରେ ହସ ଫୁଟାଉଛି ବୋଲି ଏଥିରେ ପ୍ରଶାସନିକ ଅଧିକାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଖୁକୁମିନା କୁଅଁର, ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ଶୈଳେନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ପରିଡା, ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁଶୀଳା ପଲାଇ, ମାନସୀ




ବିଶ୍ୱାଳ, ପୁଷ୍ପଲତା ସାହୁ, ସେବତୀ ସାହୁ, ଦୁର୍ଗା ପ୍ରମୁଖ ୨ଶହ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସରକାରଙ୍କ ନିୟମ ଅନୁସାରେ ୬ମାସ ଭିତରେ ହିତାଧିକାରୀ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ କରିପାରିଲେ ସେମାନଙ୍କୁ ୧୦ ହଜାର ଏବଂ ୪ମାସ ଭିତରେ ସାରିଲେ ୨୦ ହଜାର ଟଙ୍କା ପ୍ରଦାନ କରାଯିବାର ନିୟମ ରହିଛି ବୋଲି ବିଡିଓ ନିଶାନ ମିଶ୍ର ପ୍ରକାଶ କରିଛନ୍ତି। ତେବେ ଯେଉଁ ବ୍ୟକ୍ତି ଗ୍ରାମୀଣ ଆବାସ ଯୋଜନାରେ ଗୃହ ପାଇଛନ୍ତି ସେମାନେ ତୁରନ୍ତ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ କରିବାକୁ ବିଡିଓ ପରାମର୍ଶ ଦେଇଛନ୍ତି। ବିଡିଓ ନିଶାନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନୀଷା ଦାସ, ବିପିଏ ପ୍ରସନ୍ନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶିରକାନ୍ତ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଏରସମା,୨୨।୧୨(ସମିସ):** କୃଷ୍ଣଚନ୍ଦ୍ରପୁର ଗ୍ରାମ ନିବାସୀ ତଥା ଏରସମା ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ଶଶୁର ଶିଶିରକାନ୍ତ ମହାପାତ୍ରଙ୍କ ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ଲୋକନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାଲିକୁଦା-ଏରସମା ବିଧାୟକ ତଥା ଜଗତସିଂହପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରଘୁନନ୍ଦନ ଦାସ, ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବିଜୁ ଜନତାର ରାଜ୍ୟ ସାଧାରଣ ସଂପାଦକ ସାରଦା ପ୍ରସନ୍ନ ଜେନା, ଜଗତସିଂହପୁର ଜିଲ୍ଲା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପୀତବାସ ଗୋଛାୟତ, ବାଲିକୁଦା-ଏରସମା



ନିର୍ବାଚନମଣ୍ଡଳୀର ଯୁବ ସମାଜସେବୀ ତଥା ଅନୀତା ମେମୋରିଆଲ ଫାଉଣ୍ଡେସନ ସଭାପତି ଆଦିତ୍ୟ ନନ୍ଦନ ଦାସ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବିଜୁ ଯୁବ ଜନତା ଦଳର ସଭାପତି ପ୍ରାର୍ଥ ସାରଥି ରାଉତ, ଏରସମା ବ୍ଲକ୍ ବିଜୁ ଯୁବ ଜନତା ଦଳ ଉପସଭାପତି ଲୋକନାଥ ରାଉତ (ହାପି) ପାରାଦୀପ ମ୍ୟୁନିସିପାଲିଟି ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବାଲିକୁଦା ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷା, ବିରିଡି ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବହୁ ବିଶିଷ୍ଟ ବକ୍ତା ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ମିନିପାର୍କ, ଷ୍ଟାଡିୟମ ପାଇଁ ଶିଳାନ୍ୟାସ



**କେନ୍ଦ୍ରାପଡ଼ା,୨୨।୧୨(ସମିସ):** କେନ୍ଦ୍ରାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ଏକ ମିନି ପାର୍କ ଏବଂ ଷ୍ଟାଡିୟମ ନିର୍ମାଣ ଲାଗି ଶିଳାନ୍ୟାସ ହୋଇଛି। ପୌରାଧ୍ୟକ୍ଷା ସରିତା ସାହୁ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଥିଲେ। ଏଥିରେ କାଉନସିଲର ପୁଷ୍ପାଞ୍ଜଳି ବସ୍ତିଆ, ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପରିଡା ସଭାପତିତ୍ୱ କରିଥିଲେ।

# ଗ୍ରାମାଞ୍ଚଳରେ ଲୋକଶକ୍ତି ସମ୍ମାନ



**ମହାକାଳପଡ଼ା,୨୨।୧୨(ସମିସ):** ସାଇ ଏଜୁ କେସନାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟର ଭୁବନେଶ୍ୱର ଶାଖା ତରଫରୁ କଳତୁଙ୍ଗା ପଞ୍ଚାୟତରେ 'ଗ୍ରାମାଞ୍ଚଳ ବିକାଶରେ ଲୋକ ଶକ୍ତି ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଟ୍ରଷ୍ଟର ମୁଖ୍ୟ ରାଜକିଶୋର ପ୍ରଧାନ, ସୁନୀତି ସରପଞ୍ଚ ଭଗବତୀ ମଣ୍ଡଳ, ନିରଞ୍ଜନ ପରିଡା, ପୂର୍ବତନ ସରପଞ୍ଚ ଗଗନ ବିହାରି ପ୍ରଧାନ, ଶିକ୍ଷକ କୈଳାଶ ଚନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ମଣ୍ଡଳ, ଶିକ୍ଷକ ନୃରୁସିଂହ ମଲ୍ଲ, ସାବିତ୍ରୀ ମଣ୍ଡଳ, ରବିନାରାୟଣ ନାୟକ ଏବଂ ସୁପ୍ରଭା ମଲ୍ଲିକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଆହତ ଷଣ୍ଢର ଚିକିତ୍ସା କଲେ ସ୍ୱେଚ୍ଛାସେବୀ

**ଜଗତସିଂହପୁର,୨୨।୧୨(ସମିସ):** ଜଗତସିଂହପୁର ହାଟବଜାର ମୁଚୁକୁନ୍ଦ ସୋମନାଥ ମନ୍ଦିର ନିକଟରରେ ଏକ ଷଣ୍ଢର ଚିକିତ୍ସା କରାଯାଇଛି। କୌଣସି କାରଣରୁ ଆହତ ହୋଇ ଷଣ୍ଢଟି ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲା। ଖବର ପାଇ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଅଧୀନ ଅନିମଲ ହେଲ୍ଥ ଲାଇନ ପକ୍ଷରୁ ଚିକିତ୍ସା କରାଯାଇଛି। ଷଣ୍ଢର ଗୋଡ଼ରେ ଗଭୀର କ୍ଷତ ହୋଇଛି। ଲିଙ୍ଗରାଜ ଲେଙ୍କା, ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା ଓ ବାପି ସାହୁ ସହଯୋଗ କରିଥିଲେ।



# ବଉଳାଙ୍ଗ ସୁରବାଳା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**କୁଜଙ୍ଗ,୨୨।୧୨(ସମିସ):** ପାଟପୁର ପଞ୍ଚାୟତ ବଉଳାଙ୍ଗସ୍ଥିତ ସୁରବାଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ନିଶାକର ମୁଦୁଲି, ମୁଖ୍ୟ ବକ୍ତା ରୂପେ ପ୍ରାକ୍ତନ କ୍ରୀଡା ଶିକ୍ଷକ ତଥା କବି ସାଗବ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରମୋଦ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥଲେ।



ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଶବ ଚରଣ ଦାଶ, ବିଜ୍ଞାନ ଶିକ୍ଷକ ନୃସିଂହ ଚରଣ ବାହାଲିଆ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ପ୍ରଦୀପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ରାଜନଗର,୨୨।୧୨(ସମିସ):** ରାଜନଗର ବ୍ଲକ୍ ପ୍ରଶାସନ ପକ୍ଷରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ୧୯ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ରାଜନଗର ବ୍ଲକର ମହିଁଷାସୁର ଓ ଦିଘି ପଡିଆରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ମହିଁଷାସୁର ପଡିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ରାଜନଗର କ୍ରିକେଟ ଟିମ୍ ସହ ଏନସିସି କ୍ରିକେଟ କ୍ଲବ୍ ଗୁପ୍ତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଜନଗର କ୍ରିକେଟ ଟିମ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ରାଜନଗର କ୍ରିକେଟ ଟିମ୍ ୧୬୨ ରନ୍ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଏନସିସି କ୍ରିକେଟ ଟିମ ଗୁପ୍ତି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ କରିଥିଲା। ଏହା ଫଳରେ ମ୍ୟାଚ ଟାଏ ହୋଇଥିଲା। ସୁପର ଓଭର ମ୍ୟାଚ ଖେଳାଯାଇଥିଲା। ସୁପର ଓଭର ମ୍ୟାଚରେ ଏନସିସି କ୍ରିକେଟ ଟିମ୍ ଗୋଟିଏ ଓଭରରେ ୧୪ ରନ୍ ସଂଗ୍ରହ କରିଥିବା ବେଳେ ରାଜନଗର କ୍ରିକେଟ ଟିମ୍ ପରାଜିତ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ରାଜନଗର ବିଡିଓ ନିଶାନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିଲେ। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଗାଁ ଗହଳିରେ ଲୁଚି ରହିଥିବା ଯୁବ ପ୍ରତିଭାଙ୍କୁ ସାମ୍ନାକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହା ପ୍ରୟାସ ବୋଲି ସେ କହିଥିଲେ। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡିଶା ମାଧ୍ୟମରେ ସ୍କୁଲ, କଲେଜକୁ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସାହୁ ଚାମ୍ପିଅନ ଦଳ ଏନସିସି ଗୁପ୍ତି କ୍ରିକେଟ ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କାର ଆର୍ôଥକ ରାଶି ପ୍ରଦାନ କରିଥିବା ବେଳେ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ନିରଂଜନ ରାଉତ, ଅଶୋକ ମହାନ୍ତି, ଗୋଲେଖଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ସଂଗୀତା ମିଶ୍ର, ଶୈଳେନ୍ଦ୍ର ମିଶ୍ର, କୈଳାସ ଚନ୍ଦ୍ର ପରିଡା, ସୁରେଖା ପ୍ରଧାନ, ସମିତିସଭ୍ୟ ସୁମିତ୍ରା ସେଠୀ, ଆର୍ତ୍ତବନ୍ଧୁ ମହାନ୍ତି, ସଂଜୟ ସ୍ୱାଇଁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଂଜନ ମହାନ୍ତି, ଆକ୍ସିସ ବ୍ୟାଙ୍କର ରାଜନଗର ଶାଖା ପରିଚାଳକ ଅତିଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କନିଷ୍ଠଯନ୍ତ୍ରୀ ପ୍ରଭାତ ମାଝି, ବିଏସଏସଓ ମନୋଜ ବେହେରା, ପଂଚାୟତ ନିର୍ବାହୀ ଅଧିକାରୀ ବିଜୟ ସେଠୀ, ଜ୍ୟୋତି ରଂଜନ ସାମଲ, ଶୀତଲ ଜେନାଙ୍କ ସମେତ ବିଭିନ୍ନ ସ୍କୁଲର କ୍ରୀଡା ଶିକ୍ଷକ ଏବଂ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିବି ମଡେଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଡେରାବିଶ,୨୨।୧୨(ସମିସ):** ଦାନପୁର ପଞ୍ଚାୟତ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ବଳ, ବରିଷ୍ଠ ଶିକ୍ଷକ ମନୋଜ ପଟ୍ଟନାୟକ, ବିଶ୍ୱବିଜୟ ଦାସ, ବ୍ରଜେନ୍ଦୁ କର, କିଶୋର ଚନ୍ଦ୍ର ମହାନ୍ତି, ଆଲୋକ ଜେନା, ପବିତ୍ର ଚନ୍ଦ୍ର ଦାସ, ପ୍ରକାଶ ରଞ୍ଜନ ଦାସ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ, ବିଜୟଲକ୍ଷ୍ମୀ ଦାଶ, ଅନିତା ପଣ୍ଡା, ସୁଚିସ୍ମିତା ତ୍ରିପାଠୀ, ପ୍ରଜ୍ଞାପରମିତା ମିଶ୍ର ପ୍ରମୁଖ ପରିଚାଳନା କରିବା ସହ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କିରାଣି ମଳୟ ରଥ, ସତ୍ୟବ୍ରତ ପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପିନାଥ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଡେଲ୍‌ଟା କଲେଜରେ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ




**ଡେରାବିଶ,୨୨।୧୨(ସମିସ):** ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ଭସ୍ଥିତ ଡେଲଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ଅଧୀନରେ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ନୋଡ଼ାଲ୍ ଅଧିକାରୀ ଅଧ୍ୟାପକ ବିଭୂତି ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାରିମୂଳ, ମେଳକ, ତିହଡ଼ା, ଭିତରବମ୍ଭ ଆଦି ଗ୍ରାମ ପରିକ୍ରମା କରି ନିଶା ନିବାରଣ ଓ ଯୌତୁକ ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପକ ମହେଶ ଚନ୍ଦ୍ର ଶତପଥୀଙ୍କ ରଚିତ ପଥପ୍ରାନ୍ତ ନାଟକ ପରାହତ ପଥିକ ଓ ଇତିର ଇତି ମଞ୍ଚସ୍ଥ କରାଯାଇଥିଲା। ଏଥିରେ ଛାତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ବର୍ଷାରାଣୀ ବଳ, ପୂଜାରାଣୀ ପରିଡ଼ା, ଦୀପ୍ତି ରାଉତ, ନିବେଦିତା ସାମଲ ଓ ସିମରନ ସ୍ୱାଇଁ ପ୍ରମୁଖ ଅଭିନୟ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ପ୍ରଦୀପ ଜେନା, ଅଶୋକ ଦାସ, ଡକ୍ଟର ପବିତ୍ର ନନ୍ଦ, ଶିଶିର ଷଡ଼ଙ୍ଗୀ, ମମତା ପଲେଇ, ବିକାଶ ସ୍ୱାଇଁ, ସୁଷମା ରାଉତ, ନମିତା ମହାରଣା, କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ ଓ ବିଦ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ସ୍ୱଚ୍ଛତା ଓ ପରିମଳ ସମ୍ପର୍କରେ ଗରାମ ଗ୍ରାମ ପରିକ୍ରମା କରି ସଚେତନ କରିଥିଲେ। ତିନିଘରିଆରେ ପଥପ୍ରାନ୍ତ ସଭା ହୋଇଥିଲା। ଅଧ୍ୟାପକ ପ୍ରଦୀପ ଜେନା, ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ପୂର୍ବତନ ଶିକ୍ଷକ ମୁରଲିଧର ବଳ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଅର୍ତାମୂଳରେ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ଅଧ୍ୟାପକ ଅମୀୟ ଶତପଥୀ, ଅଶୋକ ମିଶ୍ର, ବିକ୍ରମ ବିହାରୀ ବିଶ୍ୱାଳ, ଗଦାଧର ବେହେରା, ମମତା ପ୍ରଧାନଙ୍କ ସମେତ ସ୍ଥାନୀୟ ଗ୍ରାମର ରବୀନ୍ଦ୍ର ବଳ, ଅଶୋକ ପରିଡ଼ା ପ୍ରମୁଖ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# 'ଖେଳିବା ଦ୍ୱାରା ଶରୀର ଓ ମନ ସୁସ୍ଥ ରହେ'



**ପାରାଦୀପ,୨୨।୧୨(ସମିସ):**

ପାରାଦୀପସ୍ଥିତ ବାଲିଝରା ଗଣପତି ଶିଶୁ ବିଦ୍ୟାମନ୍ଦିରର ୧୯ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଇଫ୍‌କୋର ଜେଜିଏମ କେ ମୋହନ ରାଓ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଫକୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ରାଓ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡ଼ା ମଶାଲ ଜାଳି ଖେଳ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ବେଉରା କହିଲେ ପାଠ ସହ ଖେଳ ଖେଳିବା ଆବଶ୍ୟକ। ଖେଳିବା ଦ୍ୱାରା ଶରୀର ଓ ମନ ସୁସ୍ଥ ରହେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଗବାନ ପରିଡା ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ପିପିଏଲର ସିଏସଆର ହେଡ୍ ସୌମ୍ୟଶ୍ରୀ ଓମ ପ୍ରକାଶ ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ଶ୍ରୀମତି ଗୀତାଞ୍ଜଳି ତରାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ମହୋତ୍ସବରେ ଶିକ୍ଷକ ବିପ୍ଳବ ମହାନ୍ତି, ସୁଧାକର ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା, ରୋଜାଲିନ ସାହୁ, କଲ୍ୟାଣି ସାହୁ, ପିଙ୍କିନା ଜେନା, ସ୍ନେହଲତା ଜେନା, ରୋଜାଲିନ ତରାଇ, ରାଜଶ୍ରୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

**ରାଜ୍ୟସ୍ତରୀୟ ଶରତ ଦେବ ମେମୋରିଆଲ ଫୁଟବଲ**

# ସେମିରେ ପାରଡାଇଜ୍ ଜଟଣୀ



**ଆଳି,୨୨।୧୨(ସମିସ):** ଆଳି ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ୧୭ତମ ରାଜ୍ୟସ୍ତରୀୟ ଶରତ ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଦଲ ଏକାଡେମୀକୁ ଟାଏ ବ୍ରେକର ଜରିଆରେ ୬-୪ ଗୋଲରେ ହରାଇ ଫ୍ରେଣ୍ଡ୍ସ ପାରାଡାଇସ କ୍ଲବ୍ ଜଟଣୀ ସେମି ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ପାରାଡାଇଜ୍ କ୍ଲବର ଗୋଲ୍‌କିପର ଶିଶିର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ଅର୍ଥ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଆଳି ତହସିଲଦାର ଦିବେଶ ଆଚାର୍ଯ୍ୟ ଓ ଆଳି ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଉପସ୍ଥିତ ଥିଲେ। ରେଫ୍ରି ଭାବେ ଜିତେନ୍ଦ୍ର ସ୍ୱାଇଁ, ସୁଦୀପ ଦାସ, ପ୍ରତାପ ବାହିନୀପତି, ବରୁଣ ପ୍ରଧାନ, ଶରତ ଜେନା, ପହଲି ଜେନା ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ଶିବ ପ୍ରସାଦ ମଲ୍ଲିକ ଦାୟିତ୍ୱ ସମ୍ପାଦନ କରିଥିଲେ।

# ବନ୍ଦ ଘରୁ ଓଏସ୍ଏପି ଯବାନଙ୍କ ମୃତଦେହ ଉଦ୍ଧାର

**ରାଉରକେଲା,୨୨।୧୨(ସମିସ):** ଏକ ବନ୍ଦ ଘରୁ ଓଏସଏପି ଯବାନଙ୍କ ମୃତଦେହ ଉଦ୍ଧାର କରିଛି ପ୍ଲାଣ୍ଟସାଇଟ୍ ଥାନା ପୁଲିସ। ମୃତକ ହେଲେ ଖିତ୍ରାଂଶୁ ଶେଖର ଜାନି (୩୨)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ମୁତାବକ, କନ୍ଷ୍ଟେବଲ ଖିତ୍ରାଂଶୁ ଓଏସଏପି ଚତୁର୍ଥ ବାଟାଲିଅନର କର୍ମଚାରୀ କ୍ୱାର୍ଟରେସରେ ରହୁଥିଲେ। ଗତ ପ୍ରାୟ ୩ ଦିନରୁ ତାଙ୍କୁ ସ୍ଥାନୀୟ ଲୋକେ ଦେଖିବାକୁ ପାଇ ନ ଥିଲେ। ତେବେ ଗୁରୁବାର ସେ ରହୁଥିବା ଘରୁ ଦୁର୍ଗନ୍ଧ ବାହାରିବା ସହ କବାଟ ଭିତର ପଟୁ ବନ୍ଦ ରହିଥିବା ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏ ନେଇ ବଲାଙ୍ଗୀର ଜିଲ୍ଲା ସଇଁତଳାରେ ରହୁଥିବା ତାଙ୍କ ପରିବାରକୁ ଖବର ଦେଇଥିଲା। ଶୁକ୍ରବାର ପରିବାର ଲୋକଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯାଇ ମୃତଦେହ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଖିତ୍ରାଂଶୁଙ୍କ ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଅନ୍ୟପଟେ ସେ ପ୍ରଚୁର ମଦ୍ୟପାନ କରିବା ଦ୍ୱାରା ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ମଦ୍ୟପାନ କରିବା ପରେ ସେ ଡ୍ୟୁଟି ମଧ୍ୟ ଯାଉ ନ ଥିଲେ। ଡ୍ୟୁଟିରେ ଅବହେଳା ଯୋଗୁଁ ତାଙ୍କୁ ୮ଟି ବ୍ଲାକ ମାର୍କ ମିଳିଥିଲା। ଆଉ ଗୋଟିଏ ବ୍ଲାକ ମାର୍କ ପରେ ତାଙ୍କୁ ଚାକିରିରୁ ଡିସମିସ୍ କରାଯାଇଥାନ୍ତା। ଗତ ବର୍ଷ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

● ସାଇବର ଠକେଇ

# ପୋଷ୍ଟାଲ କର୍ମଚାରୀ କହି ମହିଳାଙ୍କଠାରୁ ଟଙ୍କା ଲୁଟ୍

**ରାଉରକେଲା,୨୨।୧୨(ସମିସ):** ପୋଷ୍ଟାଲ କର୍ମଚାରୀଙ୍କ ନାଁରେ ଜଣେ ମହିଳାଙ୍କଠାରୁ ସାଇବର ଠକମାନେ ଟଙ୍କା ଠକି ନେଇଥିବା ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ମୁତାବକ, ସେକ୍ଟର-୨ ବି/୧୧୭ ଘରେ ଲିଜାରାଣୀ ମଲ୍ଲିକ ରୁହନ୍ତି। ଶୁକ୍ରବାର ତାଙ୍କ ମୋବାଇଲ ନମ୍ବରକୁ ଏକ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ପୋଷ୍ଟ ଅଫିସ କର୍ମଚାରୀ ପରିଚୟ ଦେଇଥିଲା। ଏହାସହ ପୋଷ୍ଟାଲ୍ ସମ୍ବନ୍ଧୀୟ ବିଭିନ୍ନ କଥା ତଥା ଟଙ୍କା ଆକାଉଣ୍ଟକୁ ଆସିବ ବୋଲି କହିଥିଲା। ଏହି ଟଙ୍କା ପାଇବାକୁ ହେଲେ ଏକ ଲିଙ୍କରେ ଯିବାକୁ ଠକ କହିଥିଲା। ତା' କଥାରେ ବିଶ୍ୱାସ କରି ମୋବାଇଲ ମେସେଜ ଯୋଗେ ଆସିଥିବା ଲିଙ୍କକୁ ଯାଇ ଲିଜା କ୍ଲିକ୍ କରିଥିଲେ ଓ ଏକ ଓଟିପି ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୧୪ ହଜାର ୯୦୦ ଟଙ୍କା କଟିଯାଇଥିବା ମେସେଜ ଆସିଥିଲା। ଏ ନେଇ ଲିଜାଙ୍କ ନିକଟକୁ ଆସିଥିବା ଫୋନ ନମ୍ବରରେ କଲ୍ କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା। ସେ ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# ଗ୍ରାମ୍ୟ ଜଙ୍ଗଲରୁ ଚାଲିଛି ଅବାଧ ଗଛକଟା



**ଲହୁଣୀପଡ଼ା,୨୨।୧୨(ସମିସ):** କୁଲିପୋଷ ବନାଞ୍ଚଳ ଅନ୍ତର୍ଗତ ବାସୁବାହାଲ ଗ୍ରାମ ବାସିଆମହୁଲି ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ପାଖାପାଖି ୨ ଏକର ପରିମିତ ପାହାଡ଼ ଜମିରୁ ଗଜା ଶାଳଗଛ ସହ ଅନ୍ୟାନ୍ୟ ଗଛ କଟାଯାଇଥିଲେ ବି ନା ଗ୍ରାମ୍ୟ କମିଟି ପାଖରେ ଖବର ରହୁଛି ନାଁ ବନ ବିଭାଗ ପାଖରେ। କେହି ଦୁର୍ବୃତ୍ତ ପ୍ରାୟ ୨ ଏକର ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛ କାଟି ସଫା କରିଥିବା ଦେଖିବାକୁ ମିଳିଛି। ତେବେ ଉକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡ ବୁଦା ଗଛ କଟାଯାଇଥିବା ଯୁକ୍ତି ବାଢ଼ିଛନ୍ତି। ବନ ବିଭାଗ କର୍ମଚାରୀ କାହା ଚାପରେ ବୁଦା କଟା ହୋଇଥିବା ଯୁକ୍ତି ବାଢୁଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ କର୍ମଚାରୀଙ୍କ ଏଭଳି ନୀତି ଯୋଗୁଁ ବରସୁଆଁ କଲେଇପୋଷ ରାସ୍ତା, ଧମଣାଧର, କେନ୍ଦୁଡିହି, ଘଣିଘଷା କୁଡ଼େଇକଳା ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଗଛ କଟାଯାଉଛି। କିଏ ସାଇକଲରେ ତ କିଏ ଶଗଡ଼ବଳଦ ସାହାଯ୍ୟରେ ଗଜା ଗଛ କାଟି ବୋହି ନେଉଥିବା ଦେଖିବାକୁ ମିଳୁଛି।

# ଟ୍ରକକୁ ଧକ୍କାଦେଲା ଟ୍ରେଲର; ଜଣେ ମୃତ, ୨ ଆହତ

**ଲହୁଣୀପଡ଼ା,୨୨।୧୨(ସମିସ):** ୫୨୦ ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ଥାନା ଚୁନାଘାଟି ନିକଟରେ ଗୁରୁବାର ରାତି ପ୍ରାୟ ୧୧ଟାରେ ଏକ ଟ୍ରକକୁ ଟ୍ରେଲର ପଛରୁ ଧକ୍କାଦେବା ଦ୍ୱାରା ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

ଏକ ଟ୍ରକ କୋଇଡ଼ା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ କରି ଲହୁଣୀପଡ଼ା ପଟେ ଆସୁଥିବା ବେଳେ ସେହି କୋଇଡ଼ା ଅଞ୍ଚଳରୁ ଆସୁଥିବା ଏକ ଟ୍ରେଲର ଉକ୍ତ ଟ୍ରକ ପଛରେ ଧକ୍କା ହୋଇଥିଲା। ଫଳରେ ଟ୍ରକ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଗାଡ଼ି ଭିତରେ ଚାପିହୋଇ ଚାଳକଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଛଚୁପାଲି ଗ୍ରାମର ସ୍ୱର୍ଗତ ମଣି ମୁଣ୍ଡାଙ୍କ ପୁଅ ମନନବି ମୁଣ୍ଡା (୨୭)। ଟ୍ରେଲର ଡ୍ରାଇଭର ସମେତ ଦୁଇଜଣ ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେହିପରି ମନନବିଙ୍କ ମୃତଦେହ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଉଭୟ ଗାଡ଼ିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସୁନ୍ଦରଗଡ଼,୨୨।୧୨(ସମିସ)**



ରାଜ୍ୟର ବିକାଶରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବ ବିକାଶ ହେଲେ ରାଜ୍ୟର ବିକାଶ ହେବା ସହ ରାଜ୍ୟ ସମୃଦ୍ଧ ହୁଏ ବୋଲି କିଞ୍ଜିର୍ମାସ୍ଥିତ ଉଭୟ ଇଲା ମେମୋରିଅଲ୍ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଯାପନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅଧକ୍ଷ ମନୋଜ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଉନ୍ନତି ହୋଇପାରିଛି ବୋଲି କହିଥିଲେ। ଏହି ଅଭିନବ ପ୍ରୟାସ ଦ୍ୱାରା କଲେଜ ସ୍ତରରେ ପିଲାମାନେ ନିଜ ପ୍ରତିଭାକୁ ବିକଶିତ କରିଛନ୍ତି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ଯୋଗଦେଇ ସରକାର ତୃଣମୂଳ ସ୍ତରରୁ ଛାତ୍ରଛାତ୍ରୀଙ୍କ ଶିକ୍ଷା, ସାମାଜିକ ତଥା କ୍ରୀଡ଼ା କ୍ଷେତ୍ରରେ ଲୁଚିରହିଥିବା ପ୍ରତିଭାକୁ ବିକଶିତ କରବାର ସୁଯୋଗ ଦେଇଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡିଗ୍ରୀ କଲେଜ ଅଧକ୍ଷ ବିଶ୍ୱନାଥ ତ୍ରିପାଠୀ, ସୁନ୍ଦରଗଡ଼ ସରକାରୀ କଲେଜ ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ. କୁମୁଦିନୀ ରାଉତରାୟ, ଶ୍ମଶାନବନ୍ଧୁ ସିଦ୍ଧାନ୍ତ ପଣ୍ଡା, ଅବସରପ୍ରାପ୍ତ ବିଇଓ ଶ୍ରୀବତ୍ସ ଚୌଧୁରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଚୌଧୁରୀ, ଶ୍ରୀଧର ନାଏକ ପ୍ରମୁଖ ଯୋଗଦେଇ ଏହି ଯୁବ ବିକାଶ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପକ ସୁବାସ ପଣ୍ଡା, କନକ ମଞ୍ଜରୀ ନାଏକଙ୍କ ସମେତ ଉଭୟ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷା ବିଭାଗ ଅଧ୍ୟାପିକା ଡ. କଳ୍ପନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍‌ଲାଇନ ଗେମ୍ ପାଇଁ ଉଜୁଡ଼ିଲା ପରିବାର

● ଟ୍ରେନ୍‌ରେ କଟି ଯୁବକଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ଼,୨୨।୧୨(ସମିସ):** ଅନଲାଇନ ଗେମ ଏକ ଗରିବ ପରିବାରକୁ ଉଜାଡ଼ିଦେଇଛି। ଏହି ଖେଳରେ ସର୍ବସ୍ୱାନ୍ତ ହୋଇଥିବା ଜଣେ ଯୁବକ ଶେଷରେ ଆତ୍ମହତ୍ୟା ପନ୍ଥା ଆଦରି ନେଇଛନ୍ତି। ଶୁକ୍ରବାର ଟ୍ରେନ ଲାଇନରେ ଶୋଇ ଯିବାରୁ ଚକରେ କଟି ତାଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଯୁବକ ତାଙ୍କ ବାପା ମାଆଙ୍କ ଏକମାତ୍ର ପୁଅ ହୋଇଥିବାରୁ ତାଙ୍କ ମୃତ୍ୟୁରେ ମାନସିକ ରୋଗୀ ବାପା ଏବଂ ଶ୍ରମ ଉପରେ ନିର୍ଭରଶୀଳ ମା' ଅସହାୟ ହୋଇପଡ଼ିଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମରେ। କଣ୍ଟିଆମୁରା ଗ୍ରାମର ଭୁଜ ବେହାରା ଜଣେ ମାନସିକ ରୋଗୀ ଅଟନ୍ତି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଭୁଜଙ୍କ ସ୍ତ୍ରୀ ଶ୍ରମଜୀବୀ ଭାବେ କାମ କରୁଥିବା ବେଳେ ପୁଅ ରଞ୍ଜନ (୨୩) ସ୍ଥାନୀୟ ଏକ ପେଟ୍ରୋଲ ପମ୍ପରେ କାମ କରୁଥିଲେ। ତେବେ ରଞ୍ଜନ ଅନଲାଇନ ଗେମ ନିଶାରେ ପଡ଼ିଯାଇଥିଲେ। ଏହି ଗେମ୍ ଖେଳି ସେ ସର୍ବସ୍ୱାନ୍ତ ହୋଇଯାଇଥିଲେ। ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଆତ୍ମହତ୍ୟା ପୂର୍ବରୁ ସେ ବିବାହ କରିବାକୁ ଯାଉଥିବା ତାଙ୍କ ମାଉସୀ ଝିଅଙ୍କୁ ଏ ସମ୍ପର୍କରେ ମେସେଜ କରି ଜଣାଇ ଦେଇଥିଲେ। ସେହିପରି ତାଙ୍କର କେତେକ ବନ୍ଧୁଙ୍କୁ ବାମରା ରେଳ ଲାଇନରେ ଆତ୍ମହତ୍ୟା କରିବି କହି ବାଇକରେ ବାମରା ଅଭିମୁଖେ ଅଭିମୁଖେ ଯାଇଥିଲେ। ଏଣୁ ସାଙ୍ଗମାନେ ତାଙ୍କୁ ବଞ୍ଚାଇବା ପାଇଁ ତାଙ୍କ ପିଛା କରିଥିଲେ। ତେବେ ସେମାନେ ପହଞ୍ଚିବା ପୂର୍ବରୁ ରଞ୍ଜନ ବାମରା ମୁଣ୍ଡାଡିପା ନିକଟ ରେଳ ଧାରଣାରେ ଜଗଦଲପୁର ହମସଫର ଟ୍ରେନରେ କଟି ଆତ୍ମହତ୍ୟା କରିସାରିଥିଲେ। ବାମରା ରେଳବାଇ ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ଼,୨୨।୧୨(ସମିସ):** ତଳସରା ଥାନା ଅନ୍ତର୍ଗତ କୁରୁମକେଲ ଗ୍ରାମର ଜଣେ ଯୁବକ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅର୍ଜୁନ ମିଞ୍ଜ (୨୪)। ଅବିବାହିତ ଅର୍ଜୁନ ଗାଡ଼ି ଚାଳକ ଭାବେ କାମ କରୁଥିଲେ। ତେବେ ଗୁରୁବାର ସେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ମାତ୍ର ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସୁନ୍ଦରଗଡ଼ ସହରରେ ପିଏଲ୍ଏଫ୍ଆଇ ପୋଷ୍ଟର

**ସୁନ୍ଦରଗଡ଼,୨୨।୧୨(ସମିସ):** ସୁନ୍ଦରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟ ପିପୁଲ୍ସ ଅଣ୍ଡର ପାସ (ପିୟୁପି) କାନ୍ଥରେ ପିଏଲଏଫଆଇ ପୋଷ୍ଟରକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଶୁକ୍ରବାର ସକାଳେ

**ଲୋକେ ଆତଙ୍କିତ**



ଏହି ପିୟୁପି କାନ୍ଥରେ ପିଏଲଏଫଆଇ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରେମ କୁମାରଙ୍କ ନାମରେ ଏକ ନୋଟିସ ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ନୋଟିସରେ ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ଗୋ ତସ୍କରୀକୁ ବନ୍ଦ କରା ନ ଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। କିଛିଦିନ ପୂର୍ବରୁ ହେମଗିରି ଥାନା ଅଞ୍ଚଳରେ ଗୋ-ଚାଲାଣ କରୁଥିବା ଏକ ପିକଅପକୁ କେହି ପୋଡ଼ି ଦେଇଥିଲେ। ଏହା କାରନାମା କିଏ କରିଥିଲା ତାହା ଅଦ୍ୟାବଧି ଜଣାପଡ଼ି ନ ଥିବା ବେଳେ ଗୋରୁ ଚାଲାଣ ବିରୋଧରେ ପିଏଲଏଫଆଇ ନାମରେ ଏପରି ପୋଷ୍ଟର ମରାଯିବା ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି।

# ସାଇକଲରୁ ପଡ଼ି ଡାକପିଅନ ମୃତ

**ସୁନ୍ଦରଗଡ଼,୨୨।୧୨(ସମିସ):** ସାଇକଲରୁ ପଡ଼ି ତଳସରା ଥାନା ଅନ୍ତର୍ଗତ କୁବାପଡ଼ାର ଡାକ ପିଅନ କେଶରୀ କିଣ୍ଡୋ (୪୮)ଙ୍କ ମୃତ୍ୟୁ ଘଟିଛି। କେଶରୀ ଡ୍ୟୁଟି ସାରି ସାଇକଲରେ ଘରକୁ ଯାଉଥିବା ବେଳେ ଏକ କଲଭର୍ଟ ନିକଟରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।




# ଗଣିତ ବିଭାଗର ଜାତୀୟ ଆଲୋଚନାଚକ୍ର

**ସୁନ୍ଦରଗଡ଼,୨୨।୧୨(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଗଣିତ ବିଭାଗ ଏବଂ ଗବେଷଣା ଓ ବିକାଶ ପରିଷଦ ଆନୁକୂଲ୍ୟରେ ଦ୍ୱିଦିବସୀୟ ଆଲୋଚନାଚକ୍ର ଉଦଘାଟିତ ହୋଇଛି। 'ରିସେଣ୍ଟ ଆଡଭାନ୍ସଡ ଇନ ମାଥମାଟିକ୍ସ' ଶୀର୍ଷକ ଏହି ଆଲୋଚନାଚକ୍ର ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି ସାମ୍ପ୍ରତିକ ସମାଜରେ ଗଣିତର ଭୂମିକା ଉପରେ କହିଥିଲେ। ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖଡ଼ଗପୁର ଆଇଆଇଟି ପ୍ରଫେସର ଡ. କମଳାକ୍ଷ ମହତାବ ଆଲୋଚନାଚକ୍ରର ସାରମର୍ମ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଡ. ମହେନ୍ଦ୍ର କୁମାର ଜେନା ଯୋଗଦେଇଥିଲେ। ଇସ୍ପାତ କଲେଜ ଅଧ୍ୟାପକ ରୋହିତ କୁଜୁର ଏବଂ ଛାତ୍ରୀ ଶ୍ରୀକାନ୍ତ ସୟେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହକାରୀ ପ୍ରଫେସର କେଦାରନାଥ ବୁଢ଼ା ଅତିଥି ପରିଚୟ ପ୍ରଦାନ ଓ ଡ. ସାକିର ହୁସେନ ଧନ୍ୟବାଦ ଦେଇଥିଲେ। ଗଣିତ ବିଭାଗର ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ ପ୍ରିୟା ପାଠକ ଏହାକୁ ସଂଯୋଜନା କରିଥିଲେ।

# ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜଙ୍କ ଜନ୍ମବାର୍ଷିକୀ ପାଳିତ

**ସୁନ୍ଦରଗଡ଼,୨୨।୧୨(ସମିସ):** ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଛି। ଅଧକ୍ଷା ହରିପ୍ରିୟା ପଟେଲ ରାମାନୁଜଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।

ଏଥିସହ ରାମାନୁଜଙ୍କ ଜୀବନୀ ଏବଂ ସମାଜ ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଗଣିତ ବିଭାଗ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ନାୟକ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶୋକ ପରିଡ଼ାଙ୍କ ଦ୍ୱାରା କୁଇଜ୍ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ଦାସ, ପ୍ରୀତି ପ୍ରସାଦ, ବିଶ୍ୱଶଙ୍କର ନାୟକ, ମାଇକେଲ ଖାଲକୋ, ଗଗନ ହୋତା, ସୁକାନ୍ତି କେରକେଟା, ପ୍ରିୟଙ୍କା ଜେନା, ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଉରକେଲା,୨୨।୧୨(ସମିସ):** ସ୍ଥାନୀୟ ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଟାଉନ ସର୍ଭିସେସ୍ ବିଭାଗ ଜିଏମ ଇନଚାର୍ଜ ପିକେ ଦାସ, ଟାଉନ ସର୍ଭିସେସ୍-ଶିକ୍ଷା ବିଭାଗ ଜିଏମ ଏମ ଅଗ୍ରୱାଲ ଏବଂ ବିଦ୍ୟାଳୟର ପ୍ରିନ୍ସିପାଲ ଡ. ସୁଶ୍ରୀତା ଦାସ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ସୂର୍ଯ୍ୟବଂଶୀ ବିଦ୍ୟାଳୟର କ୍ରମାଗତ ଏକାଡେମିକ୍ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଅଧ୍ୟୟନରେ ସଫଳ ହେବା ସହ ପାଠ୍ୟକ୍ରମ କ୍ଷେତ୍ରରେ ଜୀବନରେ ସଫଳତା ପାଇବାକୁ ସେ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଦାସ ବିଦ୍ୟାଳୟର ଗୌରବମୟ ଇତିହାସକୁ ମନେ ପକାଇ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ଉପରେ ଧ୍ୟାନ ଦେଇ ଆଗକୁ



ବଢ଼ିବାକୁ ପ୍ରେରଣା ଦେଇଥିଲେ। ଅତିଥିମାନେ ଏକାଡେମିକ୍ ପୁରସ୍କାର ଏବଂ ରୋଲିଂ ଟ୍ରଫି ପ୍ରଦାନ କରିବା ସହ ଆଲୁମନି ଏବଂ ପୂର୍ବତନ ଶିକ୍ଷକଙ୍କ ଦ୍ୱାରା ପ୍ରାୟୋଜିତ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦଶମ ଶ୍ରେଣୀ ଛାତ୍ର ମୋହିତ ପଣ୍ଡା ସମାବେଶକୁ ସ୍ୱାଗତ କରିଥିଲେ। ଡ. ସୁଶ୍ରୀତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ବିଭିନ୍ନ ପୁରସ୍କାର ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ବାଳକ ରୋହିତରାଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଷେକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



# ଆଦର୍ଶ ପାଠାଗାରରେ ସାହିତ୍ୟ ଆସର, କବିତା ପାଠୋତ୍ସବ

**ରାଉରକେଲା,୨୨।୧୨(ସମିସ)**

ସହରର ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହୋଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆସରରେ ରାଉରକେଲା କଲେଜ ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଭାତ କୁମାର ବଳ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

ଅଧ୍ୟାପକ ବଳ ତାଙ୍କ ବକ୍ତବ୍ୟରେ କହିଲେ ଯେ ଓଡ଼ିଆ ଆଧୁନିକ ସାହିତ୍ୟକୁ ଯେଉଁ କବିମାନେ ରୁଚିମନ୍ତ ଓ ବୁଦ୍ଧିମନ୍ତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ପଲ୍ଲୀକବି ନନ୍ଦକିଶୋର ବଳ ଥିଲେ ଅନ୍ୟତମ। ପଲ୍ଲୀ ଜୀବନର ମନୋହର ଚିତ୍ରରେ ତାଙ୍କ କାବ୍ୟ, କବିତା ଥିଲା ସୁଶୋଭିତ। କବିଙ୍କ ସମଗ୍ର ସୃଷ୍ଟିରେ ଆମେ ପଲ୍ଲୀ ଜୀବନର ମହନୀୟତା, ତା'ର ମଣିଷ, ନଈ, ପୋଖରୀ, ବୃକ୍ଷଲତାର ସୌନ୍ଦର୍ଯ୍ୟ ହିଁ ଦେଖୁ ବୋଲି ସେ କହିଥିଲେ। ଏହା




ସହ ପଲ୍ଲୀକବିଙ୍କ ବିଭିନ୍ନ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆର୍ତ୍ତତ୍ରାଣ ମହାପାତ୍ର 'କରଜ' ସମ୍ପର୍କରେ ଏକ ଗଳ୍ପ ପାଠ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ଡ. ସନାତନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ କବି ନିରୂପମା ପତି ଓ ରଶ୍ମି ସାହୁଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଉପେନ୍ଦ୍ର ବସ୍ତିଆ, ରବୀନ୍ଦ୍ର ମହାନ୍ତି, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, କରୁଣାକର ପାଟଶାଣୀ, ସୁଶାନ୍ତ ନାୟକ, ତ୍ରିଲୋଚନ ସ୍ୱାଇଁ, ସନାତନ ପ୍ରଧାନ, ପ୍ରଭାତ କୁମାର ବଳ, ସଞ୍ଜୀବ କୁମାର ଭୋଇ, ସାଗର ମହାନ୍ତି, ପ୍ରତାପ କୁମାର ପଣ୍ଡା, ଗୌତମ ଦାସ ଓ ସଂଯୋଜିକା ଦ୍ୱୟ ସ୍ୱରଚିତ କବିତା ପାଠ କରିଥିଲେ। ଉପଦେଷ୍ଟା ଅଭୟ କୁମାର ଦାସ, ଗୋପିନାଥ ପଟ୍ଟନାୟକ, ଡ. ବସନ୍ତ କୁମାର ଦାସ, ପ୍ରଳୟ ଶତପଥୀ, ଟୁକୁଲା ପାଢ଼ୀ, ପ୍ରଦୀପ କୁମାର ପଟ୍ଟନାୟକ, କାଶୀନାଥ ନନ୍ଦୀ, ଜୟଶ୍ରୀ ଦାସ, ଶ୍ରୀମନ୍ତ ବେହେରା, ମନୋଜ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସଭାପତି ଶତପଥୀ ସଭାପତୀୟ ଅଭିଭାଷଣ ଓ ସଂଯୋଜକ ଡ. ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



# ବଡ଼ଦିନ ଉପହାର



ନଗେନ୍ଦ୍ରନାଥ ପଟ୍ଟନାୟକ

ସେଦିନ ଗଟୁ ଆଉ ଚିଙ୍କୁ ବେଶ୍ ଉତ୍ସାହର ସହ ସାଇକଲ ଛୁଟାଇ ସ୍କୁଲରେ ହାଜର। କଥା କ'ଣ କି ସ୍କୁଲରେ କ୍ରିସ୍‌ମାସ୍ ଟ୍ରି ସଜାସଜି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଧାନ ଗୁରୁଜୀ ଘୋଷଣା କଲେ-ପିଲାଏ, ତମମାନଙ୍କ ଭିତରେ ଯିଏ ଖୁବ୍ ସୁନ୍ଦର ଭାବେ କ୍ରିସ୍‌ମାସ୍ ଟ୍ରି ସଜେଇବ, ତାକୁ ଗୋଟେ ସୁନ୍ଦର ଉପହାର ମିଳିବ। କିନ୍ତୁ ଗୋଟିଏ ସର୍ତ୍ତ- ତମେମାନେ ବଦଖର୍ଚ୍ଚ କରିବନି। 'ହିପ୍ ହିପ୍ ହୁରେ' କହି ଗଟୁ, ଚିଙ୍କୁ ଆଉ ଅନ୍ୟ ପିଲାମାନେ ନିଜ ନିଜ ଘରେ ପହଞ୍ଚିଗଲେ। ବାପାମାଆଙ୍କ ଠୁ ପଇସା ନେଇ ବଜାର ଆଡେ ଛୁଟିଗଲେ। ସେତିକିବେଳେ ସେମାନଙ୍କ ଆଖି ଲାଖିଯାଏ ରାସ୍ତାକଡ଼ରେ ବସିଥିବା ପିଲାମାନଙ୍କ ଉପରେ। ସେମାନେ ତ ପେଟକୁ ଗଣ୍ଡିଏ ଖାଇବା ପାଇଁ କ୍ରିସ୍‌ମାସ୍ ଟ୍ରି ସଜାସଜି ଜିନିଷ ବିକୁଛନ୍ତି। ଭାଇ ଆମଠାରୁ ବେଲୁନ୍ ନିଅ, ଦିଦି ଆମଠୁ ଜିଙ୍ଗଲ୍ ବେଲ୍ ନିଅନ୍ତୁ, ତମକୁ ଟ୍ରି ବହୁତ ଭଲ ଲାଗିବ ଆଦି କହି ସେହି ପିଲାମାନେ କୁହାଟ ଛାଡୁଥିଲେ। ଠିକ୍ ଏତିକିବେଳେ ତାଙ୍କ ଭିତରୁ ଜଣେ ପିଲା ମଧ୍ୟ ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଧାଇଁଆସିଲା। କହିଲା –ଦିଦି, ଭାଇ ଫୁଲତୋଡ଼ାଟେ କିଣନ୍ତୁ ନା, ମୁଁ ବି କେକ୍ ଖାଇବି। ଗଟୁ ଓ ଚିଙ୍କି ଦୁହେଁ ପରସ୍ପର ଚାହାଁଚୁହିଁ ହେଉଛନ୍ତି, ଏତିକିବେଳେ କେତେଜଣ ବଡ଼ଦୋକାନୀ ସେମାନଙ୍କ ଆଡ଼କୁ ଝପଟି ଆସିଲେ। ଜିନିଷ ବିକୁଥିବା ପିଲାଙ୍କୁ ସେଠୁ ତଡ଼ିବା ଆରମ୍ଭ କଲେ। ଗଟୁ ଆଉ ଚିଙ୍କୁ ଦୁହେଁ ଏ ସବୁ ଲକ୍ଷ୍ୟ କରି ଖୁବ୍ ନିରାଶ ହେଲେ। ଆଉ ବଡ ହଇରାଣରେ ପଡ଼ିଲେ। ଆମେ କ'ଣ ଏମାନଙ୍କ ପାଇଁ କିଛି କରିପାରିବା ନାହିଁ, ଚିଙ୍କୁ ପ୍ରଶ୍ନିଳ ଆଖିରେ କହିଲା। ଆମକୁ ଏମାନଙ୍କ ପାଇଁ ଅବଶ୍ୟ କିଛି ଗୋଟେ କରିବାକୁ ହେବ- ଟାଣ ସ୍ୱରରେ କହିଲା ଗଟୁ। କିଛି କ୍ଷଣ ପରେ ଦୁହିଁଙ୍କ ମୁଣ୍ଡକୁ ବୁଦ୍ଧିଟିଏ ଜୁଟିଲା। ଦୁହେଁଯାକ ଘରୁ ଆଣିଥିବା ଟଙ୍କାରେ ସଜାସଜି ଜିନିଷ କିଣିଲେ ନାହିଁ। ବରଂ ସେତକ ପଇସାରେ ସାନ୍ତାକ୍ଲଜ୍ ପୋଷାକ, ଚକୋଲେଟ୍, ସୌଖୀନ ଉପହାର ଓ ବେଲୁନ ଦୋକାନରୁ କିଣିନେଇ ସେଇ ପିଲାମାନଙ୍କୁ ବାଣ୍ଟିଦେଲେ। ତହିଁ ପରଦିନ ସ୍କୁଲରେ ସବୁପିଲା କ୍ରିସ୍‌ମାସ୍ ଟ୍ରି ସଜେଇ ଆଣିଥାନ୍ତି। କେବଳ ଏ ଦୁଇଜଣଙ୍କୁ ଛାଡ଼ି। ଶେଷରେ ପ୍ରଧାନ ଗୁରୁଜୀ ବିଜେତା ଘୋଷଣା କଲେ। ଆଜି ତ ସବୁଯାକ ଟ୍ରି ଖୁବ୍ ସୁନ୍ଦର ଦେଖାଯାଉଚି। କିନ୍ତୁ ବିଜେତା ହେଉଛନ୍ତି ଗଟୁ ଆଉ ଚିଙ୍କୁ। କାହିଁକି ନା, ସେ ଦୁହେଁ ଚମତ୍କାର କାମ କରି ଦେଖାଇଛନ୍ତି। ବସ୍ତିର ପିଲାମାନଙ୍କ ଭିତରେ ଖୁସି ବାଣ୍ଟିଛନ୍ତି। ବିସ୍ମୟରେ ଦୁହିଁଙ୍କ ଆଖି ଖୋସି ହୋଇଯାଇଥାଏ, କାରଣ ପ୍ରଧାନ ଗୁରୁଜୀ ସେମାନଙ୍କର ଏସବୁ କାମକୁ ବଜାରରେ ନିରୀକ୍ଷଣ କରିଥିଲେ। ଗଟୁ ଓ ଚିଙ୍କୁ ଆଉ ସ୍କୁଲ ସାଙ୍ଗସାଥୀମାନେ ମିଳିମିଶି କେକ୍, ଚକ୍‌ଲେଟ୍ ଖାଇ ବଡ଼ଦିନ ପାଳନ କଲେ। ■

ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍
ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮

## କୁନି ତାରକା




# କହରେ କହ ସାନ୍ତାକ୍ଲଜ୍



ନୀଳମଣି ଚାନ୍ଦ

ନାଲିଆ ଟୋପି, ପୋଷାକ ନାଇ
ଆସିଛି ଯିଏ ବୁଲି
ନାଆଁଟି ତା'ର ସାନ୍ତାକ୍ଲଜ୍
ଯିବନି ମନୁ ଭୁଲି।
ସବୁ ବରଷ ବଡ଼ଦିନରେ
ତା' ସାଥେ ହୁଏ ଭେଟ
ମୁହଁରେ ପୁଳେ ପାଚିଲା ବୁଟି
ଆଉ ଯେ ବଡ଼ ପେଟ।
କହେରେ ସିଏ ଗୀର୍ଜାକୁ ଯାଅ
କେକ୍ ଦିଅ କାଟି
ଲୁଚେଇ ଏକା ଖାଇବ ନାହିଁ
ଦେବ ସଭିଙ୍କୁ ବାଣ୍ଟି।
ସଜାଅ କିସ୍‌ମାସ୍ ଟ୍ରି
ଷ୍ଟାର୍ ଝୁଲେଇ ଦିଅ
ଜିଙ୍ଗଲ୍ ବେଲ୍ ଗୀତ ବଢ଼ିଆ
ତା'କୁରେ ଗାଇ ନିଅ।
ପ୍ରଭୁ ଯୀଶୁଙ୍କ ଜନମ ତିଥି
ମନାଏ ଆଜି ଧରା
ବଡ଼ଦିନର ମଜାମଉଜ
ମିଳେନି କାହିଁ ପରା।
କହରେ କହ ସାନ୍ତାକ୍ଲଜ୍
ବଡ଼ ଦିନର କଥା
ମୁଁ ଶୁଣିବି 'ହୁଁ' ମାରିବି
ଝୁଲାଉ ଥିବି ମଥା। ■

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ: ୯୫୮୩୨୦୨୩୫୭

● ଦିନ ହୁଅଇ ବଡ଼ ସେଦିନରୁ
ରାତି ହୁଅଇ ଛୋଟ
ସାନ୍ତାକ୍ଲଜ୍ ସାଥିରେ ଯେଦିନ
ହୁଅଇ ଆମରି ଭେଟ।
ବର୍ଷର ଶେଷ ମାସରେ ପରା
ଆସଇ ଏହି ଦିନ
ଜାଣିଛି କିଏ ପାରିବ କହି
ଆନନ୍ଦ କରି ମନ।

ଉ-ବଡ଼ଦିନ

● ନାଲିଆ ପୋଷାକ ଥାଏ ଦେହରେ
ଧଳା ଧଳା ଦାଢ଼ି ତାଙ୍କ ମୁହଁରେ
ଧରି ବୁଲୁଥାନ୍ତି ସେ ଉପହାର
ପିଲାଙ୍କୁ ଦିଅନ୍ତି ମିଠା ଆହାର
ବର୍ଷରେ ଦିନଟେ ବୁଲନ୍ତି ସିଏ
ନାମଟି ତାଙ୍କର କହିବ କିଏ।

ଉ-ସାନ୍ତାକ୍ଲଜ୍



● ଚିର ସବୁଜ ଗଛଟି ସିଏ
ବଡ଼ଦିନରେ ସଜେଇ ହୁଏ
ଖ୍ରୀଷ୍ଟମାସର ପର୍ବରେ
ସଜାନ୍ତି ତାଙ୍କୁ ଗର୍ବରେ।

ଉ-କ୍ରିସ୍‌ମାସ୍ ଟ୍ରି।

● ଦୃଷ୍ଟିହୀନଙ୍କୁ ଦୃଷ୍ଟିଶକ୍ତି ଦେଲେ
ଛୋଟାକୁ ଚାଲିବା ବଳ
ରୋଗୀଙ୍କର ରୋଗ ଦୂରକରି
ଅମର ସେ ଚିରକାଳ
ଶୂଳି ଦିଆଗଲା ତାଙ୍କୁ ତ ଜୀବନେ
ଏକଥା ଜାଣିଛି ବିଶ୍ୱ
କିଏ ସେ କହିବ ନାମଟି ତାଙ୍କର
ଜାଣିଅଛି ତାଙ୍କ ଯଶ।

ଉ-ଯୀଶୁଖ୍ରୀଷ୍ଟ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୮୯୨୩୦୧୧୪୩

## ସକାଳ ଶିଶୁ କୁଇଜ୍-୧୦୩

(୧) ଓଡ଼ିଶାର ଗଦାକ୍ଷେତ୍ର କାହାକୁ କୁହାଯାଏ?
ଉତ୍ତର: ____________

(୨) ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ଦେଶର ନାମ କ'ଣ?
ଉତ୍ତର: ____________

(୩) କେଉଁ ଯନ୍ତ୍ର ସାହାଯ୍ୟରେ ପବନର ବେଗ ମପାଯାଏ?
ଉତ୍ତର: ____________

(୪) ଓଡ଼ିଶାର କେଉଁ ଜିଲ୍ଲା ହଳଦୀ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି?
ଉତ୍ତର: ____________

(୫) କେଉଁ ନୃତ୍ୟ ପାଇଁ ମୟୂରଭଞ୍ଜ ପ୍ରସିଦ୍ଧ?
ଉତ୍ତର: ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା, ବାଲିଆ, ବାଲେଶ୍ୱର
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଅଙ୍କିତା ମିଶ୍ର, ମଙ୍ଗଳପୁର, ଯାଜପୁର

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯



# ପ୍ରକୃତି ଶିଖାଏ



ସୁପ୍ରିୟା ପଣ୍ଡା

କେତେ ସୁନ୍ଦର ଏ ପ୍ରକୃତି ଆମର
ନିତି ଦେଉଥାଏ ଶିକ୍ଷା
ନିଜ ସ୍ୱରୂପର ନିତ୍ୟ ପ୍ରଭାବରେ
ଜଣାଉଥାଏ ତା' ବ୍ୟାଖ୍ୟା।
ଆକାଶ ଶିଖାଏ ବିଶାଳତା ପଣ
ହୃଦୟ ବିଶାଳ କର
ଗ୍ରହଣ ଦାନର ପରିପୂରକତା
ସୃଷ୍ଟି କରି ଜଳଚକ୍ର ।
ସୂରୁଜ ଶିଖାଏ ସମୟର ଜ୍ଞାନ
ଉଦୟ ଓ ଅସ୍ତ ବେଳେ
ଋତୁଚକ୍ର ପରି ଜୀବନର ଗତି
ବିପଦ ଆପଦ କାଳେ।
ପବନ ଶିଖାଏ ନିଷ୍କପଟ ଭାବେ
ଭାବ ସଭିଙ୍କୁ ସମାନ
ବହିଯିବା ପରି କରିଯିବା କାମ
ନିରପେକ୍ଷ ରଖି ମନ ।
ନଦୀ ଶିକ୍ଷା ଦିଏ ଆଗେ ବଢ଼ିଯାଅ
ନମାନ ବନ୍ଧୁର ପଥ
ଯେତେ ବାଧା ବିଘ୍ନ ଆସୁ ଜୀବନରେ
ମନକୁ ରଖିବା ଶକ୍ତ।
ପାହାଡ଼ରୁ ଶିଖୁ ଧୈର୍ଯ୍ୟର କ୍ଷମତା
ଭେଦି ବାତ୍ୟା ବିପଦର
ତିଳେ ଦେବା ନାହିଁ ପଛଘୁଞ୍ଚା ଆମେ
ନିଶ୍ଚଳ ହିଁ ଶ୍ରେୟସ୍କର ।
ବୃକ୍ଷଲତା ମାଳ ଆନନ୍ଦେ ଶିଖାନ୍ତି
ନମ୍ର ଭାବନାର ମନ୍ତ୍ର
ଯେତେ ଫୁଲ ଫଳ ଭରିଥାଉ ଡାଳେ
ନତ ରୂପ ପ୍ରଶାଖାର।
ଧରଣୀ ଶିଖାଏ ସର୍ବଂସହା ଗୁଣ
ବକ୍ଷରେ ଜାବୁଡ଼ି ଧରି
ବାଦ ବିବାଦର ବିଚାରକୁ ତେଜି
ବନ୍ଧୁତା ପଣ ଆଦରି ।
ପ୍ରକୃତି ଆମର ଚିର ସହଚର
ପ୍ରତିରୂପ ପଥ ବାଛି
ପ୍ରତି ଉପାଦାନୁ ଜୀବନର ତଥ୍ୟ
ନିଜେ ଶିଖିବାର ଅଛି।
ଏତେ ଶିକ୍ଷା ଆମ ଚାରିପାଖେ ଥାଇ
ବୃଥାରେ ଦେଖାଉ ଆଳ
ସହଜ ସୁନ୍ଦର ଯେତେ ସବୁ ମାର୍ଗ
ଆୟତ୍ତ କରିବା ବେଳ। ■

ରସୁଲଗଡ଼, ଭୁବନେଶ୍ୱର
ମୋ: ୮୮୯୫୫୬୦୫୫୦



ଶିଶୁ ପ୍ରତିଭା

# କୁନି ପ୍ରବଚକ କ୍ରିଷ୍ଣା ପଣ୍ଡା

**ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବ ଓ ଭକ୍ତିର ଠାକୁର। ଭକ୍ତର ଭାବ ଗ୍ରହଣ କରି ସେ ଭାବବିନୋଦିଆ। ଯୁଗେ ଯୁଗେ ସେ ଭକ୍ତ ଭାବରେ ବନ୍ଧାହୋଇ ରହିଛନ୍ତି। ତେଣୁ ତାଙ୍କ ଅନ୍ୟନାମ ଭାବଗ୍ରାହୀ। ନୟାଗଡ଼ ଖଣ୍ଡପଡ଼ା ସହରାଞ୍ଚଳ ୧୩ନଂ ୱାର୍ଡ ଅଧୀନ ଗଡ଼ଭିତରସାହିର କୁଳମଣି ପଣ୍ଡାଙ୍କ ୧୧ ବର୍ଷୀୟ ପୁଅ କ୍ରିଷ୍ଣା ପଣ୍ଡା ଜଣେ ଜଗନ୍ନାଥ ଉପାସକ ତଥା କୁନି ପ୍ରବଚକ ଭାବେ ବେଶ୍ ଜଣାଶୁଣା। ଅତି କମ୍ ବୟସରୁ ସେ କରୁଛନ୍ତି ଆଧ୍ୟାତ୍ମିକ ଚର୍ଚ୍ଚା। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବାର ମଙ୍ଗ ଧରିଛନ୍ତି ଏହି କୁନି ପ୍ରବଚକ ଜଣକ।**

ପିଲାବେଳୁ ତାଙ୍କର ଆଧ୍ୟାତ୍ମିକ ମାର୍ଗ ପ୍ରତି ରୁଚି ଦେଖି ପରିବାର ଲୋକେ ତାଙ୍କ ନାମ କ୍ରିଷ୍ଣା ରଖିଥିଲେ । ପିଲାଦିନରୁ ସେ ଜଗନ୍ନାଥଙ୍କ ପ୍ରେମରେ ବନ୍ଧା। ୫ ବର୍ଷ ବୟସରୁ ଲୀଳାମୟ ଠାକୁରଙ୍କ ପ୍ରତି ଭଲପାଇବା ତାଙ୍କୁ ଆଜି କୁନି ପ୍ରବଚକ ଭାବେ ପରିଚୟ ଦେଇଛି । ବାପା କୁଳମଣି ପଣ୍ଡା ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରରେ ମେକାପ ଭାବେ କାର୍ଯ୍ୟ କରୁଛନ୍ତି । ଖଣ୍ଡପଡ଼ାରେ ଶ୍ରୀଜଗନ୍ନାଥଙ୍କ ସେବା କରି ସେ ପରିବାର ପ୍ରତିପୋଷଣ କରିଥାନ୍ତି। ପିଲାଟିବେଳୁ କ୍ରିଷ୍ଣାଙ୍କ ପ୍ରବଚନ ଦେବାର ଏହି ଇଚ୍ଛାକୁ ତାଙ୍କ ବାପା ମା' ସମର୍ଥନ କରିଥିଲେ। ଏବେ ସେ ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପାଠ ପଢ଼ୁଛନ୍ତି । ପୂଜା ପାଠରେ ରୁଚି ରଖିଥିବା କ୍ରିଷ୍ଣା ବିଭିନ୍ନ ମନ୍ଦିରରେ ମହାପ୍ରଭୁଙ୍କର ଶ୍ଳୋକ ସମେତ ଶ୍ରୀମଦ୍ ଭଗବଦ୍ ଗୀତା, ଗାୟତ୍ରୀ ମନ୍ତ୍ର ଆଦି ମୁଖସ୍ତ କରି ଗାୟନ କରୁଛନ୍ତି । ରଥଯାତ୍ରା, କାର୍ତ୍ତିକ ମାସର ପଞ୍ଚକ ତିଥିରେ ମଧ୍ୟ ତାଙ୍କର ସୁଲଳିତ କଣ୍ଠରେ ଶ୍ଳୋକ ଓ ପ୍ରବଚନ ଜନ ମାନସରେ ବେଶ ଆଦୃତ ହୋଇଥିଲା। ଖାଲି ସେତିକି ନୁହେଁ, ପ୍ରାର୍ଥନା ଚ୍ୟାନେଲରେ କୁନି ତାରକା କାର୍ଯ୍ୟକ୍ରମରେ ଶ୍ଳୋକ, ସଙ୍ଗୀତ ଓ ପ୍ରବଚନ ଦେଇ ସେ ସମସ୍ତଙ୍କୁ ବିମୋହିତ କରିଥିଲେ। ଆଖପାଖ ଅଞ୍ଚଳରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ପ୍ରବଚନ ଦେଇ ଏହି କୁନି ପ୍ରବଚକ ଜଣକ ବେଶ୍ ପ୍ରଶଂସିତ ହୋଇଛନ୍ତି। ■



- ଜନ୍ମେଜୟ ଦଳେଇ, ଖଣ୍ଡପଡ଼ା

# ଶୀତର ସୁଷମା ଅତି ଅନୁପମା



ପ୍ରଶାନ୍ତ କୁମାର ଦାଶ

ବରଷକ ପରେ ଗାଆଁ ଓ ସହରେ
ପଡ଼ିଲାଣି ଏବେ ଶୀତ
ଥରୁ ପଛେ ଦେହ ଶୁଖୁ ପଛେ ମୁହଁ
ଶୀତ ସଭିଙ୍କର ମିତ ||
କାଲୁଆ ପବନ ଉତ୍ତର ଦିଗରୁ
ବହିଲେ ଲାଗୁଛି ଶୀତ
ଉଷୁମ ପୋଷାକ ପିନ୍ଧି କୁନାକୁନି
ଗାଇଲେଣି ବସି ଗୀତ ||
ସଞ୍ଜ ନଇଁଗଲେ ଶୀତେ ଥରି ଥରି
ବସାକୁ ବାହୁଡ଼େ ପକ୍ଷୀ
ଉହ୍ମେଇଁକୁ ଧରି ନିଆଁ ତ ପୁଆଁଏ
ପଧାନ ଘରର ସଖୀ ||
ସକାଳ ସୂରୁଜ ଉଇଁ ବାଣ୍ଟିଦିଏ
କଅଁଳ ଉଷୁମଖରା
କ୍ଷେତ ସମତୁଲ ହସୁଚି ଫସଲ
କେତେ ଫୁଲ ଫଳ ଭରା ||
ରାତି ବଢ଼ିଗଲେ ନିରବ ହୁଅଇ
ଗାଆଁଟି ଶୀତକୁ ଡରି
ବିଲୁଆ ଛାଡ଼ଇ ହୁକେ ହୋ ରଡ଼ି
କାଲୁଆ ଶୀତରେ ଥରି ||
ମନଖୋଲି ଚାଷୀ ଗୀତଗାଇ ଖୁସି
ଦେଖି ସୁନାରଙ୍ଗୀ ଧାନ
ସେ ଧାନକୁ ସିଏ ଆହାର ପାଇଁକି
କରିବ ସଭିଙ୍କୁ ଦାନ ||
ଶୀତର ସୁଷମା ଅତି ଅନୁପମା
ଆଖିରେ ଝଲସି ଉଠେ
ଶିଶିରରେ ଭିଜି ଗଛର ଡାଳରେ
ଜାତି ଜାତି ଫୁଲ ଫୁଟେ || ■

କୁଞ୍ଜର ସଙ୍ଗଳାଇ
ପିପିଲି, ପୁରୀ
ମୋ- ୯୬୭୮୮୨୨୧୯୦





ସାନ୍‌ଭି ଶନାୟା ସା
ଦ୍ୱିତୀୟ ଶ୍ରେଣୀ
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର






ଅମରେଶ ସିଂ
ତୃତୀୟ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
କଟକ





କାବ୍ୟାଂଶ ବିଲହୋର
ଚତୁର୍ଥ ଶ୍ରେଣୀ
ରୁଚିକା ହାଇସ୍କୁଲ
ଭୁବନେଶ୍ୱର





ନୀହାରିକା ପାତ୍ର
ଚତୁର୍ଥ ଶ୍ରେଣୀ
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ

# CBSE BOARD EXAMINATION 2023-24
# PROBABLE QUESTION PAPER - 1

## SUB: SOCIAL SCIENCE

1. Why was Satyagraha organized in Champaran in 1917?
(a) To oppose the British law
(b) To oppose the plantation system
(c) To oppose high land revenue
(d) To protest against the oppression of the mill workers
2. What were penny chapbooks?
(a) Ritual calendars (b) Journals
(c) Pocket-sized books (d) Newspaper
3. If a government provides it's citizens a right and means to examine the process of decision, it is
(a) an accountable government (b) responsible government
(c) transparent government (d) stable government
4. Which one of the following statements is NOT true?
(a) the constitution prohibits discrimination on the ground of religion
(b) The constitution allows us to practise profess and propagate any religion or to follow any
(c) the constitution of India allows the state to intervenes in the matters of religion in order to ensure equality within the religious community
(d) As for the constitution religion can never be separated from politics
5. There are two statements. Marked as Assertion (R)and Reasoning(R) mark your answer as for the course given below.
Assertion: constitutional provisions are necessary for the success of federalism.
Reasoning: The spirit of federalism, respect for diversity and desire for living together become a sacred ideal in our country.
(a) Both A and R are true and R is the correct explanation of A
(b) Both A and R a true but R is not correct explanation of A (c) A is true but R is false (d) A is false, but R is true
6. Investment made by MNC 's is termed as :
(a) Indigenous investments
(b) Foreign investments
(c) Entrepreneur investments
(d) Single investment
7. Assertion -(A) Different persons have different developmental goals.
(R) Our society consists of both rich and poor people .Thus, development forrich persons may not be the development for the poor's.
Options
(a) Both A and R are true and R is the correct explanation of A.
(b) Both A and R are true but R is not the correct explanation of A.
(c) A is true but R is false
(d) A is false R is true
8. Formal sources of credit does not include ___.
(a) Banks (b) Cooperatives
(c) Employers (d) Both A and B
9. How can globalization increase the standard of living of the people in a country?
(a) By offering more products to buy
(b) By increasing rural to urban migration
(c) By improving working conditions for factory workers
(d) By making cheaper products available due to increased competition
10. Which one of the following pairs is correctly matched
(a) Primary sector - money lender
(b) Secondary sector – priest
(c) Tertiary sector – Bank
(d) Manufacturing sector - Gardener
11. Identify the soil with the help of clues given below.
. It is found in the deccan trap and is made of lava flows.
. It develops hot cracks during summer which develops in aeration of the soil.
(a) Forest soil (b) Black soil
(c) Laterite soil (d) Yellow soil
12. Assertion (A) Rabi crops are sown at the start of the winter and harvested in spring
Reason (R) Rabi crops are grown in Punjab , Haryana, Himachal Pradesh
(a) Both A and R are true, R is the correct explanation of A
(b) Both A and R are correct, R is not the correct explanation of A
(c) A is true, R is false
(d) A is false , R is true
13. Which of the following conservation strategies donot directly involve community participations ?
(a) Joint forest management
(b) Beej Bachao Andolan
(c) Chipko movement
(d) Demarcation of wild life sanctuaries
14. Identify the mineral based industry
(a) sugar (b) Tea
(c) cotton (d) petrochemicals
15. Koderma, in Jharkhand is the leading producer of which of the following minerals ?
(a) Bauxite (b) Mica
(c) Iron ore (d) Copper
16. The diversion channels seen in the western Himalayas are called _
(a) Guls or kuls (b) Khadins
(c) johads (d) pits
17. Why were the European attracted to Africa?
(a) for its vast land and resources and mineral wealth
(b) By its natural beauty
(c) for recruitment of labour
(d) By the opportunities for investment
18. In the question given below, there are two statements marked as Assertion (A) Reason (R) Read the statements and choose the correct code
Assertion (A): After the revolt of 1857, the attitude to the freedom of press changed.
Reason (R) : The colonial government continuous track of all books and newspaper published in India and passed numerous laws to control the press.
Options
(a) Both A and R are true and R is the correct explanation of A.
(b) Both A and R are true but R is not the correct explanation of A
(c) A is true but R is false.
(d) A is false but R is true.
19. Who is the author of book "Hind swaraj'?
(a) J L Nehru (b) Mahatma Gandhiji
(c) Motilal Nehru (d) Sarojini Naidu
20. Which of the following socio-economic transformations can be attributed to the development of print in 11th-century Europe?
P- Europe-wide bookshops started exporting books
Q-increased work opportunities for scribes
R- funding of scientific research studies
S- emergence of web media
(a) P and Q (b) Q and R
(c) R and S (d) S and P

**SECTION – B (2Marks)**

21. Write down three types of political party system.
22. Which is called a civil war? Explain with example.
23. What was the main aim of Treaty of Vienna1815?
24. Assess the reasons for the concentration of the woollen textile industries in the sub-tropical region in India vs their absence in the southern part of India.

**SECTION – C (3 Marks)**

25. Agriculture gives boost to the industrial sector. Justify the statement.
26. Manufacturing industries are considered as the backbone of economy of any country. Give suitable reason.
27. Write down three types of political party system.
28. Chhotanagpur Plateau has the maximum concentration of steel industries.Give reason.to justify the statement.
29. Highlight the inherent problem in double coincidence of wants.
30. Which is called a civil war? Explain with example.
31. What was the main aim of Treaty of Vienna1815?

**SECTION – D (5 Marks)**

32. India is fortunate to have fairly rich and varied mineral resources. Elaborate the statement.
33. Differentiate between kharif and Rabi season crops.

**SECTION – E (4 Makrs)**

34. **Read the given extract & answer the questions following:**
Conservative regimes set up in 1815 were autocratic. They did not tolerate criticism and dissent, and sought to curb activities that questioned the legitimacy of autocratic governments. Most of them imposed censorship laws to control what was said in newspapers, books, plays and songs and reflected the ideas of liberty and freedom associated with the French Revolution. The memory of the French Revolution nonetheless continued to inspire liberals. One of the major issues taken up by the liberal nationalists, who criticized the new conservative order, was freedom of the press.
i. Which was one of the major issues taken up by the liberal - nationalists? 1
ii. What the conservatives did not tolerate? 1
iii. What was imposed by most of the conservatives? 2
35. **Read the given extract & answer the questions following:**
Banks keep only a small proportion of their deposits as cash with themselves. For example, banks in India these days hold about 15 per cent of their deposits as cash. This is kept as provision to pay the depositors who might come to withdraw money from the bank on any given day. Since, on any particular day, only some of its many depositors come to withdraw cash, the bank is able to manage with this cash. Banks use the major portion of the deposits to extend loans. There is a huge demand for loans for various economic activities. Banks make use of the deposits to meet the loan requirements of the people. In this way, banks mediate between those who have surplus funds the depositor and those who are in need of these funds the borrowers. Banks charge a higher interest rate on loans than what they offer on deposits. The difference between what is charged from borrowers and what is paid to the depositors is their main source of income.
i. Why do banks hold some percentage of deposit as cash with themselves?
ii. How does the bank use the deposits?
iii. What does bank do with the major portion of the deposits?
iv. What is the main income source of bank?

*****

*All the Best...*

**ANSWER KEY**

| | | | | | | | | |
|---|---|---|---|---|---|---|---|---|
| 1.B | 2.C | 3.A | 4.D | 5.B | 6 .B | 7.A | 8.C | 9 .D |
| 10. C | 11.B | 12.A | 13.D | 14. D | 15. B | 16. A | 17. B | 18.A |
| 19.B | 20.A | | | | | | | |



Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

# ପଦ୍ମଶ୍ରୀ ଫେଂରାଇଲେ କୁସ୍ତିଯୋଦ୍ଧା ବଜରଙ୍ଗ

**■ ପ୍ରଧାନମନ୍ତ୍ରୀଙ୍କ ଘର ସାମ୍ନାରେ ଫୁଟପାଥ୍‌ରେ ରଖିଲେ ପୁରସ୍କାର**
**■ 'ଏହି ସମ୍ମାନର ବୋଝ ତଳେ ବଞ୍ଚିବା କଷ୍ଟ'**

ନୂଆଦିଲ୍ଲୀ,୨୨ ।୧୨(ଏଜେନ୍ସି)

ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଅଭିଜ୍ଞ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ତାଙ୍କ 'ପଦ୍ମଶ୍ରୀ' ପୁରସ୍କାର ଫେରାଇ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୯ ବର୍ଷୀୟ ବଜରଙ୍ଗ ପଦ୍ମଶ୍ରୀ ସମ୍ମାନ ଫେରାଇବା ନେଇ ଘୋଷଣା କରିଛନ୍ତି । ଚିଠି ହୋଇଥିଲେ ମଧ୍ୟ ଏହା ମୋର ମନ୍ତବ୍ୟ ବୋଲି ବୁଝିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅଢ଼େଇ ପୃଷ୍ଠାର ଏହି ଚିଠିରେ ସେ ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ)ରେ ବ୍ରିଜଭୂଷଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ନେଇ ଅସନ୍ତୋଷ ଜାହିର କରିବା ସହ ଏହାକୁ ବିରୋଧ କରିଛନ୍ତି । ପଦ୍ମଶ୍ରୀ ପୁରସ୍କାର ଫେରାଇବାକୁ ସେ ପ୍ରଧାନମନ୍ତ୍ରୀଙ୍କ ଘରକୁ ଯାଇଥିଲେ ମଧ୍ୟ ତାଙ୍କୁ ଅନୁମତି ମିଳି ନଥିଲା । ଫଳରେ ସେ ଏହି ପୁରସ୍କାରକୁ ପ୍ରଧାନମନ୍ତ୍ରୀଙ୍କ ଘର ବାହାରେ ଥିବା ଫୁଟପାଥ ଉପରେ ରଖିଥିଲେ ।

ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଅପମାନିତ କରାଯିବା ପରେ ଏହି ସମ୍ମାନର ମୂଲ୍ୟ କିଛି ନାହିଁ । ଏବେ ପଦ୍ମଶ୍ରୀ ସମ୍ମାନର ବୋଝ ତଳେ ବଞ୍ଚିବା କଷ୍ଟକର ବୋଲି ସେ କହିଛନ୍ତି ।


ପ୍ରଧାନମନ୍ତ୍ରୀଙ୍କ ଘର ସାମ୍ନା ରାସ୍ତାରେ ପଦ୍ମଶ୍ରୀ ପୁରସ୍କାର ରଖୁଛନ୍ତି ବଜରଙ୍ଗ ପୁନିଆ

୨୦୧୯ ମାର୍ଚ୍ଚ ୧୨ରେ ସେତେବେଳର ରାଷ୍ଟ୍ରପତି ରାମନାଥ କୋବିନ୍ଦ ବଜରଙ୍ଗଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ । ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବଜରଙ୍ଗ କାଂସ୍ୟ ପଦକ ହାସଲ କରିଥିଲେ । ସେ ବିଶ୍ୱ ଚାମ୍ପିଅନସିପ୍‌ରେ ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ, ଏସିଆନ୍ ଗେମ୍ସରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଏସିଆନ ଚାମ୍ପିଅନସିପ୍‌ରେ ୨ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ଦୁଇଟି କାଂସ୍ୟ ପଦକ ହାସଲ କରିଥିଲେ । ଏ ପ୍ରଦର୍ଶନ ମାଧ୍ୟମରେ ସେ ନିଜକୁ ଜଣେ ବିଶ୍ୱସ୍ତରୀୟ କୁସ୍ତିଯୋଦ୍ଧା ଭାବେ ପ୍ରମାଣିତ କରିଛନ୍ତି ।

**'ଅନ୍ୟାୟ ଉପରେ ଦିନେ ନ୍ୟାୟର ବିଜୟ ହେବ'**

ଚିଠିରେ ବଜରଙ୍ଗ ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୁଷଣ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଯୌନ ନିର୍ଯାତନ ଅଭିଯୋଗ ଆଣିଥିବା କଥା ଉଲ୍ଲେଖ କରିଛନ୍ତି । ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଧାରଣାରତ କୁସ୍ତିଯୋଦ୍ଧାମାନେ ଘରକୁ ଫେରିଥିଲେ । ୩ ମାସ ବିତିଯିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଫଳରେ କୁସ୍ତିଯୋଦ୍ଧାମାନେ ପୁଣି ଆନ୍ଦୋଳନ କରିଥିଲେ । ପୁଲିସ୍ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରି ନଥିଲା । ଫଳରେ କୋର୍ଟକୁ ଯାଇ ଆମକୁ ମାମଲା ରୁଜୁ କରିବାକୁ ପଡିଥିଲା । ବ୍ରିଜଭୁଷଣଙ୍କ ଚାପରେ ୧୯ରୁ ୧୨ ଜଣ ମହିଳା କୁସ୍ତିଯୋଦ୍ଧା ଆନ୍ଦୋଳନରୁ ଓହରିଯାଇଥିଲେ । ଫଳରେ ୪୦ ଦିନ ଧରି ଚାଲିଥିବା ଆନ୍ଦୋଳନ ଫିକା ପଡିଯାଇଥିଲା । ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ନ୍ୟାୟକୁ ସମର୍ଥନ କରିବେ ବୋଲି କହିଥିଲେ । କଥାମାନି ଆମେ ସଡକରେ ଆନ୍ଦୋଳନ ଶେଷ କରିଥିଲୁ । କିନ୍ତୁ ଡବ୍ଲ୍ୟୁଏଫ୍‌ଆଇ ପୁଣିଥରେ ବ୍ରିଜଭୂଷଣଙ୍କ କବ୍‌ଜାକୁ ଆସିଗଲା । ଭଗବାନଙ୍କ ଉପରେ ଆମର ଭରସା ରହିଛି ଓ ଦିନେ ଅନ୍ୟାୟ ଉପରେ ନ୍ୟାୟର ବିଜୟ ହେବ ବୋଲି ବୋଲି ବଜରଙ୍ଗ ଚିଠିରେ ଉଲ୍ଲେଖ କରିଛନ୍ତି । ଗୁରୁବାର ରିଓ ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲିକ ମଧ୍ୟ ଅସନ୍ତୋଷ ଜାହିର କରି କାନ୍ଦି କାନ୍ଦି କୁସ୍ତିରୁ ସନ୍ୟାସ ନେବାକୁ ଘୋଷଣା କରିଥିଲେ ।

## 'ସାକ୍ଷୀ ସନ୍ନ୍ୟାସ ନେବା ଦୁର୍ଭାଗ୍ୟଜନକ'

ଚଣ୍ଡିଗଡ଼,୨୨ ।୧୨(ଏଜେନ୍ସି): ୨୦୦୮ ବେଜିଂ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଭାରତୀୟ ପୁରୁଷ ମୁଷ୍ଟିଯୋଦ୍ଧା ବିଜେନ୍ଦର ସିଂ ରାଜନୀତି ଛାଡିନାହିଁ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି । ଫଳରେ ସେ ରାଜନୀତି ଛାଡିବା ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି । ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ)ରେ ଚାଲିଥିବା ବିବାଦ ନେଇ ସେ ନିଜର ମତ ରଖିଛନ୍ତି । ମହିଳା କୁସ୍ତିଯୋଦ୍ଧା ସାକ୍ଷୀ ମଲିକ ସନ୍ୟାସ ନେବା ଘଟଣା ଦୁର୍ଭାଗ୍ୟଜନକ । ମହିଳା କୁସ୍ତିଯୋଦ୍ଧା ଓ କ୍ରୀଡ଼ାବିତଙ୍କ ସୁରକ୍ଷା, ଖେଳାଳିଙ୍କ ଆୟ ନେଇ ସବୁ ମଞ୍ଚରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛି । ଏଥିପାଇଁ ସବୁ ଷ୍ଟାଡିୟମ ଓ କୁସ୍ତି ଆଖଡାକୁ ଯିବି ବୋଲି ସେ କହିଛନ୍ତି । ମହିଳା ଖେଳାଳିଙ୍କ ସହ ସାଥି ହୋଇ ସେମାନଙ୍କ ସଂଘର୍ଷରେ ସାମିଲ ହେବି ବୋଲି ସେ କହିଛନ୍ତି ।

## ଟି-୨୦ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ୍

**● ଇଂଲଣ୍ଡ ୪ ୱିକେଟରେ ପରାସ୍ତ**

ତାରୋଉବା,୨୨ ।୧୨(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ୍ ୪ଟି ବଲ ବାକିଥାଇ ୪ ୱିକେଟରେ ବିଜୟୀ ହୋଇଛି । ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୱେଷ୍ଟଇଣ୍ଡିଜ୍ ୩-୨ ବ୍ୟବଧାନରେ ବିଜୟୀ ହୋଇଛି । ମୋଟ୍ ୩୩୧ ରନ ସଂଗ୍ରହ କରିଥିବା ଇଂଲଣ୍ଡ ଓପନର ଫିଲ ସଲ୍ଟ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ସେହିପରି ୪ ଓଭର ବୋଲିଂ କରି ୨୪ ରନ ଦେଇ ମୂଲ୍ୟବାନ ୩ ୱିକେଟ ଅକ୍ତିଆର କରିଥିବା ୱେଷ୍ଟଇଣ୍ଡିଜ ସ୍ପିନର ଗୁଦାକେଶ ମୋତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୧୯.୩ ଓଭରରେ ୧୩୨ ରନକରି ଅଲଆଉଟ ହୋଇଥିଲା । ଜବାବରେ ୱେଷ୍ଟଇଣ୍ଡିଜ୍ ୧୯.୨ ଓଭରର ୬ ୱିକେଟ ହରାଇ ୧୩୩ ରନକରି ସହଜରେ ବିଜୟୀ ହୋଇଥିଲା । ଦଳ ତରଫରୁ ସାଇ ହୋପ୍ ୪୩ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶେରଫାନ୍ ରଦରଫର୍ଡ ୩୦, ଜନସନ ଚାର୍ଲ୍ସ ୨୭, ନିକୋଲାସ ପୁରନ ୧୦ ରନ ସଂଗ୍ରହ କରିଥିଲେ । ବୋଲିଂରେ ଇଂଲଣ୍ଡ ତରଫରୁ ରିସ୍ ଟୋପଲେ ଓ ଆଦିଲ ରସିଦ ୨ଟି ଲେଖାଏ, କ୍ରିସ୍ ୱକ୍ସ ଓ ସାମ କୁରାନ ଗୋଟିଏ ଲେଖାଏ ୱିକେଟ ନେଇଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ତରଫରୁ ସଲ୍ଟ ସର୍ବାଧିକ ୩୮, ଲିଅମ ଲିଭିଂଷ୍ଟୋନ ୨୮, ମୋଇନ ଅଲି ୨୩, କୁରାନ ୧୨, ଅଧିନାୟକ ଜୋଶ ବଟଲର ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜ ପାଇଁ ମୋତି ୩, ଆନ୍ଦ୍ରେ ରସେଲ, ଅକିଲ ହୋସେନ ଓ ଜାସନ ହୋଲ୍ଡର ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।

## ସର୍ବଭାରତୀୟ କରାଟେ ପ୍ରତିଯୋଗିତା ଆରମ୍ଭ



ଭୁବନେଶ୍ୱର, ୨୨।୧୨ (ସମିସ): ସ୍ଥାନୀୟ କରାଟେ ସ୍କୁଲ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୧୩ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତା । ଦେଶର ବିଭିନ୍ନ ପ୍ରାନ୍ତରୁ ୮୫୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଉଦଘାଟନୀ ଦିବସରେ ବରିଷ୍ଠ ମହିଳା ଓ ପୁରୁଷ, ୨୧ ବର୍ଷରୁ କମ୍ ମହିଳା ଓ ପୁରୁଷ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି । ଏହି ପ୍ରତିଯୋଗିତା ବେଶ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇପାରିଛି । ଏଭଳି ପ୍ରତିଯୋଗିତା କରାଟେ ଖେଳର ଗୁଣାତ୍ମକମାନରେ ବୃଦ୍ଧି ହେବା ସହ ଏହାର ପ୍ରୋତ୍ସାହନ କରିବ ବୋଲି ସୁକୋକାଇ କରାଟେ ଡୋ ୟୁନିଅନର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି ।

## ନଗେଶ ଟ୍ରଫି: ଗ୍ରୁପ ଶୀର୍ଷରେ ଓଡ଼ିଶା



କଟକ,୨୨।୧୨(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିର ଲିଗ ପର୍ଯ୍ୟାୟରେ ଓଡ଼ିଶା ଅପରାଜେୟ ରହିଛି । ଏଥି ସହିତ ଗ୍ରୁପ-ସି'ର ଶୀର୍ଷ ସ୍ଥାନ ବଜାୟ ରଖିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । କେରଳର ଓଭାଲ ପ୍ୟାଲେସ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦଳ ୯ ୱିକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରପ୍ରଦେଶ ମାତ୍ର ୬୪ରନରେ ଅଲଆଉଟ ହୋଇଥିଲା । ଦେବରାଜ ବେହେରା ୩ଟି ୱିକେଟ ହାସଲ କରିଥିବା ବେଳେ ଲିଙ୍ଗରାଜ ରାଉତରା, ଲାଲପ୍ରସାଦ ସୋରେନଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା । ଅଧିନାୟକ ସୁଖରାମ ମାଝୀ ୩ଟି ରନଆଉଟ କରିଥିଲେ । ଗୋଟିଏ ୱିକେଟ ହରାଇ ୪.୫ ଓଭରରେ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଲାଲପ୍ରସାଦ ସୋରେନ ୩୫ରନ, ସୁକଦେବ ସୋରେନ ୧୩ରନ କରିଥିଲେ । ୧୨ରନ ବିନିମୟରେ ୩ ୱିକେଟ ଦଖଲ କରିଥିବା ଦେବରାଜଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ତେବେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଛି । ଫେବୃୟାରୀ ୨୮ରୁ ନାଗପୁରରେ କ୍ୱାର୍ଟରଫାଇନାଲ ରାଉଣ୍ଡ ଖେଳାଯିବ ।

## କର୍ପୋରେଟ କ୍ରିକେଟ ଲିଗ୍ ଆରମ୍ଭ



ଭୁବନେଶ୍ୱର, ୨୨।୧୨ (ସମିସ): ଚାରିଟେବଲ କର୍ପୋରେଟ କ୍ରିକେଟ ଲିଗ୍ (ସିସିସିଏଲ)ର ୧୪ତମ ସଂସ୍କରଣ ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ପଡ଼ିଆରେ ଶୁକ୍ରବାର ଆରମ୍ଭ ହୋଇଛି । କର୍ପୋରେଟ ଦଳଗୁଡ଼ିକୁ ନେଇ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଆଇଡିବିଆଇର ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ କୁନ୍ତଳ ବିଶ୍ୱାସ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି । ଉଇଫରୟୁ ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗ୍‌ରେ ୧୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ ଛବ୍, ଟିପିସିଓଡିଏଲ୍, ଉଇଫରୟୁ ଆଦିତ୍ୟ ଗ୍ରୁପ୍, ମିଡିଆ ଏକାଦଶ, ଖୀମ୍‌ଜୀ ଏକାଦଶ ବିଜୟ ହାସଲ କରିଛନ୍ତି । ଟିପିସିଓଡିଏଲ୍ ପ୍ରଥମ ଦିନରେ ୩ଟି ମ୍ୟାଚ୍ ବିଜୟୀ ହୋଇଛି ।

## କିଟ୍-କିସ୍, ଓଡ଼ିଶା ଏଫସି, ସ୍ପୋର୍ଟସ ଓଡ଼ିଶା ବିଜୟୀ

କଟକ,୨୨।୧୨(ସମିସ): ସ୍ଥାନୀୟ ବିଡାନାସୀ ଗ୍ରାଉଣ୍ଡରେ ଶୁକ୍ରବାର ଫାଓ ୟୁଥ ଲିଗ୍‌ର ୧୫ବର୍ଷରୁ କମ୍ ବୟସ ବର୍ଗର ୩ଟି ମ୍ୟାଚ୍ ଖେଳାଯାଇଛି । କିଟ୍-କିସ୍, ଓଡ଼ିଶା ଏଫସି ଏବଂ ସ୍ପୋର୍ଟସ ଓଡ଼ିଶା ବିଜୟୀ ହୋଇଛନ୍ତି । କିଟ-କିସ୍ ୮-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଥିଲା । ଦଳର ଡିଫେଣ୍ଡର ଦେବାଶିଷ ମୁର୍ମୁ ୪ଟି ଗୋଲ ସ୍କୋର କରିଥିଲେ । ସେହିପରି ସ୍ପୋର୍ଟସ ଓଡ଼ିଶା ୩-୦ ଗୋଲରେ ଆରଡୋର ଫୁଟବଲ ଏକାଡେମୀକୁ ହରାଇଥିଲା । ସୁମିତ ଲାକ୍ରା, ଆକାଶ ସାହୁ ଏବଂ ନରେଶ କୁମାର ଧାନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଓଡ଼ିଶା ଏଫସି ୨-୦ ଗୋଲରେ ଚାନ୍ଦ କ୍ଲବକୁ ହରାଇଥିଲା । ଶିବ ପ୍ରସାଦ ଟୁଡୁ ଏବଂ ସଞ୍ଜୟ ହାଁସଦା ଗୋଟିଏ ଲେଖାଏ ଗୋଲ ଦେଇଥିଲେ ।

## ଦୃଷ୍ଟିବାଧିତ ଗୋଲବଲ୍ ଖେଳାଳିଙ୍କ ଅନ୍ତୁଡ଼ିଶାଳ ହେବ ଓଡ଼ିଶା

ଭୁବନେଶ୍ୱର, ୨୨ ।୧୨ (ସମିସ)

ଲୋକପ୍ରିୟ ପାରାଅଲିମ୍ପିକ କ୍ରୀଡ଼ା ଗୋଲବଲ୍ ଓଡ଼ିଶାରେ ପଦାର୍ପଣ କରିଛି । କେବଳ ଦୃଷ୍ଟିବାଧିତଙ୍କ କ୍ରୀଡ଼ା ଭାବେ ପରିଚିତ 'ଗୋଲ୍‌ବଲ୍' ରାଜ୍ୟରେ ପଦାର୍ପଣ ଫଳରେ ଖେଳାଳିଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବୁଲ୍ସଆଇ'କୁ ଏନେଇ ସର୍ବଭାରତୀୟ ସ୍ୱୀକୃତି ମିଳିଛି । ନୂଆଦିଲ୍ଲୀସ୍ଥିତ ସର୍ବଭାରତୀୟ ଗୋଲ୍‌ବଲ୍ ମହାସଂଘ ପକ୍ଷରୁ ଓଡ଼ିଶାର ସର୍ବପ୍ରଥମ ଅନୁଷ୍ଠାନ ଭାବେ ବୁଲ୍ସଆଇକୁ ଏହି ସ୍ୱୀକୃତି ଦିଆଯାଇଛି । ଏହି ଅବସରରେ ଐତିହ୍ୟ କୀର୍ତ୍ତିସ୍ଥଳ ରାଜାରାଣୀ ପରିସରରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଗୋଲ୍‌ବଲ୍ ଖେଳାଳିମାନେ ପୋଡ଼କାଟି ଖୁସି ମନାଇଥିଲେ ।

ଆଗାମୀ ଦିନରେ ଏହି ପାରାଅଲିମ୍ପିକ୍ସ କ୍ରୀଡ଼ା ରାଜ୍ୟର ଖେଳାଳିଙ୍କ ମଧ୍ୟରେ ଉନ୍ମାଦନା ଭରିବ ବୋଲି ବୁଲ୍ସଆଇ'ର ସାଧାରଣ ସମ୍ପାଦକ ସ୍ୱରାଜ କୁମାର ସିଂ ଆଶା ପ୍ରକଟ କରିଛନ୍ତି । ସେହିଭଳି ଅଧ୍ୟକ୍ଷ ତ୍ରିଲୋଚନା ବେଉରା କହିଛନ୍ତି, 'ଗୋଲ୍‌ବଲ୍ ଖେଳ ରାଜ୍ୟର ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଏକ ଆଶୀର୍ବାଦ ସଦୃଶ ହେବ । ଓଡ଼ିଶା ଦୃଷ୍ଟିବାଧିତ ଖେଳାଳିଙ୍କ ଅନ୍ତୁଡ଼ିଶାଳ ହେବାକୁ ଯାଉଛି । ଓଡ଼ିଶାର ଏହି ଖେଳାଳିମାନଙ୍କୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଆମର ମୂଳଲକ୍ଷ୍ୟ ହେବ' । ଏହି ଅବସରରେ ଚିନ୍ମୟୀ ଫାଉଣ୍ଡେସନର ପ୍ରତିଷ୍ଠାତା ସନ୍ତୋଷୀ ଜୈନ ଓ ବାଲୁକାଶିଳ୍ପୀ ସୁବଳ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ଭଲିବଲ୍ ସଦୃଶ୍ କୋର୍ଟରେ ଗୋଲ୍‌ବଲ୍ ଖେଳାଯାଇଥାଏ । ଏଥିରେ ଗୋଟିଏ ଦଳରେ ୩ଜଣ ଖେଳାଳି ରହିଥାନ୍ତି । ଗୋଟିଏ ଦଳର ଖେଳାଳି ଅପରପାଶ୍ୱର୍ରେ ଥିବା ପ୍ରତିପକ୍ଷର ଗୋଲ୍‌ପୋଷ୍ଟକୁ ବଲ୍ ଫିଙ୍ଗି ସ୍କୋର କରିବାକୁ ଚେଷ୍ଟା କରିଥାନ୍ତି । ଏଥିରେ ମୁଖ୍ୟତଃ ହାତ, କାନ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।



## ରାଜ୍ୟ କନିଷ୍ଠ ବାସ୍କେଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

କଟକ, ୨୨।୧୨ (ସମିସ)

କଟକ ବାରବାଟୀ ଷ୍ଟାଡିୟମ୍ ପରିସରରେ ୬୦ତମ ରାଜ୍ୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ରାଜ୍ୟର ୨୬ଟି ବାଳକ ଓ ୨୦ଟି ବାଳକ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି । ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଏହି ପ୍ରତିଯୋଗିତା ୪ ଦିନ ଧରି ଅନୁଷ୍ଠିତ ହେବ ଓ ଆସନ୍ତା ୨୫ରେ ଏହାର ଫାଇନାଲ ମ୍ୟାଚ୍ ଖେଳାଯିବ । ଶୁକ୍ରବାର ଏହି ପ୍ରତିଯୋଗିତାକୁ କଟକ ବାରବାଟୀ ବିଧାୟକ ମହମ୍ମଦ୍ ମୋକିମ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବାସ୍କେଟବଲ ସଂଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଦ୍ୱାରକା ମହାନ୍ତି, ନିରଞ୍ଜନ ଯାଦବ, ଶରତଚନ୍ଦ୍ର ମହାପାତ୍ର ଓ ମହମ୍ମଦ୍ ଆକମଲ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସଂଘ ସମ୍ପାଦକ ଅଶୋକ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



## ଏକଲବ୍ୟ ପୁରସ୍କାର ପ୍ରଦାନ ୨୭ରେ

ଭୁବନେଶ୍ୱର, ୨୨।୧୨ (ସମିସ): ୩୧ତମ ଏକଲବ୍ୟ ପୁରସ୍କାର ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୭ରେ ଅନୁଷ୍ଠିତ ହେବ । ଚଳିତବର୍ଷ ଟେନିସ ଖେଳାଳି ଦେବାଶିଷ ସାହୁ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କ ବ୍ୟତୀତ ଦୌଡ଼କୁଦ ତାରକା ବାପି ହାଁସ୍‌ଦା ଓ ଭାରୋତ୍ତୋଳନକାରୀ ଜ୍ୟୋତ୍ସ୍ନା ଶବରଙ୍କୁ ସମ୍ମାନିତ କରାଯିବା ଲାଗି ମନୋନୀତ କରାଯାଇଛି । ୧୯୮୩ରେ ଭାରତକୁ ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ କରାଇବାରେ ମୁଖ୍ୟଭୂମିକା ଗ୍ରହଣ କରିଥିବା ଅଲରାଉଣ୍ଡର ମଦନଲାଲ୍ ଏହି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେବେ । ପ୍ରାକ୍ତନ ରଣଜୀ ଖେଳାଳି ପୱନ ଅଗରୱାଲ ସମ୍ମାନିତ ଅତିଥି ରହିବେ ବୋଲି ଆୟୋଜକ ଇମ୍ପାକ୍ଟ ପକ୍ଷରୁ ସୂଚନା ଦିଆଯାଇଛି ।

**ଏକମାତ୍ର ମହିଳା ଟେଷ୍ଟ: ଦୀପ୍ତି, ଜେମିମାଙ୍କ ଦମ୍‌ଦାର ବ୍ୟାଟିଂ**

# ଅଷ୍ଟ୍ରେଲିଆ ବିପକ୍ଷରେ ଦୃଢ଼ସ୍ଥିତିରେ ଭାରତ

ମୁମ୍ବଇ, ୨୨ ।୧୨ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟ ମ୍ୟାଚରେ ଭାରତ ପ୍ରଥମ ପାଳିରେ ଦମ୍‌ଦାର ବ୍ୟାଟିଂ କରିଛି । ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୨୧୯ ରନ ଜବାବରେ ଭାରତ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ୍ ହରାଇ ୩୭୬ ରନର ସମ୍ମାନଜନକ ସ୍କୋର କରିଛି । ଘରୋଇ ଭାରତ ଏଥିସହ ୩ ୱିକେଟ୍ ବଳକା ଥାଇ ୧୫୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଛି । ଭାରତୀୟ ପାଳିରେ ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ସେଜ ଓ ଦୀପ୍ତି ଶର୍ମାଙ୍କ ଅର୍ଦ୍ଧଶତକୀୟ ପାଳି ସବୁଠାରୁ ଉଲ୍ଲେଖନୀୟ ଘଟଣା ରହିଥିଲା ।


ସ୍ମୃତି ମନ୍ଧାନା,

ଅଷ୍ଟ୍ରେଲିଆର ୨୧୯ ରନ ଜବାବରେ ଘରୋଇ ଭାରତ ପ୍ରଥମ ପାଳି ଆରମ୍ଭ କରି ପ୍ରଥମ ଦିବସ ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୯୮ ରନ ସଂଗ୍ରହ କରିଥିଲା । ଏହି ଅସମାପ୍ତ ସ୍କୋରରୁ ଶୁକ୍ରବାର ଦ୍ୱିତୀୟ ଦିବସ ଆରମ୍ଭ କରି ୭ ରନ୍ ବ୍ୟବଧାନରେ ସ୍ନେହ ରାଣା ଓ ମନ୍ଧାନାଙ୍କ ୱିକେଟ୍ ହରାଇଥିଲା । ରାତ୍ର ଜଗୁଆଳ ଭାବେ ଆସିଥିବା ସ୍ନେହ ୯ ରନ କରି ଆସଲେଘ ଗାର୍ଡନରଙ୍କ ଶିକାର ବନିଥିଲେ । ସେହିଭଳି ଓପନିଂରୁ ଧୈର୍ଯ୍ୟର ସହ ଖେଳୁଥିବା ଅଭିଜ୍ଞ ଓପନର୍ ମନ୍ଧାନା ୭୪ ରନ କରିଥିବାବେଳେ ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ । ମନ୍ଧାନା ୧୦୬ ବଲ୍‌ର ଏହି ପାଳିରେ ୧୨ଟି ଚୌକା ମାରିଥିଲେ । ଭାରତ ୧୪୭ ରନରେ ୩ ୱିକେଟ୍ ହରାଇବାପରେ ଦୁଇ ନବାଗତ ବ୍ୟାଟର୍ ରିଚା ଘୋଷ ଓ ଜେମିମା ରୋଡ୍ରିଗ୍ସେଜ ପାଳି ସଜାଡ଼ିଥିଲେ । ଉଭୟ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିବା ସହ ୪ର୍ଥ ୱିକେଟ୍‌ରେ ୧୧୩ ରନର ଭାଗୀଦାରି ଗଢ଼ିଥିଲେ । ଫଳରେ ଭାରତ ଅଗ୍ରଣୀ ହାସଲ ସହ ସ୍କୋର ଅଢ଼େଇଶହ ରନ ଅତିକ୍ରମ କରିଥିଲା । ଏଠାରେ ଟେଷ୍ଟ ପଦାର୍ପଣ କରିଥିବା ରିଚା ୭ ଚୌକା ସହାୟତାରେ ୧୦୪ ବଲରୁ ୫୨ ରନ କରି ଦ୍ରୁତ ବୋଲର କିମ୍ ଗାର୍ଥଙ୍କ ବଲରେ ଆଉଟ୍ ହୋଇଥିଲେ । ପରବର୍ତ୍ତୀ ଦୁଇ ଖେଳାଳି ଅଧିନାୟିକା ହର୍‌ମନପ୍ରୀତ୍ କୌର (୦) ଓ ୱିକେଟ୍‌ରକ୍ଷକ ୟସ୍ତିକା ଭାଟିଆ (୧) ସଅଳ ବିଦାୟ ନେବା ଫଳରେ ଭାରତ ପୁଣିଥରେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା । ଏହି ସମୟରେ ୯ ଚୌକା ସହ ୭୩ ରନ କରି ଖେଳୁଥିବା ଜେମିମା ମଧ୍ୟ ଆଉଟ୍ ହୋଇଥିଲେ । ଫଳରେ ଏକଦା ୨୬୦ ରନରେ ୩ ୱିକେଟ୍ ହରାଇଥିବା ଭାରତୀୟ ମହିଳା ଦଳ ୨୭୪ ରନରେ ୭ ୱିକେଟ୍ ହରାଇ ସଙ୍କଟରେ ପଡ଼ିଯାଇଥିଲା । କିନ୍ତୁ ଦୀପ୍ତି ଶର୍ମା ଓ ପୂଜା ବସ୍ତ୍ରାକାର ଅସମାପ୍ତ ୮ମ ୱିକେଟ୍‌ରେ ୧୦୨ ରନର ଶତକୀୟ ଭାଗୀଦାରି କରିବା ଯୋଗୁ ଭାରତ ଷ୍ଟମ୍ପ ସୁଦ୍ଧା ୧୧୯ ଓଭରରେ ୭ ୱିକେଟ୍‌ରେ ୩୭୬ ରନ କରିଛି । ଖେଳ ଶେଷବେଳକୁ ଦୀପ୍ତି ୭୦ ଓ ପୂଜା ୩୩ ରନ କରି ଖେଳୁଛନ୍ତି । ଭାରତ ୩ ୱିକେଟ୍ ବଳକା ଥାଇ ୧୫୭ ରନରେ ଅଗ୍ରଣୀ ହାସଲ କରିବା ସହ ମ୍ୟାଚରେ ଡ୍ରାଇଭର୍ ସିଟ୍‌ରେ ବସିଛି । ଅଷ୍ଟ୍ରେଲିଆ ପକ୍ଷରୁ ଅଫ୍-ସ୍ପିନର ଗାର୍ଡନର ସର୍ବାଧିକ ୪ଟି ୱିକେଟ୍ ନେଇଛନ୍ତି ।


ଦୀପ୍ତି ଶର୍ମା

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ପାଳି: ୨୧୯/୧୦

ଭାରତ ପ୍ରଥମ ପାଳି: ୩୭୬/୭, ୧୧୯ ଓଭର (ମନ୍ଧାନା- ୭୪, ଜେମିମା- ୭୩, ଦୀପ୍ତି- ୭୦*, ରିଚା- ୫୨, ହର୍‌ମନପ୍ରୀତ୍- ୦, ଗାର୍ଡନର- ୪/୧୦୦) ।

## କଟକରେ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ ରବିବାର

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମ ଟିକଟ

ଭୁବନେଶ୍ୱର, ୨୨।୧୨ (ସମିସ): କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ପେସାଦାର ଖୋ ଖୋ ପ୍ରତିଯୋଗିତା ଅଲଟିମେଟ୍ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆସନ୍ତା ୨୪ ତାରିଖ ରବିବାରଠାରୁ ଆରମ୍ଭ ହେବ। ଏହି ଅବସରରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରତିଯୋଗିତାର ପ୍ରଥମ ଟିକଟ ପ୍ରଦାନ କରାଯାଇଛି। ଖୋ ଖୋ ଲିଗ୍ କମିସନର ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତେନଜିଙ୍ଗ ନିୟୋଗୀ ଶୁକ୍ରବାର ଏହି ଟିକଟ୍‌କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରଦାନ କରିଥିଲେ। କଟକର ଜେଏନ ଇଣ୍ଡୋର ଷ୍ଟାଡିୟମ୍‌ରେ ଫ୍ରାଞ୍ଚାଇଜ୍‌ଭିତ୍ତିକ ୬ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଆସନ୍ତା ୨୪ରୁ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ ଓଡ଼ିଶା ସରକାରଙ୍କ ମାଲିକାନାରେ ଥିବା ତଥା ଡିଫେଣ୍ଡିଂ ଚାମ୍ପିଅନ୍ ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ମୁକାବିଲା ହେବ।

ପ୍ରଥମ ଟିକଟ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ, ଭାରତର ପାରମ୍ପରିକ ଖେଳ ଖୋ ଖୋ'ର ପ୍ରୋତ୍ସାହନ ଆମଲାଗି ଗୁରୁତ୍ୱପୂର୍ଣ୍ଣ। ଏଭଳି ଏକ ମୁହୂର୍ତ୍ତରେ ଅଲଟିମେଟ ଖୋ ଖୋ ଲିଗ୍ ଏହି ଖେଳକୁ ଉପଭୋଗ କରିବା ଓ ଏହାକୁ ଗ୍ରହଣ କରିବା ଲାଗି ଏକ ସୁଯୋଗ ଦେଇଛି। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ମୁଁ ଶୁଭେଚ୍ଛା ଜଣାଉଛି।



ଓଡ଼ିଶାରେ ସେମାନଙ୍କ ରହଣି ଶ୍ରେଷ୍ଠ ଓ ସ୍ମରଣୀୟ ହେଉ' ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଲଟିମେଟ ଖୋ ଖୋ ଆମକୁ ନବୀନ ପଟ୍ଟନାୟକଙ୍କ ଭଳି ଖେଳପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ଦେଇଛି ବୋଲି ଲିଗ୍ କମିଶନର ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତେନ୍‌ଜିଂ ନିୟୋଗୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅଲଟିମେଟ ଖୋ ଖୋ ଲିଗ୍ ଦ୍ୱିତୀୟ ସଂସ୍କରଣର ପ୍ରଥମ ଟିକଟ ପ୍ରଦାନ କରି ଆମେ ବେଶ ଉତ୍ସାହିତ। ଭାରତରେ କ୍ରୀଡ଼ାର ବିକାଶ ଲାଗି ଓଡ଼ିଶା ଏବେ ପ୍ଲାଟଫର୍ମ ସାଜିଛି। ଅଲଟିମେଟ ଖୋ ଖୋ ଲିଗ୍ ସହ ଅନେକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରି ଖେଳକୁ ଏକ ନୂଆ ସୋପାନରେ ପହଞ୍ଚାଇଛି। ଏ ସବୁ ସମ୍ଭବ ହୋଇପାରିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଲାଗି। ସେ କ୍ରୀଡ଼ା ବିକାଶର ଏକ ନୂଆ ଧାରା ଆରମ୍ଭ କରିଛନ୍ତି ବୋଲି ନିୟୋଗୀ କହିଛନ୍ତି। ଓଡ଼ିଶାରେ ଆମେ ଖୋ ଖୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆୟୋଜନ କରି ବେଶ ଉତ୍ସାହିତ ଓ ଯୁବପିଢ଼ି ଏହି ଖେଳକୁ ଉପଭୋଗ କରିବା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ଡିସେମ୍ବର ୨୪ରୁ ଆସନ୍ତାବର୍ଷ ଜାନୁଆରୀ ୧୩ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ୬ଟି ଦଳ ଯଥା ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ, ଚେନ୍ନଇ କ୍ୱିକ୍ ଗନ୍ସ, ଗୁଜରାଟ ଜାଏଣ୍ଟସ, ମୁମ୍ବାଇ ଖିଲାଡିସ୍, ରାଜସ୍ଥାନ ୱାରିୟର୍ସ ଓ ତେଲୁଗୁ ଯୋଦ୍ଧାସ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଜଗରନଟ୍ସକୁ ହରାଇବା ଲାଗି ଅନ୍ୟଦଳଗୁଡ଼ିକ ବେଶ ଆଗ୍ରହ ପ୍ରକାଶ କରିଥିବା ଜଣାଯାଇଛି। କଟକରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

● ଭାରତ-ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍ ୨୬ରୁ

## ସ୍ୱଦେଶ ଫେରିଲେ କୋହଲି; ବାଦ୍ ପଡ଼ିଲେ ଗାଏକ୍ୱାଡ୍

ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଆଉ ୪ ଦିନ ବାକିଥିଲାବେଳେ ଭାରତୀୟ ଦଳର ପ୍ରମୁଖ ବ୍ୟାଟର ବିରାଟ କୋହଲି ଶୁକ୍ରବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବ୍ୟକ୍ତିଗତ କାରଣରୁ ସେ ସ୍ୱଦେଶ ଆସିଛନ୍ତି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। କିନ୍ତୁ ଡିସେମ୍ବର ୨୬ରେ ପ୍ରଥମ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ସେ ଭାରତୀୟ ଦଳ ସହ ଯୋଗଦେବେ ବୋଲି ବିସିସିଆଇ କହିଛି। ଦିନିକିଆ ବିଶ୍ୱକପ୍ ପରେ କୋହଲିଙ୍କୁ ଅନ୍ୟ ସମସ୍ତ ଫର୍ମାଟରୁ ବିଶ୍ରାମ ଦିଆଯାଇଥିଲା। ରିଜର୍ଭ ଓପନର ଭାବେ ଦଳରେ ସାମିଲ ହୋଇଥିବା ଋତୁରାଜ ଗାଏକ୍ୱାଡଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦକ୍ଷିଣ ଆଫ୍ରିକା ସହ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ସେ ଆହତ ହୋଇଥିଲେ। ଏବେ ତାଙ୍କୁ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀକୁ ପଠାଇଦିଆଯାଇଛି। ତାଙ୍କ ସ୍ଥାନରେ ଅଭିମନ୍ୟୁ ଈଶ୍ୱରନଙ୍କୁ ସାମିଲ କରାଯାଇଛି।

## ଦିଲୀପ ତିର୍କିଙ୍କୁ ପିଏଚ୍‌ଡି



ଭୁବନେଶ୍ୱର,୨୨।୧୨(ସମିସ): ହକି ଇଣ୍ଡିଆ ସଭାପତି ତଥା ଭାରତୀୟ ପୂର୍ବତନ ହକି ଅଧିନାୟକ ଦିଲୀପ ତିର୍କିଙ୍କୁ ଆଉ ଏକ ସମ୍ମାନ ମିଳିଛି। ଗୁରୁବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ତରଫରୁ ୪୬ ବର୍ଷୀୟ ଦିଲୀପ୍‌ଙ୍କୁ କ୍ରୀଡ଼ା ବିଜ୍ଞାନରେ ସମ୍ମାନଜନକ ପିଏଚ୍‌ଡି ଅର୍ଥାତ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଭାରତୀୟ ହକିରେ ପର୍ଯ୍ୟାପ୍ତ ପ୍ରଭାବ ତଥା ହକିର ପ୍ରଗତିରେ ଅକୁଣ୍ଠିତ ସମର୍ପଣ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ହାରିଲା ଓଡ଼ିଶା

କଟକ,୨୨।୧୨(ସମିସ): ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଅନ୍ତିମ ଲିଗ ମ୍ୟାଚରେ ଓଡ଼ିଶା ଶୋଚନୀୟ ଭାବେ ପରାସ୍ତ ହୋଇଛି। ଏଥି ସହିତ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଏଲିଟ ଗ୍ରୁପ-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୫ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ଟି ପରାଜୟ ଏବଂ ୨ଟି ଅମୀମାଂସିତ ସହ ୯ ପଏଣ୍ଟ ହାସଲ କରି ପଏଣ୍ଟ ସାରଣୀର ୫ମ ସ୍ଥାନରେ ରହିଛି। ଗୌହାଟୀର ଆଇକନ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯାଉଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ତାମିଲନାଡୁ ଇନିଂସ୍ ଓ ୨୫ରନରେ ଓଡ଼ିଶାକୁ ହରାଇଛି। ଓଡ଼ିଶାର ପ୍ରଥମ ଇନିଂସ୍ ୭୨ରନରେ ସୀମିତ ରହିଥିଲା। ଜବାବରେ ତାମିଲନାଡୁ ସମସ୍ତ ୱିକେଟ ହରାଇ ୨୧୫ରନ କରିଥିଲା। ପ୍ରଥମ ଇନିଂସ୍ ଭଳି ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସ୍ ୧୪୩ରନ ପଛରେ ରହି ଶୁକ୍ରବାର ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ୧୧୮ ରନରେ ଅଲଆଉଟ ହୋଇଥିଲା।

## ଜାତୀୟ ସ୍କୁଲ ରଗ୍‌ବୀ, ଭଲିବଲ୍ ଆରମ୍ଭ



ଭୁବନେଶ୍ୱର, ୨୨।୧୨ (ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ା (ଏନ୍‌ଏସ୍‌ଜି) ରଗ୍‌ବୀ ଓ ଭଲିବଲ୍ ଚାମ୍ପିଅନସିପ୍ ଆରମ୍ଭ ହୋଇଯାଇଛି। ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍‌ଙ୍କ ସଭାପତିତ୍ୱରେ ବିଭାଗୀୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ୧୪ ବର୍ଷରୁ କମ୍ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶରଣଜିତ୍ ସିଂ, ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୩୫ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୨୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି।

## ଅଞ୍ଜନଙ୍କୁ ଓସିଏର ଶୁଭେଚ୍ଛା

କଟକ,୨୨।୧୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସଦସ୍ୟ ତଥା ମୁଖ୍ୟ ପିଚ୍ କ୍ୟୁରେଟର ଅଞ୍ଜନ କୁମାର ଖୁଣ୍ଟିଆ ପିଏଚ୍‌ଡି ଲାଭ କରିଛନ୍ତି। ଶାରୀରିକ ଶିକ୍ଷାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ଏହି ଡିଗ୍ରୀ ପ୍ରାପ୍ତ ହୋଇଛି। 'ଏ ସର୍ଭେ ଅଫ୍ ସାଇକୋଲୋଜିକାଲ ଡିମାଣ୍ଡସ ଅଫ ହାଇ ଲେଭଲ ପର୍ଫମାନ୍ସ ଇନ୍ କ୍ରିକେଟ ଆଜ ପରସିଭଡ ବାୟ ଦି ଏକ୍ସପେରିଏନ୍ସଡ କୋଚେସ୍ ଆଣ୍ଡ ପ୍ଲେୟାର୍ସ' ବିଷୟରେ ସେ ଥେସିସ ପ୍ରସ୍ତୁତ କରି ଏହି ସଫଳତା ପାଇଛନ୍ତି। ଡଃ ଖୁଣ୍ଟିଆ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଡଃ ଅଞ୍ଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର